# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଏପ୍ରିଲ ୯/୨୦୨୧ (୧୬ ପୃଷ୍ଠା) | Balasore, Friday, April 9/2021 | ★★★★

୪୭ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ପିଲାବେଳୁ ଆକ୍ସନ୍ ସିନ୍ ପସନ୍ଦ

୩୮ ବର୍ଷ ପୂରଣ କରିଥିବା ସାଉଥ ଫିଲ୍ମ ଷ୍ଟାର୍ ଆଲ୍ଲୁ ଅର୍ଜୁନଙ୍କୁ ପିଲାବେଳୁ ଆକ୍ସନ ସିନ୍ ପସନ୍ଦ। ଦାମୀ କାର୍ ଚଳାଇବା ତାଙ୍କର ସୌକ।

୧୪

୧୬

## ବିଷ୍ଣୁ ସରଭାନନଙ୍କୁ ଅଲିମ୍ପିକ୍ସ ଟିକେଟ

ଭାରତୀୟ ସେଲର ବିଷ୍ଣୁ ସରଭାନନ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ପ୍ରଥମଥରପାଇଁ ଦେଶର ୪ ସେଲର ଅଲିମ୍ପିକ୍ସ ଟିକେଟ ପାଇଛନ୍ତି।



# ମିଶନ ଶକ୍ତିକୁ ମିଳିବ ଅବ୍ୟବହୃତ ସରକାରୀ ସମ୍ପତ୍ତି

ଭୁବନେଶ୍ୱର,୮।୪(ବ୍ୟୁରୋ)

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା



ନବୀନ ପଟ୍ଟନାୟକ

୨ ମାସରେ ହସ୍ତାନ୍ତର କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ରାଜ୍ୟରେ ମିଶନ ଶକ୍ତିକୁ ଅଧିକ ସଶକ୍ତ କରିବାକୁ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ରାଜ୍ୟର ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ସମ୍ପୃକ୍ତ ଜିଲାର ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଥିବା ମିଶନ ଶକ୍ତି ସହାସଂଘକୁ ପ୍ରଦାନ କରାଯିବ। ଜମି ହସ୍ତାନ୍ତର କାର୍ଯ୍ୟ ୨ମାସ ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଜିଲାପାଳଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲାଗୁଡ଼ିକରେ ଅନେକ ଅବ୍ୟବହୃତ ସରକାରୀ ସମ୍ପତ୍ତି ଯଥା ସରକାରୀ କୋଠା, ଦୋକାନ ଘର, ଗାଡ଼ିଆ ପୋଖରୀ ଇତ୍ୟାଦି ରହିଛି। ଏଗୁଡ଼ିକର ବ୍ୟବହାର ନିମନ୍ତେ ସମ୍ପୃକ୍ତ ଜିଲା, ବ୍ଲକ ଓ ପଞ୍ଚାୟତରେ ଥିବା ମିଶନ ଶକ୍ତି ମହାସଂଘଗୁଡ଼ିକୁ ଦିଆଗଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏସ୍‌ଜି)ଗୁଡ଼ିକ ଏହାକୁ ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶରେ ଲଗାଇପାରିବେ। ସାଧାରଣ ଲୋକେ ଏହାଦ୍ୱାରା ବିଶେଷ ଉପକାର ପାଇବେ। ମିଶନ ଶକ୍ତିର ମା'ମାନେ ସେସବୁକୁ ଆର୍ଥିକ ବିକାଶରେ ଲଗାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳାମାନଙ୍କ ସଶକ୍ତୀକରଣ ସବୁବେଳେ ତାଙ୍କ ସରକାରର ପ୍ରାଥମିକତା ରହିଆସିଛି। ମିଶନ ଶକ୍ତି ଆଜି ପରିବର୍ତ୍ତନର କର୍ଣ୍ଣଧାର ହୋଇଛି। ମା'ମାନଙ୍କ ଏହି ନୀରବ ଆନ୍ଦୋଳନକୁ ଆହୁରି ମଜଭୁତ କରିବାରେ ଉକ୍ତ ପଦକ୍ଷେପ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗର ମାନ୍ୟତା ଦେଇଛନ୍ତି। ୭୦ ଲକ୍ଷ ମା'ମାନଙ୍କୁ ସଶକ୍ତ କରିବାରେ ଏହା ଆହୁରି ଦକ୍ଷତାର ସହ ସେବା ଯୋଗାଇବ ବୋଲି ଆଶା କରାଯାଉଛି। ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନେଇ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ପିଲାମାନଙ୍କ ପୁଷ୍ଟି କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଧାନ ସଂଗ୍ରହ ଇତ୍ୟାଦି କାର୍ଯ୍ୟରେ ମହିଳାମାନଙ୍କୁ ସାମିଲ କରାଯାଉଛି।

# ଆଜିଠାରୁ ଆଇପିଏଲ୍



ଚେନ୍ନାଇ, ୮।୪

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ୧୪ତମ ସଂସ୍କରଣ ଶୁକ୍ରବାରଠାରୁ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। କରୋନା ମହାମାରୀ ଯୋଗୁ ବିଶ୍ୱର ଏହି ସବୁଠାରୁ ଲୋକପ୍ରିୟ କ୍ରିକେଟ ଲିଗ୍ ଗତବର୍ଷ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ୩ଟି ଭେନ୍ୟୁ ଆବୁଧାବି, ଦୁବାଇ ଓ ଶାରଜାରେ ଅନୁଷ୍ଠିତ ହୋଇଥିଲା। ଏଥର କିନ୍ତୁ ଏହି ବ୍ୟୟବହୁଳ ଲିଗ୍ ଭାରତର ୬ଟି ଭେନ୍ୟୁ ଚେନ୍ନାଇ, ମୁମ୍ବାଇ, ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁ ଓ ଅହମଦାବାଦରେ ଅନୁଷ୍ଠିତ ହେବ। ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମୃତ୍ୟୁ ପାଇଁ ଅଧିକାର

# ବାହାରୁ ଆସିଲେ ଆର୍‌ଟି-ପିସିଆର୍

ଭୁବନେଶ୍ୱର,୮।୪(ବ୍ୟୁରୋ)

## ଏସ୍‌ଆର୍‌ସିଙ୍କ ନୂଆ ଗାଇଡ୍‌ଲାଇନ୍

- ରିପୋର୍ଟ ନ ଥିଲେ ୭ଦିନ କ୍ୱାରାଣ୍ଟାଇନ
- ୧୬ ଜିଲାରେ ଟିଏମ୍‌ସି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ
- ଏପ୍ରିଲ୍ ୧୦ରୁ ୩୦ ଛତିଶଗଡ଼କୁ ଯୋଗାଯୋଗ ବନ୍ଦ
- ବର୍ଡର ଚେକ୍ ପଏଣ୍ଟରେ କଡ଼ା ଚେକିଂ ନିର୍ଦ୍ଦେଶ



ରାଜ୍ୟରେ କରୋନା ସଂକ୍ରମଣକୁ ରୋକିବା ପାଇଁ ଗୁରୁବାର ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)। ବାହାରୁ ଓଡ଼ିଶାକୁ ଆସୁଥିଲେ ବା ଫେରୁଥିଲେ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ବସ୍, ଟ୍ରେନ୍, ବିମାନ, ଜଳପଥ କିମ୍ବା କୌଣସି ଘରୋଇ ଯାନରେ ଓଡ଼ିଶାକୁ ଆସିଲେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ଦେବାକୁ ପଡ଼ିବ। ଏହି ରିପୋର୍ଟ ୭୨ଘଣ୍ଟା ଭିତରେ ହୋଇଥିବା ଆବଶ୍ୟକ। ଦୁଇ ଡୋଜ୍ ଟିକା ନେଇଥିଲେ ମଧ୍ୟ ଓଡ଼ିଶା ପ୍ରବେଶକୁ ଅନୁମତି ମିଳିବ। କିନ୍ତୁ ଏଥିପାଇଁ ଟିକାକରଣ ସାର୍ଟିଫିକେଟ୍ ଦେଖାଇବାକୁ ପଡ଼ିବ। ରିପୋର୍ଟ ନ ଥିଲେ ୭ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ। ଏହି ନିୟମ ଆସନ୍ତା ୧୨ ତାରିଖ ସୋମବାରଠାରୁ ଲାଗୁ ହେବ। ସେହିପରି ରାଜ୍ୟର ୧୬ ଜିଲାରେ ଅସ୍ଥାୟୀ ମେଡିକାଲ ସେଣ୍ଟର(ଟିଏମ୍‌ସି) କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର। ଏସବୁ ଜିଲାରେ ଟିଏମ୍‌ସି ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଛତିଶଗଡ଼ ପାଇଁ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ଆଶଙ୍କା ଥିବାରୁ ପ୍ରଥମେ ସୀମାନ୍ତ ଜିଲାଗୁଡ଼ିକରେ ନାଇଟ୍ କର୍ଫ୍ୟୁ ଜାରି କରାଯାଇଥିବାବେଳେ ଏବେ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ନୂଆ ଗାଇଡ୍‌ଲାଇନ ଅନୁସାରେ, ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସମସ୍ତ ପ୍ରକାର ଯୋଗାଯୋଗକୁ ବନ୍ଦ କରାଯାଇଛି। ଆସନ୍ତା ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ କୌଣସି ଗାଡ଼ି ଯାଇପାରିବ ନାହିଁ କି ଆସିପାରିବ ନାହିଁ। ବର୍ଡର ଚେକ୍ ପଏଣ୍ଟ ଅଞ୍ଚଳରେ କଡ଼ାକଡ଼ି ଚେକିଂ କରିବାକୁ ପରିବହନ କମିଶନର ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ଯେଉଁମାନେ ଅନ୍ୟ ରାଜ୍ୟରୁ ବର୍ଡର ଚେକ୍ ପୋଷ୍ଟ ଦେଇ ଆସିବେ ସେମାନେ ମଧ୍ୟ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ବା ଟିକା ନେଇଥିବା ସାର୍ଟିଫିକେଟ୍ ଦେଖାଇବାକୁ ପଡ଼ିବ। ଅନ୍ୟପଟେ ରାଜ୍ୟର ସମସ୍ତ ଶିଳ୍ପ, ଶିକ୍ଷାନୁଷ୍ଠାନରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବା ପାଇଁ କୁହାଯାଇଛି। ଏହିସବୁ ପ୍ରତିଷ୍ଠାନରେ କରୋନା ପଜିଟିଭ୍ ଚିହ୍ନଟ ବ୍ୟକ୍ତିଙ୍କ ପାଇଁ କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ କେୟାର ହୋମ୍‌ର ବ୍ୟବସ୍ଥା କରିବାକୁ କୁହାଯାଇଛି। ଏଥିପାଇଁ ହେଉଥିବା ଖର୍ଚ୍ଚ ଉକ୍ତ ସଂସ୍ଥାକୁ ବହନ କରିବାକୁ ପଡ଼ିବ। ସେହିଭଳି କୋଭିଡ୍ ପ୍ରୋଟୋକଲ ଉପରେ ଦୈନିକ ରିପୋର୍ଟ ଜିଲାପାଳ ବା ମହାନଗର ନିଗମ କମିଶନରଙ୍କୁ ଦାଖଲ କରିବାକୁ ପଡ଼ିବ। ଦୈନିକ ବୈଠକ କରି ଶିଳ୍ପ ସଂସ୍ଥା, ଶିକ୍ଷା ପ୍ରତିଷ୍ଠାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଉପରେ କରୋନା ସ୍ଥିତି ନେଇ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

# ଯବାନଙ୍କୁ ଛାଡ଼ିଲେ ମାଓବାଦୀ

ରାୟପୁର/ନୂଆଦିଲ୍ଲୀ,୮।୪

### ବିଜାପୁର ଏନ୍‌କାଉଣ୍ଟର ପରଠୁ ଲାଲବାହିନୀ କବ୍‌ଜାରେ ଥିଲେ



ଯବାନ ରାକେଶ୍ୱର ସିଂ ମନ୍‌ହାସଙ୍କ ମୁକ୍ତି ପୂର୍ବରୁ ମାଓବାଦୀଙ୍କ ପ୍ରଜାକୋର୍ଟରେ ତାଙ୍କ ସହ ମଧ୍ୟସ୍ଥ ଓ ଖବରଦାତାମାନେ।



> ଆଜି ମୋ ଜୀବନର ସବୁଠୁ ଖୁସିର ଦିନ। ରାକେଶ୍ୱର ସୁରକ୍ଷିତ ଭାବେ ଫେରିଆସିବେ ବୋଲି ଆଶ୍ୱସ୍ତ ଥିଲି। ସେ ଫେରିଆସିଛନ୍ତି। ସରକାରଙ୍କୁ ଧନ୍ୟବାଦ ଦେଉଛି।
>
> **- ମିନୁ ସିଂ ମନ୍‌ହାସ, ଯବାନ ରାକେଶ୍ୱରଙ୍କ ସ୍ତ୍ରୀ**

ଛତିଶଗଡ଼ର ତେରମ୍ ଜଙ୍ଗଲସ୍ଥିତ ଏନ୍‌କାଉଣ୍ଟର ସ୍ଥଳରୁ ଅପହରଣର ୫ ଦିନ ପରେ ମାଓବାଦୀଙ୍କ କବ୍‌ଜାରୁ ମୁକୁଳିଛନ୍ତି କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) କମାଣ୍ଡୋ ରାକେଶ୍ୱର ସିଂ ମନ୍‌ହାସ। ଜମ୍ମୁ ବାସିନ୍ଦା ରାକେଶ୍ୱରଙ୍କୁ ମାଓବାଦୀମାନେ ମଧ୍ୟସ୍ଥ, ଖବରଦାତା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗୁରୁବାର ଅପରାହ୍ନରେ ନିଃସର୍ତ୍ତ ମୁକ୍ତ କରିଛନ୍ତି। ରାକେଶ୍ୱର ତେରମ୍‌ସ୍ଥିତ ସିଆର୍‌ପିଏଫ୍ ୧୬୮ ବାଟାଲିୟନ୍ କ୍ୟାମ୍ପରେ ପହଞ୍ଚିବା ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ବିଜାପୁର ଜିଲା ବାସାଗୁଡ଼ାରୁ ତାଙ୍କୁ ହେଲିକପ୍ଟରରେ ରାୟପୁର ନିଆଯାଇଛି।

ବସ୍ତର ଅଞ୍ଚଳର ବିଜାପୁର ଓ ସୁକ୍‌ମା ସୀମାନ୍ତବର୍ତ୍ତୀ ତେରମ୍ ଜଙ୍ଗଲରେ ଶନିବାର ମଧ୍ୟାହ୍ନରେ ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ମାଓବାଦୀଙ୍କ ଅତର୍କିତ ଆକ୍ରମଣରେ ୨୨ ଯବାନ ଶହୀଦ ଓ ୩୨ ଆହତ ହୋଇଥିଲେ। ୪ ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କେତେଜଣ ମାଓବାଦୀ ମଧ୍ୟ ନିହତ ହୋଇଥିଲେ। ଏନ୍‌କାଉଣ୍ଟର ପରେ ସିଆର୍‌ପିଏଫ୍‌ର ୨୧୦ତମ କମାଣ୍ଡୋ ବାଟାଲିୟନ୍ ଫର୍ ରିଜୋଲ୍ୟୁଟ୍ ଆକ୍ସନ (କୋବ୍ରା) ବାଟାଲିୟନ୍ କନଷ୍ଟେବଲ ରାକେଶ୍ୱର ସିଂ ମନ୍‌ହାସଙ୍କ ପତ୍ତା ମିଳି ନ ଥିଲା। ପରେ ମାଓବାଦୀମାନେ ରାକେଶ୍ୱର ସେମାନଙ୍କ ପାଖରେ ଥିବା ଦାବି କରିବା ସହ ତାଙ୍କ ମୁକ୍ତି ପାଇଁ ମଧ୍ୟସ୍ଥ ବା ବାର୍ତ୍ତାକାର ନିଯୁକ୍ତ କରିବାକୁ ଏକ ବିବୃତିରେ କହିଥିଲେ। ଏହାସହ ସେମାନଙ୍କ ନିକଟରେ ଯବାନମାନଙ୍କଠାରୁ ☞ପୃଷ୍ଠା-୪

# ୩୦୦ କୋଟି ଟଙ୍କା, ୧୦ ଦିନ ପାଇଁ ଟିକା

ଭୁବନେଶ୍ୱର/ନୂଆଦିଲ୍ଲୀ, ୮।୪(ବୁରୋ)

## କେନ୍ଦ୍ର ଆଗରେ ଓଡ଼ିଶାର ଦାବି

ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

- ୧୧ରୁ ୧୪ ଟିକା ଉତ୍ସବ ପାଇଁ ଆହ୍ୱାନ
- ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଗୁରୁତ୍ୱ

ବିଭିନ୍ନ ରାଜ୍ୟରେ କୋଭିଡ୍-୧୯ର ପୁନଃ ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଓଡ଼ିଶା ପାଇଁ କରୋନା ସଂକ୍ରମଣ ପୁଣି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ମହାମାରୀ ମୁକାବିଲା ଲାଗି ରାଜ୍ୟ ସରକାର କୋଭିଡ୍ ପରିଚାଳନା ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି। ଟିକାକରଣ କାର୍ଯ୍ୟକ୍ରମକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। କୋଭିଡ୍‌ର ଦ୍ୱିତୀୟ ଲହର ମୁକାବିଲା ଲାଗି ୩୦୦ କୋଟି ଏବଂ ୧୦ ଦିନ ଷ୍ଟକ୍ ରଖିବା ଲାଗି ଟିକା ଯୋଗାଇ ଦେବାକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି।

ଦେଶରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭର୍ଚ୍ଚୁଆଲ ବୈଠକରେ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆଗାମୀ ୨-୩ ସପ୍ତାହ ଯୁଦ୍ଧକାଳୀନ ଭିତ୍ତିରେ ସଂକ୍ରମଣ ରୋକିବା ପାଇଁ ଉଦ୍ୟମ କରିବାକୁ ମୋଦି ମୁଖ୍ୟମନ୍ତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଏପ୍ରିଲ ୧୧ରୁ ୧୪ ଟିକା ଉତ୍ସବ ପାଳନ କରି ସର୍ବାଧିକ ଯୋଗ୍ୟ ହିତାଧିକାରୀଙ୍କୁ ଟିକା ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍) ଗାଇଡ୍‌ଲାଇନରେ ୨୦୨୦-୨୧ ଆର୍ଥିକବର୍ଷ ଲାଗି ୫୦% କୋଭିଡ୍ ପରିଚାଳନା ପାଇଁ ଖର୍ଚ୍ଚ ଅନୁମତି ଦେଇଥିଲେ। ଏହାକୁ ୨୦୨୧-୨୨ ଆର୍ଥିକବର୍ଷ ଲାଗି ଅପରିବର୍ତ୍ତିତ ରଖିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ୨୦୨୦-୨୧ରେ ଏମର୍ଜେନ୍ସି କୋଭିଡ୍ ରେସ୍‌ପନ୍ସ ପ୍ଲାନ୍(ଇସିଆରପି)ରୁ ୪୦୦ କୋଟି ଦେବାକୁ ଓଡ଼ିଶା ଅନୁରୋଧ କରିଥିଲା। ତେବେ ସେଥିରୁ କେବଳ ୧୪୬ କୋଟି ଟଙ୍କା ମିଳିଛି। କୋଭିଡ୍-୧୯ର ନୂତନ ସଂକ୍ରମଣ ଆରମ୍ଭ ହୋଇଛି। ଏହାର ପରିଚାଳନା ପାଇଁ ୨୦୨୧-୨୨ ପାଇଁ ଅତିକମ୍‌ରେ ☞ପୃଷ୍ଠା-୪




**ପାକ୍ ସେନାକୁ ସମାଲୋଚନା କଲେ ଜେଲ, ଜରିମାନା**

ପାକିସ୍ତାନରେ ଦେଶର କୌଣସି ନାଗରିକ ସେନାକୁ ସମାଲୋଚନା କଲେ ତାଙ୍କୁ ୨ ବର୍ଷ ଜେଲ କିମ୍ବା ୫ ଲକ୍ଷ ଟଙ୍କା ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ। ପାକିସ୍ତାନ ପାର୍ଲାମେଣ୍ଟର ଆଭ୍ୟନ୍ତରୀଣ ଷ୍ଟାଣ୍ଡିଂ କମିଟି ଏ ସମ୍ପର୍କିତ ବିଲ୍‌କୁ ଅନୁମୋଦନ କରିଛି। ଉକ୍ତ ବିଲ୍ ଅନୁସାରେ ପାକିସ୍ତାନ ଦଣ୍ଡ ସଂହିତା ଏବଂ ଅପରାଧ ସଂହିତା, ୧୮୯୮ରେ ସଂଶୋଧନ ଅଣାଯିବ।



## ଅଷ୍ଟମ ଶ୍ରେଣୀରେ ମୁନ୍ନି

ପ୍ରଥମେ ସ୍କୁଲ ଯାଉଥିଲି ଯେ ମଜା ଲାଗୁଥିଲା। ଏବେ ଯାଇପାରୁନାହିଁ ବୋଲି ସଜା ମିଳୁଛି। ଆଗରୁ ସବୁ ବୁଝି ହେଉଥିଲା। ଏବେ କମ୍ ପାଠ ଆସୁଛି। ସ୍କୁଲ ଭଗବାନଙ୍କ ତାଲା କେବେ ଖୋଲିବ? ଇନ୍‌ଷ୍ଟାଗ୍ରାମରେ ନିଜ ଭାବନାକୁ ଏପରି ଶେୟାର କରିଛନ୍ତି ବଲିଉଡ୍ ଫିଲ୍ମ 'ବଜରଙ୍ଗୀ ଭାଇଜାନ'ର ମୁନ୍ନି। କୁନି ଅଭିନେତ୍ରୀ ହର୍ଷାଳୀ ମାଲହୋତ୍ରା ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ରହିଥାଆନ୍ତି। ସେ ଏବେ ସପ୍ତମ ପାସ୍ କରି ଅଷ୍ଟମ ଶ୍ରେଣୀରେ ପହଞ୍ଚିଗଲେଣି। ତାଙ୍କ ପୋଷ୍ଟକୁ ଦେଖିଲେ ଜାଣି ହେଉଛି ଯେ ମୁନ୍ନି ନିଜ ସ୍କୁଲକୁ ବହୁତ ମିସ୍ କରୁଛନ୍ତି। ଅନ୍‌ଲାଇନ୍ କ୍ଲାସ୍ ବେଳର ତାଙ୍କ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ୨୦୦୮ ଜୁନ୍ ୩ରେ ମୁମ୍ବାଇରେ ଜନ୍ମିତ ହର୍ଷାଳୀ ୨୦୧୫ରେ 'ବଜରଙ୍ଗୀ ଭାଇଜାନ' ଫିଲ୍ମରେ ସଲମାନ ଖାନ୍‌ଙ୍କ ସହ ଅଭିନୟ କରି ଖୁବ୍ ଚର୍ଚ୍ଚା ସାଉଁଟିଥିଲେ। ସେବେଠୁ ସେ ମୁନ୍ନି ନାମରେ ପରିଚିତ।

## ଭାରତୀୟଙ୍କୁ ନ୍ୟୁଜିଲାଣ୍ଡ ମନା



ଭାରତରେ ଦୈନିକ ସଂକ୍ରମଣ ଲଗାତର ଲକ୍ଷାଧିକ ରହୁଛି। ଏହାକୁ ନଜରରେ ରଖି ନ୍ୟୁଜିଲାଣ୍ଡ ଭାରତୀୟ ଯାତ୍ରୀଙ୍କ ଉପରେ ସାମୟିକ କଟକଣା ଜାରି କରିଛି। ଆସନ୍ତା ୧୧ ତାରିଖ ସ୍ଥାନୀୟ ସମୟ ଅପରାହ୍ନ ୪ଟାରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଇତିମଧ୍ୟରେ ନ୍ୟୁଜିଲାଣ୍ଡ ନାଗରିକ ମଧ୍ୟ ଭାରତରୁ ସ୍ୱଦେଶକୁ ଫେରିପାରିବେ ନାହିଁ। ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡନ ଗୁରୁବାର ଏହି ବିଷୟ ଘୋଷଣା କରିଛନ୍ତି।

## ନଗମାଙ୍କୁ କାମ ଦେଲାନି ଟିକା



ଅଭିନେତ୍ରୀ ତଥା କଂଗ୍ରେସ ନେତ୍ରୀ ନଗମା କୋଭିଡ୍-୧୯ ସଂକ୍ରମିତ ହୋଇଛନ୍ତି। ସେ ଏବେ ଘରେ ପୃଥକ୍‌ବାସରେ ଅଛନ୍ତି। ୫୦ ବର୍ଷୀୟା ନଗମା ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଏପ୍ରିଲ ୨ରେ ଭାକ୍ସିନର ପ୍ରଥମ ଡୋଜ୍ ନେବା ପରେ ମଧ୍ୟ ସେ କରୋନା କବଳକୁ ଆସିଛନ୍ତି। ତେଣୁ ଟିକା ନେବା ପରେ ବି ସତର୍କ ରହିବାକୁ ନିଜ ପ୍ରଶଂସକମାନଙ୍କୁ ନଗମା ପରାମର୍ଶ ଦେଇଛନ୍ତି। ୧୯୯୦ରେ ସଲମାନ ଖାନ ଅଭିନୀତ 'ବାଗୀ' ଜରିଆରେ ବଡ଼ ପରଦାରେ ପଦାର୍ପଣ କରିଥିବା ନଗମା ଅରବିନ୍ଦ ମୋରାରଜୀ ତେଲୁଗୁ, ତାମିଲ, ଭୋଜପୁରୀ, ମାଲୟାଲମ ଓ କନ୍ନଡ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।

# ୨୪ ଘଣ୍ଟାରେ ୬୮୫ ମୃତ

## ଦିନକରେ ୧.୨୬ ଲକ୍ଷ

**୧୦ ରାଜ୍ୟରେ ସର୍ବାଧିକ ସଂକ୍ରମଣ**

**ନୂଆଦିଲ୍ଲୀ, ୮।୪:** ଭାରତରେ କରୋନା ସଂକ୍ରମଣ ପ୍ରତିଦିନ ନୂଆ ରେକର୍ଡ ସୃଷ୍ଟି କରି ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧,୨୬,୭୮୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୨୯,୨୮,୫୭୪ରେ ପହଞ୍ଚିଛି। ସେହିପରି ଦିନକରେ ୬୮୫ ଜଣଙ୍କର ମୃତ୍ୟୁ ହେବା ସହ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୧,୬୬,୮୬୨ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କ୍ରମାଗତ ୨୯ ଦିନ ହେଲା ଦେଶରେ ସଂକ୍ରମଣ ବଢ଼ିଚାଲିଛି। ଫଳରେ ସକ୍ରିୟ ମାମଲା ସଂଖ୍ୟା ୯,୧୦,୩୧୯ରେ ପହଞ୍ଚିଲାଣି, ଯାହା ମୋଟ ସଂକ୍ରମିତଙ୍କ ୭.୦୪ ପ୍ରତିଶତ। ଫେବୃୟାରୀ ୧୨ରେ ଦେଶରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୧,୩୫,୯୨୬କୁ ହ୍ରାସ ପାଇଥିଲା। ପରେ ଏହା ପୁଣିଥରେ ଉପରମୁହାଁ ହୋଇଥିଲା। ମହାରାଷ୍ଟ୍ର, ଛତିଶଗଡ଼, କର୍ଣାଟକ, ଉତ୍ତରପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, ଗୁଜରାଟ, କେରଳ ଏବଂ ପଞ୍ଜାବରେ ନୂଆ ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଛି। ମୋଟ ସଂକ୍ରମିତଙ୍କ ମଧ୍ୟରୁ ୮୪.୨୧ ପ୍ରତିଶତ କେବଳ ଏହି ୧୦ ରାଜ୍ୟରେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

## ଟିକା ନିଅଣ୍ଟ: କେନ୍ଦ୍ର-ରାଜ୍ୟ ମୁହାଁମୁହିଁ



**ନୂଆଦିଲ୍ଲୀ, ୮।୪**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଉଦ୍‌ବେଗଜନକ ଭାବେ ବଢ଼ିଚାଲିଥିବାବେଳେ କୋଭିଡ୍ ଟିକାର ନିଅଣ୍ଟ ସ୍ଥିତିକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ମହାରାଷ୍ଟ୍ର ଏଥିରେ ଅଗ୍ରଣୀ ଭୂମିକା ନେଇଛି। ଯଦି ତୁରନ୍ତ ଟିକା ଯୋଗାଇ ଦିଆ ନ ଯାଏ ତେବେ ୩ ଦିନ ମଧ୍ୟରେ ରାଜ୍ୟରେ ଟିକା ଶେଷ ହୋଇଯିବ ବୋଲି ବୁଧବାର ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ ସତର୍କ କରାଇଥିଲେ। ନିଅଣ୍ଟ ସ୍ଥିତି ଯୋଗୁ ମୁମ୍ବାଇର ୨୬ ଟିକାକେନ୍ଦ୍ର ସମେତ ରାଜ୍ୟର ରାଜ୍ୟର ଅନେକ କେନ୍ଦ୍ର ବନ୍ଦ ହୋଇଗଲାଣି। ଦୈନିକ ଲକ୍ଷ୍ୟ ପୂରଣ ପାଇଁ ମହାରାଷ୍ଟ୍ର ୪୦ ଲକ୍ଷ ଡୋଜ୍ ଚାହୁଁଥିବାବେଳେ କେନ୍ଦ୍ର ସରକାର ୧୭ ଲକ୍ଷ ଡୋଜ୍ ପଠାଇଥିବା ସେ କହିଥିଲେ।

ଅନ୍ୟପକ୍ଷରେ ମହାରାଷ୍ଟ୍ର ସରକାର ଟିକାର ଅପଚୟ କରୁଥିବା କେନ୍ଦ୍ର ସରକାର ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ରକୁ ୫ ଦିନ ପାଇଁ ୨୩ ଲକ୍ଷ ଡୋଜ୍ ପଠାଯାଇଥିଲା। ପ୍ରତ୍ୟେକ ରାଜ୍ୟ ପାଖରେ ୩-୪ ଦିନ ପାଇଁ ଟିକା ମହଜୁଦ ରହିଛି। ଏହାକୁ ବିଭିନ୍ନ ଜିଲାକୁ ପଠାଇବା ରାଜ୍ୟର ଦାୟିତ୍ୱ। ମହାରାଷ୍ଟ୍ର ସରକାର ୫ ଲକ୍ଷ ଟିକା ଅପଚୟ କରିଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଅଭିଯୋଗ କରିଛନ୍ତି। ସଂକ୍ରମଣର ମୁକାବିଲାରେ ମହାରାଷ୍ଟ୍ର ସରକାର ବ୍ୟର୍ଥ ହୋଇଥିବା ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ କହିଥିଲେ।

## ଦ୍ୱିତୀୟ ଡୋଜ୍ ଟିକା ନେଲେ ମୋଦି

**ନୂଆଦିଲ୍ଲୀ, ୮।୪(ପି.ଟି.)**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆଦିଲ୍ଲୀର ଏମ୍ସରେ କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଯେଉଁମାନେ ଟିକା ନେବା ପାଇଁ ଯୋଗ୍ୟ ହିତାଧିକାରୀ, ସେମାନେ ତୁରନ୍ତ ଏହା ନେବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୧ରେ କୋଭାକ୍ସିନ ଟିକାର ପ୍ରଥମ ଡୋଜ୍ ନେଇଥିଲେ। ଗୁରୁବାର ପୁଡୁଚେରୀର ନର୍ସ ପି. ନିବେଦା ଏବଂ ପଞ୍ଜାବର ନିଶା ଶର୍ମା ମୋଦିଙ୍କୁ ଟିକା ଦେଇଥିଲେ। କରୋନା ମୁକାବିଲା ପାଇଁ ଟିକା ଏକ ଉପାୟ ହୋଇଥିବାରୁ ଯୋଗ୍ୟ ବ୍ୟକ୍ତି ତୁରନ୍ତ ଏହାକୁ ନେବା ଲାଗି ମୋଦି ଟୁଇଟ୍ କରିଛନ୍ତି।

## ୮ ମାସ ରହୁଛି ସଂକ୍ରମଣ ପ୍ରଭାବ

**ନୂଆଦିଲ୍ଲୀ, ୮।୪(ପି.ଟି.)**

କରୋନା ସଂକ୍ରମଣର ଦୀର୍ଘମିଆଦୀ ଲକ୍ଷଣ କେତେଜଣଙ୍କଠାରେ ଦେଖିବାକୁ ମିଳୁଛି। ପ୍ରତି ୧୦ ଜଣରେ ଜଣେ ସଂକ୍ରମିତଙ୍କଠାରେ ୮ ମାସ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ, ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ନକାରାତ୍ମକ ପ୍ରଭାବ ଅନୁଭୂତ ହେଉଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଗନ୍ଧ ଓ ସ୍ୱାଦ ବାରି ନ ପାରିବା ଓ ଥକା ଅନୁଭବ କରିବା ସାଧାରଣ ଦୀର୍ଘମିଆଦୀ ଲକ୍ଷଣ ବୋଲି ଡାଣ୍ଡେରିଡ୍ ହସ୍ପିଟାଲ ଏବଂ ସ୍ୱିଡେନର କାରୋଲିନ୍‌ସ୍କା ଇନ୍‌ଷ୍ଟିଚ୍ୟୁଟର ଗବେଷକମାନେ କରିଥିବା ଅଧ୍ୟୟନରୁ ଜଣାପଡ଼ିଛି।

## ସଂକ୍ଷେପରେ

### ମିସେସ୍ ୱାର୍ଲ୍ଡ ଗିରଫ



**କଲମ୍ବୋ, ୮।୪:** କଲମ୍ବୋର ନେଲମ ପୋକୁନା ଥିଏଟରରେ ରବିବାର ଉତ୍ସବ ଚାଲିଥିବାବେଳେ ପୁଷ୍ପିକା ଡି ସିଲ୍‌ଭାଙ୍କୁ ମିସେସ୍ ଶ୍ରୀଲଙ୍କା ୨୦୨୦ ଘୋଷଣା କରାଯାଇଥିଲା। ମଞ୍ଚରେ ଉପସ୍ଥିତ ଥିବା ବର୍ତ୍ତମାନର ମିସେସ୍ ୱାର୍ଲ୍ଡ କାରୋଲିନା ଜୁରି ପୁଷ୍ପିତାଙ୍କଠାରୁ ଜବରଦସ୍ତ ମୁକୁଟ କାଢ଼ିନେବାରୁ ସେ ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନେବାକୁ ପଡ଼ିଥିଲା। ମିସେସ୍ ୱାର୍ଲ୍ଡଙ୍କୁ ତାଙ୍କର ଏଭଳି ଆଚରଣ ପାଇଁ କଲମ୍ବୋ ପୋଲିସ ଗୁରୁବାର ଗିରଫ କରିଛି। ଜୁରି ଗତବର୍ଷ ମିସେସ୍ ଶ୍ରୀଲଙ୍କା ହେବା ସହ କାଲିଫର୍ନିଆ କମ୍ପାନୀ ଦ୍ୱାରା ଆୟୋଜିତ ମିସେସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୮।୪:** ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ଗୁରୁବାର ସୁରକ୍ଷା ବଳ ସହ ଗୁଳି ବିନିମୟ ବେଳେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୋପିଆନ ସହରର ଜନ ମୋହଲ୍ଲାରେ ଏହି ଏନ୍‌କାଉଣ୍ଟର ଘଟିଛି। ଆତଙ୍କବାଦୀ ସଂଗଠନ ଅନସର ଗଜୱାତ୍-ଉଲଥ-ହିନ୍ଦ୍‌ର ଶୀର୍ଷ କମାଣ୍ଡର ସୁରକ୍ଷା ବଳ କବ୍‌ଜାରେ ଥିବା ଜଣାପଡ଼ିଛି। ଉକ୍ତ ସଂଗଠନ ଜମ୍ମୁ-କଶ୍ମୀରରେ ପାକିସ୍ତାନର ଜୈଶ-ଇ-ମହମ୍ମଦକୁ ଆତଙ୍କବାଦୀ କାର୍ଯ୍ୟରେ ସହାୟତା କରିଥାଏ।

### ମହାରାଷ୍ଟ୍ରର ଆଉ ୨ ମନ୍ତ୍ରୀ ଇସ୍ତଫା ଦେବେ: ଭାଜପା

**ମୁମ୍ବାଇ, ୮।୪:** ମହାରାଷ୍ଟ୍ରର ଅନ୍ୟ ୨ ଜଣ ମନ୍ତ୍ରୀ ୧୫ ଦିନ ମଧ୍ୟରେ ଇସ୍ତଫା ଦେବେ ବୋଲି ଭାଜପା ରାଜ୍ୟ ସଭାପତି ଚନ୍ଦ୍ରକାନ୍ତ ପାଟିଲ ଗୁରୁବାର କହିଛନ୍ତି। ରାଜ୍ୟରେ ଯେଉଁଭଳି ଦୁର୍ନୀତି ଚାଲିଛି, ଏହା ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି। ନିଲମ୍ବିତ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ନିଯୁକ୍ତି କାଏମ ରଖିବା ଲାଗି ତାଙ୍କୁ ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ୨ କୋଟି ଟଙ୍କା ମାଗିଥିଲେ ବୋଲି ୱାଜେ ଏକ ପତ୍ର ମାଧ୍ୟମରେ ଅଭିଯୋଗ ଆଣିଥିଲେ। ଏଥିସହିତ ଅନ୍ୟତମ ମନ୍ତ୍ରୀ ଅନିଲ ପରବ ତାଙ୍କୁ ଠିକାଦାରମାନଙ୍କଠାରୁ ବଟି ସଂଗ୍ରହ କରିବା ନିମନ୍ତେ କହିଥିବା ୱାଜେ ବୁଧବାର ଏକ ପତ୍ର ମାଧ୍ୟମରେ ଅଭିଯୋଗ ଆଣିଥିଲେ।



ମାଓବାଦୀଙ୍କ କବ୍‌ଜାରୁ ସିଆର୍‌ପିଏଫ୍‌ର କୋବ୍ରା କମାଣ୍ଡୋ ରାକେଶ୍ୱର ସିଂ ମନ୍‌ହାସ ମୁକ୍ତ ହେବା ପରେ ଜମ୍ମୁସ୍ଥିତ ଘରେ ପରିବାର ଲୋକଙ୍କ ସହ ଖୁସି ମନାଉଛନ୍ତି ସ୍ତ୍ରୀ ମିନୁ।

## ଦେଶମୁଖଙ୍କ ଆବେଦନ ଖାରଜ

**ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ**

**ନୂଆଦିଲ୍ଲୀ, ୮।୪:** ବମ୍ବେ ହାଇକୋର୍ଟଙ୍କ ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତ ଗୁରୁବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଉକ୍ତ ମାମଲାରେ ମହାରାଷ୍ଟ୍ର ସରକାରଙ୍କ ଅନୁରୂପ ଏକ ଆବେଦନ ମଧ୍ୟ ଖାରଜ ହୋଇଯାଇଛି। ଫଳରେ ଦେଶମୁଖଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କ ବିରୋଧରେ ସିବିଆଇ ତଦନ୍ତ ଜାରି ରହିବ।



ଅନିଲ ଦେଶମୁଖ

ଜଣେ ବରିଷ୍ଠ ମନ୍ତ୍ରୀଙ୍କ ବିରୋଧରେ ବରିଷ୍ଠ ଅଧିକାରୀ ଗୁରୁତର ଅଭିଯୋଗ ଆଣିଛନ୍ତି। ଏଭଳି ଅଭିଯୋଗ ଆସିଥିବା ବ୍ୟକ୍ତିଙ୍କ ବିରୋଧରେ ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ ହେବା ଆବଶ୍ୟକ। ହାଇକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ପ୍ରାରମ୍ଭିକ ଯାଞ୍ଚ। ସେଥିରେ ହସ୍ତକ୍ଷେପ କରିବାକୁ ଆମେ ଚାହୁଁନାହୁଁ ବୋଲି ଅଦାଲତ କହିଥିଲେ। ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମ ବୀର ସିଂ ଦେଶମୁଖଙ୍କ ବିରୋଧରେ ବଟି ଆଦାୟ ଅଭିଯୋଗ ଆଣିଥିଲେ। ଏହାର ସିବିଆଇ ତଦନ୍ତ ଲାଗି ଗତ ସୋମବାର ବମ୍ବେ ହାଇକୋର୍ଟ ଅନୁମତି ଦେଇଥିଲେ। ୧୫ ଦିନ ମଧ୍ୟରେ ପ୍ରାରମ୍ଭିକ ତଦନ୍ତ ଶେଷ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ପରମବୀର, ୱାଜେଙ୍କ ବୟାନ ରେକର୍ଡ କଲା ସିବିଆଇ

**ମୁମ୍ବାଇ, ୮।୪:** ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ପ୍ରାରମ୍ଭିକ ତଦନ୍ତ ସ୍ୱରୂପ ସିବିଆଇ ଗୁରୁବାର ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଏବଂ ଗିରଫ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ବୟାନ ରେକର୍ଡ କରିଛି। ଏଥିସହିତ ସଚିନଙ୍କ ସହଯୋଗୀ ଏସିପି ସଞ୍ଜୟ ପାଟିଲଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିବା ଜଣାପଡ଼ିଛି। ପରମବୀର ପୂର୍ବତନ ଗୃହମନ୍ତ୍ରୀଙ୍କ ବିରୋଧରେ ବଟି ଆଦାୟ ଅଭିଯୋଗ ଆଣିଥିଲେ। ପରମବୀର ସଚିନଙ୍କ ସହ କଥାବାର୍ତ୍ତାର ଏକ ସ୍କ୍ରିନ୍‌ସଟ୍ ଶେୟାର କରିଥିବାବେଳେ ୱାଜେ ମଧ୍ୟ ମୁମ୍ବାଇ ବାର୍ ଏବଂ ରେଷ୍ଟୁରାଣ୍ଟରୁ ବଟି ଆଦାୟ ପାଇଁ ତାଙ୍କୁ ଦେଶମୁଖ ନିର୍ଦ୍ଦେଶ ଦେଇଥିବା ସ୍ୱୀକାର କରିଥିଲେ। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଟିମ୍ ଦେଶମୁଖଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛି।

## ପଶ୍ଚିମବଙ୍ଗକୁ ଗୁଜରାଟ କରାଇ ଦେବୁ ନାହିଁ

**କୋଲକାତା, ୮।୪**

ଆମ ରାଜ୍ୟକୁ ଗୁଜରାଟ କରାଇ ଦେବୁ ନାହିଁ ବୋଲି ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ନିର୍ବାଚନ କମିଶନ (ଇସି) ପଠାଇଥିବା ନୋଟିସକୁ ଚ୍ୟାଲେଞ୍ଜ କରି ମମତା କହିଛନ୍ତି, ସମସ୍ତଙ୍କୁ ଏକାଠି ରହିବାକୁ ଅନୁରୋଧ। କୌଣସି ବିଭାଜନ ହେବ ନାହିଁ। ହିନ୍ଦୁ, ମୁସ୍‌ଲିମ, ଶିଖ୍ ଓ ଖ୍ରିଷ୍ଟିଆନ୍ ସମସ୍ତେ ସଜାଗ ରୁହନ୍ତୁ। ଭାଜପାକୁ ଖଣ୍ଡେ ହେଲେ ଭୋଟ ଦିଅନ୍ତୁ ନାହିଁ। ମୋ ପାଖକୁ ଏପରି ୧୦ କାରଣ ଦର୍ଶାଅ ନୋଟିସ୍ ପଠାଇଲେ ମଧ୍ୟ ମୋ ଉତ୍ତର ସମାନ ରହିବ।

ବୋଲି ଦୋମ୍‌ଜୁରରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଦିନ ହିନ୍ଦୁ-ମୁସ୍‌ଲିମ କରୁଛନ୍ତି। ତାଙ୍କ ବିରୋଧରେ କେତେ ଅଭିଯୋଗ ଫାଇଲ କରାଯାଇଛି? ନନ୍ଦିଗ୍ରାମର ମୁସଲମାନମାନଙ୍କୁ ପାକିସ୍ତାନୀ ଅଭିହିତ କରିଥିବା ଲୋକଙ୍କ ବିରୋଧରେ କେତେ ଅଭିଯୋଗ ହୋଇଛି? ସେମାନେ ମୋର କିଛି କରିପାରିବେ ନାହିଁ। ମୋ ସହ ସବୁ ବର୍ଗର ଲୋକ ଅଛନ୍ତି। ପ୍ରକାଶ ଯେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଏପ୍ରିଲ ୩ରେ ଏକ ସଭାରେ ମୁସଲମାନ ମତଦାତାଙ୍କୁ ସେମାନଙ୍କ ଭୋଟ ବିଭାଜିତ ହେବାକୁ ନ ଦେବା ପାଇଁ ଅନୁରୋଧ କରିଥିଲେ। ଏହାକୁ ନେଇ ବୁଧବାର ଭାରତର ନିର୍ବାଚନ କମିଶନ ମମତାଙ୍କୁ ନୋଟିସ କରି ୪୮ ଘଣ୍ଟା ମଧ୍ୟରେ ଉତ୍ତର ଦେବାକୁ କହିଥିଲେ।



**ନିର୍ବାଚନ କମିଶନଙ୍କୁ ମମତାଙ୍କ ଚ୍ୟାଲେଞ୍ଜ**

# 'ଡି ଭୋଟର' ଟ୍ୟାଗ୍ ଭୟରେ ମତଦାନ

**'ସନ୍ଦିଗ୍ଧ ମତଦାତା' ପାଲଟିବା ଭୟରେ ଭୋଟ ଦେଇଯାଆନ୍ତି ସଂଖ୍ୟାଲଘୁ**

**ଗୁଆହାଟୀ, ୮।୪**

ଆସାମର ମୁସଲମାନ ଭୋଟରଙ୍କ ସଂଖ୍ୟା ମୋଟ ମତଦାତାଙ୍କ ୩୫%। ପ୍ରାୟ ପ୍ରତ୍ୟେକ ନିର୍ବାଚନରେ ଏମାନେ ମତଦାନ କେନ୍ଦ୍ରକୁ ଯାଇ ମତାଧିକାର ସାବ୍ୟସ୍ତ କରିଥାଆନ୍ତି। ଏହାର ଅନ୍ୟତମ କାରଣ ହେଉଛି 'ଡି ଭୋଟର' ବା ସନ୍ଦିଗ୍ଧ ମତଦାତା ଟ୍ୟାଗ୍ ଭୟ। ଏପରି କି ଭୋଟର ତାଲିକାରୁ ନାଁ କଟିଯିବାର ଭୟ ବି ରହିଥାଏ ସଂଖ୍ୟାଲଘୁ ମତଦାତାଙ୍କ ମନରେ। ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମଧ୍ୟ ମୁସଲମାନ ବହୁଳ ଆସନଗୁଡ଼ିକରେ ମତଦାନ ହାର ଅଧିକ ରହିଛି। ଯେଉଁ ୩୪ ଆସନରେ ମୁସଲମାନ ସଂଖ୍ୟାଗରିଷ୍ଠ, ସେଠାରେ ହାରାହାରି ମତଦାନ ୮୪% ରହିଛି। ଅବଶିଷ୍ଟ ୯୨ ଆସନରେ ମୁସଲମାନ ସମୁଦାୟର ଉପସ୍ଥିତି ଗୌଣ। ଏଭଳି ନିର୍ବାଚନମଣ୍ଡଳୀରେ ୭୯% ରହିଛି ଭୋଟ ହାର।

ଏହି ବିଧାନସଭା ନିର୍ବାଚନରେ ଆସାମର ହାରାହାରି ମତଦାନ ହାର ୮୨%ରୁ ଅଳ୍ପ ଅଧିକ ରହିଛି। କିନ୍ତୁ ୭ ଆସନ ଏମିତି ବି ଅଛି, ଯେଉଁଠି ମୁସଲମାନ ଭୋଟର ୯୦%ରୁ ଅଧିକ ଭୋଟ ଦେଇଛନ୍ତି। ଅନ୍ୟ ୩ ଆସନରେ ୮୯%ରୁ ସାମାନ୍ୟ ଅଧିକ ମତଦାନ ରେକର୍ଡ କରାଯାଇଛି। ୨୦୧୬ରେ ଏହି ୧୦ ସିଟ୍ ମଧ୍ୟରୁ ୪ଟିକୁ କଂଗ୍ରେସ ଦଖଲ କରିଥିବାବେଳେ ୬ରେ ଏଆଇୟୁଡିଏଫ୍ ଜିତିଥିଲା। ସଂଖ୍ୟାଲଘୁ ଛାତ୍ର ନେତା ଓ ଆସାମ ସଂଖ୍ୟାଲଘୁ ଛାତ୍ର ସଂସଦ (ଏଏମ୍‌ଏସ୍‌ୟୁ)ର ପୂର୍ବତନ ଉପଦେଷ୍ଟା ଅଜିଜୁର ରହମାନ ଏଥର ନାଓବୋଇଚା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ତାଙ୍କ ମତରେ ଭୋଟ ଗ୍ରହଣ ଦିନ ଅନ୍ୟ ସମ୍ପ୍ରଦାୟର ଭୋଟରଙ୍କ ତୁଳନାରେ ମୁସଲମାନ ଭୋଟର ଅଧିକ ସଂଖ୍ୟାରେ ପୋଲିଂ ବୁଥ୍‌କୁ ଧାଇଁଥାଆନ୍ତି। କାରଣ ଭୋଟ ଦେଇ ନ ଗଲେ ଭୋଟର ଲିଷ୍ଟରେ ସେମାନଙ୍କୁ 'ଡି ଭୋଟର' ଆଖ୍ୟା ଦିଆଯିବ ବୋଲି ମୁସଲମାନମାନେ ଭୟରେ ରହିଥାଆନ୍ତି।



### ପୂର୍ବରୁ ହଟିଥିଲେ ୧.୦୮ ଲକ୍ଷ

ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ୧ ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ମତଦାତା ମତଦାନ ଅଧିକାରରୁ ବଞ୍ଚିତ ହୋଇଥିଲେ। ଭାରତର ନିର୍ବାଚନ କମିଶନ ସେମାନଙ୍କୁ ଡାଉଟ୍‌ଫୁଲ ବା ଡୁବିଅସ୍ ଭୋଟର ରୂପେ ଚିହ୍ନଟ କରିଥିଲେ। ପୂର୍ବରୁ ରାଜ୍ୟ ବିଧାନସଭାରେ ସରକାର ଡି-ଭୋଟର୍ସଙ୍କ ସଂଖ୍ୟା ୧.୧୩ ଲକ୍ଷ ବୋଲି ଦର୍ଶାଇଥିଲେ। ରାଜ୍ୟରେ ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଭାରତର ନାଗରିକ ବୋଲି ପ୍ରମାଣିତ କରିବା ପାଇଁ କୋର୍ଟକୁ ଦୌଡୁଛନ୍ତି। ଗତ ମାର୍ଚ୍ଚ ୩ରେ ସୁପ୍ରିମକୋର୍ଟ ଏଭଳି ୨୬ ଆବେଦନକାରୀଙ୍କ ପିଟିଶନର ଶୁଣାଣି କରି କେନ୍ଦ୍ର ସରକାର, ନିର୍ବାଚନ କମିଶନ ଓ ଆସାମ ସରକାରଙ୍କୁ ନୋଟିସ କରିଥିଲେ, ଭୋଟର ତାଲିକାରେ ଯାହାଙ୍କ ନାମରେ ଆଗରେ ଡି-ଟ୍ୟାଗ୍ ଲାଗିଛି। ବାରପେଟା ଜିଲାର ଏହି ଭୋଟରମାନେ ଉକ୍ତ ଟ୍ୟାଗ୍‌କୁ ହଟାଇ ମତଦାନ ଅଧିକାର ଦିଆଯାଉ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ୪ ସପ୍ତାହ ପରେ ସେମାନଙ୍କ ଆବେଦନର ଶୁଣାଣି କରିବାକୁ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସ୍ଥିର କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୪୦,୭୪,୧୩୮ | ୨୯,୦୬,୬୬୬ | ୧୦,୮୦,୫୫,୭୦୭ |
| ଭାରତ | ୧,୩୦,୪୫,୦୭୫ | ୧,୬୭,୫୯୨ | ୧,୧୯,୦୮,୬୦୫ |
| ଓଡ଼ିଶା | ୩,୪୫,୫୨୬ | ୧୯୨୩(+୫୩) | ୩,୩୮,୮୯୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୨୪ ଘଣ୍ଟାରେ ୨୫ଲକ୍ଷ ଜରିମାନା ଆଦାୟ

**କୋଭିଡ୍ ନିୟମ ଉଲ୍ଲଂଘନକାରୀ ଦଣ୍ଡ ଗଣିଲେ**

**କଟକ ଅଫିସ, ୮।୪**

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ରାଜ୍ୟ ପୋଲିସ ପକ୍ଷରୁ ବୁଧବାର ସ୍ପେଶାଲ ଡ୍ରାଇଭ କ୍ରମେ ୨୪ଘଣ୍ଟାରେ ୨୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଡ୍ରାଇଭ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଡିଜିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ ୯,୪୦୦ ଜଣ ଉଲ୍ଲଂଘନକାରୀଙ୍କଠାରୁ ୨୫,୦୭,୯୦୦ ଟଙ୍କା ଜରିମାନା ଆଦାୟ କରିଛି। ସାମାଜିକ ଦୂରତା ନିୟମ ଭାଙ୍ଗି ୧୦୨୪ ଜଣ ୧,୨୯,୬୦୦ ଟଙ୍କା ଏବଂ ମାସ୍କ ପିନ୍ଧି ନ ଥିବା ୮, ୩୭୬ ଜଣଙ୍କଠାରୁ ୨୩,୭୮,୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭରେ ବିଭିନ୍ନ ଜିଲା ଏସ୍‌ପି, କଟକ ଓ ଭୁବନେଶ୍ୱର ଡିସିପିଙ୍କ ସମେତ ପୋଲିସ ବିଭାଗର ବହୁ ଅଧିକାରୀ ସାମିଲ ଥିଲେ। ସୂଚନାଥାଉ କି, ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ଗାଇଡ୍ ଲାଇନ ଜାରି କରିଛନ୍ତି। ଏହି ଅନୁଯାୟୀ ସାଧାରଣରେ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା ରଖିବା, ସାନିଟାଇଜର ନିୟମିତ ବ୍ୟବହାର କରିବା ସହ ଅନ୍ୟାନ୍ୟ କଟକଣା ଜାରି କରାଯାଇଛି।

# ଆଜି ଆସିବ ଆଜ୍ଞାମାଳ

- ମା' ବୁଢ଼ୀ ଠାକୁରାଣୀ ଯାତ୍ରା
- ସନ୍ଧ୍ୟା ୬ରୁ ୧୪୪ ଧାରା

**ବ୍ରହ୍ମପୁର ଅଫିସ,୮।୪**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ନେଇ ଜିଲା ପ୍ରଶାସନ ଓ ଯାତ୍ରା ପରିଚାଳକଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ପ୍ରଶାସନ ଓ ଯାତ୍ରା ପରିଚାଳକଙ୍କ ମଧ୍ୟରେ ସମନ୍ୱୟ ବୈଠକ ପରେ କୋଭିଡ୍ କଟକଣା ମଧ୍ୟରେ ଯାତ୍ରା ହେବା ନେଇ ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ରାତ୍ରି ୧୧ଟାରୁ ଯାତ୍ରା ପରିଚାଳକ ପି.ଦୁର୍ଗାପ୍ରସାଦ ଦେଶୀ ବେହେରା ତଥା ମା' ଠାକୁରାଣୀଙ୍କ ବାପା ବୁଢ଼ୀ ଠାକୁରାଣୀ ମନ୍ଦିରରୁ ଆଜ୍ଞାମାଳ ପାଇବା ପାଇଁ ଯିବେ। ଆଜ୍ଞାମାଳ ପାଇବା ପରେ ଯାତ୍ରା ଆରମ୍ଭ ହେବେ। ତେବେ ଗୁରୁବାର ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଶୁକ୍ରବାର ସନ୍ଧ୍ୟା ୬ ଟାଠାରୁ ଶନିବାର ପୂର୍ବାହ୍ନ ୬ ଘଟିକା ଯାଏ ମା' ବୁଢ଼ୀ ଠାକୁରାଣୀ ମନ୍ଦିରଠାରୁ ଦେଶୀ ବେହେରା ସାହି ରାସ୍ତା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯିବ ବୋଲି ବଡ଼ ବଜାର ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ଏଥିସହ ଯାତ୍ରାସ୍ଥଳକୁ ବୃଦ୍ଧବୃଦ୍ଧା ଓ ଛୋଟ ଶିଶୁଙ୍କୁ ବାରଣ କରାଯାଇଛି। ଅନ୍ୟପଟେ ପ୍ରଶାସନର ଏଭଳି ନିଷ୍ପତ୍ତି ଉପରେ ପି.ଦୁର୍ଗାପ୍ରସାଦ ଦେଶୀ ବେହେରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# କେନ୍ଦ୍ରୀୟ ଜିଏସ୍‌ଟି, ଉତ୍ପାଦ ଟିକସ: ଭୁବନେଶ୍ୱର ଜୋନ୍‌ର ରେକର୍ଡ

**ଭୁବନେଶ୍ୱର,୮।୪**

ଆର୍ଥିକ ବର୍ଷ ୨୦୨୦-୨୧ରେ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଟିକସ ସଂଗ୍ରହରେ ଭୁବନେଶ୍ୱର ଜୋନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଅବଧିରେ ରାଜସ୍ୱ ସଂଗ୍ରହ ୧୪% ବୃଦ୍ଧି ପାଇ ୩୯,୬୭୧ କୋଟି ଟଙ୍କା ରହିଛି। ୨୦୧୯-୨୦ରେ ଏହା ୩୪,୮୧୭ କୋଟି ଟଙ୍କା ରହିଥିଲା ବୋଲି ଜୋନ୍‌ର ମୁଖ୍ୟ ଆୟୁକ୍ତ ଆର୍.ମାଙ୍ଗାବାବୁ କହିଛନ୍ତି। ଗତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦ ସଂଗ୍ରହ ୨୧.୪% ବୃଦ୍ଧି ୨୪,୯୧୮ କୋଟି ଟଙ୍କା ରହିଛି। ଏହାର ପୂର୍ବ ଆର୍ଥିକ ବର୍ଷରେ ଏହି ବର୍ଗରେ ୨୦,୫୩୧ କୋଟି ଟଙ୍କା ଆଦାୟ ହୋଇଥିଲା। ସୀମା ଶୁଳ୍କ କଥା ବିଚାରକୁ ନେଲେ ସଂଗ୍ରହ ୨୩.୨୨% ବଢ଼ି ୬,୨୧୩ କୋଟି ଟଙ୍କା ରହିଛି। ଏହାର ପୂର୍ବ ଆର୍ଥିକ ବର୍ଷରେ ଏହି ବର୍ଗରେ ଟିକସ ସଂଗ୍ରହ ୫,୦୪୨ କୋଟି ଟଙ୍କା ଥିଲା। କେନ୍ଦ୍ରୀୟ ଟିକସ ଆଇନ ଅନୁସାରେ ଜିଏସ୍‌ଟି ସଂଗ୍ରହ ୮,୫୪୧ କୋଟି ଟଙ୍କାକୁ ଖସିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୯,୨୪୫ କୋଟି ଟଙ୍କା ରହିଥିଲା। କଷ୍ଟମ୍‌ସ ପ୍ରିଭେନ୍‌ଟିଭ୍ କମିଶନରେଟ୍, ଭୁବନେଶ୍ୱରର ଅଧିକାରୀମାନେ ଗତ ଆର୍ଥିକ ବର୍ଷରେ ଯଥାକ୍ରମେ ୦.୬୦ କୋଟି ଏବଂ ୧.୯୮ କୋଟି ଟଙ୍କାର ସୁନା ଓ ସିଗାରେଟ୍ ଜବତ କରିବାକୁ ସକ୍ଷମ ହୋଇଛନ୍ତି। ମଙ୍ଗାବାବୁଙ୍କ ସୂଚନା ମୁତାବକ, କୋଭିଡ୍-୧୯ ମହାମାରୀର ସଂକ୍ରମଣ ଶୀର୍ଷରେ ଥିବାବେଳେ ପାରାଦୀପ, ଗୋପାଳପୁର ଓ ଧାମରା ବନ୍ଦରଠାରେ ଠିକ୍ ସମୟରେ ପରିଚାଳନାକୁ ସୁନିଶ୍ଚିତ କରାଯାଉଥିଲା। ମୋଟ ୩୩ଟି ବନ୍ଦେ ଭାରତ ଫ୍ଲାଇଟ୍ ବ୍ୟବସ୍ଥା କରାଯିବା ଦ୍ୱାରା ୩,୬୮୭ ଜଣ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବାରେ ଅଧିକାରୀମାନେ କଠିନ ପରିଶ୍ରମ କରିଥିଲେ। ସେହିପରି ଗତ ଆର୍ଥିକ ବର୍ଷରେ ନକଲି ଜିଏସ୍‌ଟି ବିଲ୍‌ର ଜାରି କରୁଥିବା ଓ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୪୨.୩୪ କୋଟି ଟଙ୍କାର ଟିକସ ଚିହ୍ନଟ କରାଯିବା ସହ ୫.୬୩ କୋଟି ଟଙ୍କା ଆଦାୟ କରାଯାଇଛି। ସେହିଭଳି ଡାଟା ଆନାଲିଟିକ୍ସ, ଆଣ୍ଟି-ଇଭାସନ୍, ଅଡିଟ୍ ଓ ରିଟର୍ନ ଆଦି ଆଧାରରେ ୯୦୪ କୋଟି ଟଙ୍କା ଆଦାୟ କରାଯାଇଛି।








E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variant. Above mentioned savings amount is the value of maximum savings on selected models. *Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th April 2021.

**ଆଜିର ମନ୍ତବ୍ୟ**

“ପ୍ରତି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟୂନ ୩୦ ଜଣଙ୍କୁ ଖୋଜି ବାହାର କରିବାକୁ ହେବା।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ଭେ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

## ଜ୍ଞାନବାପି ମସ୍‌ଜିଦ ମାମଲା



**ବାରାଣସୀ, ୮।୪**

ପ୍ରସିଦ୍ଧ କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦର ସର୍ଭେ ପାଇଁ ବାରାଣାସୀର ଏକ ଅଦାଲତ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ଥିବା ଭଗବାନ ବିଶ୍ୱେଶ୍ୱରଙ୍କ ପୁରାତନ ମନ୍ଦିରକୁ ମୋଗଲ ସମ୍ରାଟ ଆଉରଙ୍ଗଜେବ୍ ଭାଙ୍ଗି ଉକ୍ତ ଭଗ୍ନାବଶେଷରେ ଉକ୍ତ ମସ୍‌ଜିଦ ନିର୍ମାଣ କରାଇଥିବା ଅଭିଯୋଗ ହୋଇଥିଲା। ୩ ଦଶନ୍ଧି ତଳର ଏକ ପିଟିଶନର ଶୁଣାଣି କରି ଅଦାଲତ ଗୁରୁବାର ଏଏସ୍‌ଆଇର ମହାନିର୍ଦ୍ଦେଶକଙ୍କୁ ସର୍ଭେ କରିବା ପାଇଁ କହିଛନ୍ତି। ଏଥିପାଇଁ ବିଜ୍ଞାନ ଓ ପ୍ରତ୍ନତତ୍ତ୍ୱ ବିଶେଷଜ୍ଞମାନଙ୍କୁ ନେଇ ଏକ ୫ ଜଣିଆ କମିଟି ଗଠନ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି, ଯେଉଁଥିରେ ୨ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟ ରହିବେ। କମିଟିର ପର୍ଯ୍ୟବେକ୍ଷକ ଭାବେ ଜଣେ ଖ୍ୟାତନାମା ବ୍ୟକ୍ତି କିମ୍ବା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତ ଦେବା ଲାଗି ଏଏସ୍‌ଆଇ ମୁଖ୍ୟଙ୍କୁ କୁହାଯାଇଛି। ମସ୍‌ଜିଦ ନିର୍ମାଣ ହେବା ପୂର୍ବରୁ ସେଠାରେ କୌଣସି ହିନ୍ଦୁ ମନ୍ଦିର ଥିଲା କି ନାହିଁ ତାହା ଉପରେ କମିଟି ଅନୁଧ୍ୟାନ କରିବ। ୧୯୯୧ରେ ବାରାଣସୀର କେତେଜଣ ସ୍ଥାନୀୟ ବ୍ୟକ୍ତି ଉପରୋକ୍ତ ପିଟିଶନ ଦାଏର କରିଥିଲେ। ସେମାନେ ପିଟିଶନରେ ଦର୍ଶାଇଥିଲେ ଯେ ଆଉରଙ୍ଗଜେବ୍ ୧୬୬୪ରେ ସେଠାରେ ପୁରାତନ ମନ୍ଦିର ଭାଙ୍ଗି ମସ୍‌ଜିଦ ନିର୍ମାଣ କରାଇଥିଲେ।

# ସର୍ବଭାରତୀୟ ସ୍ତରରେ ରୋଷନ ଟପ୍ପର

## ଏସ୍‌ଏସ୍‌ସି ଆସିଷ୍ଟାଣ୍ଟ ଅଡିଟ୍ ଅଫିସର ପରୀକ୍ଷା

**ଖୋର୍ଦ୍ଧା ଅଫିସ,୮।୪**

କଠିନ ପରିଶ୍ରମ, ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସ୍ୱପ୍ନ ଏବଂ ଦୃଢ଼ ମନୋବଳ ସଫଳତା ଆଣିଦିଏ। ଏହାର ଉଦାହରଣ ପାଲଟିଛନ୍ତି ଖୋର୍ଦ୍ଧା ଜିଲା ଜଟଣୀର ରୋଷନ ଜେନା। ସର୍ବଭାରତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ରୋଷନ। ଏସ୍‌ଏସ୍‌ସି ଆସିଷ୍ଟାଣ୍ଟ ଅଡିଟ୍ ଅଫିସର(ଏଏଓ) ପରୀକ୍ଷାରେ ୧୩ଲକ୍ଷ ପରୀକ୍ଷାର୍ଥୀଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ରୋଷନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜଟଣୀ ରେଲୱେ କଲୋନୀରେ ରହୁଥିବା ଭୀମସେନ ଓ ସବିତାଙ୍କ ବଡ଼ପୁଅ ରୋଷନ ପିଲାବେଳୁ ଜଣେ ମେଧାବୀ ଛାତ୍ର। ସେ ଖୋର୍ଦ୍ଧାରୋଡ୍‌ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରୁ ମାଟ୍ରିକ ଏବଂ ଏନ୍‌ଆଇଟି ରାଉରକେଲାରୁ ବି-ଟେକରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଆଇଏଏସ୍ ହେବା ଲକ୍ଷ୍ୟରେ ପାଠପଢ଼ା ଜାରି ରଖିଥିବା ରୋଷନ ଏସଏସସି ଆସିଷ୍ଟାଣ୍ଟ ଅଡିଟ ପରୀକ୍ଷା ଦେଇଥିଲେ। କୋଭିଡ୍ ଯୋଗୁ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ ଘଟିଥିଲା। ସଦ୍ୟ ପ୍ରକାଶିତ ପରୀକ୍ଷାରେ ରୋଷନ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ଏନେଇ ପରିବାର ଏବଂ ଜଟଣୀ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।



ରୋଷନ ଜେନା

ରୋଷନ କହିଛନ୍ତି, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି କଠିନ ସାଧନା ଆବଶ୍ୟକ। ବିନା ପରିଶ୍ରମରେ କୌଣସି ସଫଳତା ମିଳି ନ ଥାଏ। ପରୀକ୍ଷା ପାଇଁ ଦୈନିକ ୧୦ରୁ ୧୨ଘଣ୍ଟା ପରିଶ୍ରମ କରୁଥିଲି। ବାପା ମା'ଙ୍କ ଆଶୀର୍ବାଦ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଏହି ସଫଳତା ପାଇଛି। ଜୀବନରେ ସଫଳତା ନ ପାଇବା ପର୍ଯ୍ୟନ୍ତ ନିରନ୍ତର ଅଭ୍ୟାସ ଏବଂ ପରିଶ୍ରମ ଜାରି ରଖିବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି। ନିଜ ଭାଗ୍ୟକୁ ଦୋଷ ଦେବା ପରିବର୍ତ୍ତେ, କର୍ମକ୍ଷେତ୍ରରେ ନିଷ୍ଠାପର ଭାବେ ଆଗେଇ ଚାଲିଲେ, ଦିନେ ନା ଦିନେ ସଫଳତା ମିଳିବ। ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହି ସଫଳତା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଆଜିଠାରୁ...

ପ୍ରଥମ ପୃଷ୍ଠାରୁ...

କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ବିନା ଦର୍ଶକରେ ମ୍ୟାଚ ଆୟୋଜନ ନିଷ୍ପତ୍ତି ହୋଇଛି। ସମସ୍ତ ଖେଳାଳି ଓ ଅଫିସିଆଲ କ୍ୱାରାଣ୍ଟାଇନ୍‌ରେ ରହିବା ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କୋଭିଡ୍-୧୯ ଗାଇଡଲାଇନ୍ ପାଳନ କରିଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଅନୁଷ୍ଠିତ ହେବ। ଆଇପିଏଲର ସବୁଠାରୁ ସଫଳ ଦଳ ହେଉଛି ମୁମ୍ବାଇ ଇଣ୍ଡିଆନ୍ସ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଆଇପିଏଲ ଇତିହାସରେ ସର୍ବାଧିକ ୫ ଥର ଟାଇଟଲ ଜିତି ସାରିଛି। ଅନ୍ୟପକ୍ଷରେ ବିରାଟ କୋହଲିଙ୍କ ଆରସିବି ପ୍ରଥମ ଆଇପିଏଲ ଟାଇଟଲ ସନ୍ଧାନରେ ଅଛି। ଖେଳାଳି ନିଲାମ ପ୍ରକ୍ରିୟାରେ ଅନେକ ଖେଳାଳି ବଦଳ ହୋଇଥିବାରୁ ଏଥର ମଧ୍ୟ ଆଇପିଏଲ ରୋମାଞ୍ଚକ ହେବା ଆଶା ରହିଛି। ଆଗାମୀ ଲିଗ୍‌ରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଚେନ୍ନାଇ ସୁପରକିଙ୍ଗ୍ସ ୩ଥର, କୋଲକାତା ନାଇଟ ରାଇଡର୍ସ ୨ଥର ଏବଂ ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଥରେ ଲେଖାଏ ଚାମ୍ପିୟନ ହୋଇଛନ୍ତି। କିଙ୍ଗ୍ସ ଇଲେଭେନ ପଞ୍ଜାବରୁ ନାଁ ବଦଳାଇଥିବା ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ଏଥର ପ୍ରଥମ ଟାଇଟଲ ଆଶାରେ ଅଛନ୍ତି। ଏପ୍ରିଲ ୯ରୁ ଆରମ୍ଭ ହେଉଥିବା ଏହି ଲିଗ୍ ମେ ୩୦ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ପ୍ଲେ-ଅଫ୍ ଏବଂ ଫାଇନାଲ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## ଯବାନଙ୍କୁ ଛାଡ଼ିଲେ...

ଲୁଟ୍ କରାଯାଇଥିବା ଅସ୍ତ୍ରଶସ୍ତ୍ରର ଫଟୋ ମଧ୍ୟ ଜାରି କରିଥିଲେ। ମଙ୍ଗଳବାର ସିପିଆଇ ମାଓବାଦୀର ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି (ଡିକେଏସ୍‌ଜେଡ୍) ପକ୍ଷରୁ ଯବାନଙ୍କ ଫଟୋ ଜାରି କରାଯାଇଥିଲା। ୧୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ ମାଓବାଦୀମାନେ ଅପହୃତ ଯବାନଙ୍କୁ ମୁକ୍ତ କରିଛନ୍ତି। ରାକେଶ୍ୱର ଗୁରୁବାର ଅପରାହ୍ନ ୪ଟା ୩୦ରେ ସୁରକ୍ଷିତ ଭାବେ ତରେମ୍ ଥାନାରେ ପହଞ୍ଚିଥିଲେ। ବିଜାପୁର ଏସ୍‌ପି କମଳ ଲୋଚନ କଶ୍ୟପ ତାଙ୍କୁ ସ୍ୱାଗତ କରିଥିଲେ। ବାସାଗୁଡ଼ା ହସ୍ପିଟାଲରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିବା ବସ୍ତର ରେଞ୍ଜ ପୋଲିସ ଆଇଜି ସୂଚନା ଦେଇଛନ୍ତି। କେତେଜଣ ଖବରଦାତା ମୁକ୍ତି ବେଳର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ପ୍ରକାଶ ଯେ ଜଣେ କୋବ୍ରା କମାଣ୍ଡୋଙ୍କୁ ମାଓବାଦୀ ପଣବନ୍ଦୀ ରଖିବାର ଏହା ଥିଲା ପ୍ରଥମ ଘଟଣା। ତେବେ ମାଓବାଦୀମାନେ କେଉଁ ପ୍ରକାର ଡିଲ୍ କରିଛନ୍ତି ଅଥବା ଚାପରେ ଆସି ଅପହୃତ ଯବାନ ମନ୍‌ହାସଙ୍କୁ ଛାଡ଼ିଦେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ମୁକ୍ତ କରିବା ପୂର୍ବରୁ ମାଓବାଦୀମାନେ ଦଉଡ଼ିରେ ତାଙ୍କ ଦୁଇହାତକୁ ବାନ୍ଧି ପ୍ରଜାକୋର୍ଟରେ ହାଜର କରିଥିଲେ। ଶତାଧିକ ଗ୍ରାମବାସୀ, ଏକାଧିକ ମଧ୍ୟସ୍ଥ ଓ ଖବରଦାତାଙ୍କ ଉପସ୍ଥିତିରେ ପ୍ରଜାକୋର୍ଟ ବୈଠକ ହୋଇଥିଲା। ସରକାରଙ୍କ ପକ୍ଷରୁ ନିଯୁକ୍ତ ମଧ୍ୟସ୍ଥଙ୍କ ମଧ୍ୟରେ ଜଗଦଲପୁରସ୍ଥିତ ମାତା ରୁକ୍ମଣୀ ଆଶ୍ରମର ପଦ୍ମଶ୍ରୀ ଧର୍ମପାଳ ସାଇନି ଓ ବିଜାପୁର ଗୋଣ୍ଡୱାନା ସମାଜ ଅଧ୍ୟକ୍ଷ ତେଲମ୍ ବୋରାଇୟା ଉପସ୍ଥିତ ଥିଲେ। ସ୍ଥାନୀୟ ଖବରଦାତାଙ୍କ ମଧ୍ୟରେ ଗଣେଶ ମିଶ୍ର ଓ ମୁକେଶ ଚନ୍ଦ୍ରକାର ମଧ୍ୟ ରାକେଶ୍ୱରଙ୍କ ମୁକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ପୋଲିସ କହିଛି।

## ୩୦୦ କୋଟି ଟଙ୍କା,...

୩୦୦ କୋଟି ଟଙ୍କା ପ୍ରଦାନ କରିବାକୁ ନବୀନ ଅନୁରୋଧ କରିଛନ୍ତି। ନବୀନ କହିଛନ୍ତି ଯେ ଓଡ଼ିଶା ଟିକାକରଣ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରୁଛି। ସମଗ୍ର ଦେଶ ତୁଳନାରେ ରାଜ୍ୟରେ ସର୍ବନିମ୍ନ ଟିକା ନଷ୍ଟ ହେଉଛି। ଯୋଗ୍ୟ ବ୍ୟକ୍ତିଙ୍କୁ ଟିକା ଦେବା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ଢଙ୍ଗରେ କରାଯାଉଛି। ଟିକା ଯୋଗାଣକୁ ନେଇ ଆମେ କେବେ ପ୍ରତିଯୋଗିତା କରିନାହୁଁ। ପ୍ରତ୍ୟେକ ଦିନ ରାଜ୍ୟରେ ୨.୫ ଲକ୍ଷ ଲୋକଙ୍କୁ ଟିକାକରଣ କରାଯାଉଛି। ଏହାକୁ ବୃଦ୍ଧି କରିବାକୁ ଉଦ୍ୟମ ଜାରିରହିଛି। ଓଡ଼ିଶା ପାଇଁ ଅତିକମ୍‌ରେ ୧୦ ଦିନ ସକାଶେ ଷ୍ଟକ୍ ରଖିବାକୁ ଟିକା ଯୋଗାଇ ଦେବା ସକାଶେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କୋଭିଡ୍ ମହାମାରୀକୁ ସମଗ୍ର ଦେଶ ଏକାଠି ହୋଇ ମୁକାବିଲା କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏ ଲଢ଼େଇରେ ଓଡ଼ିଶା ନିଜର ସମର୍ଥନ ବଜାୟ ରଖିବ। ନୂତନ ମାମଲା ବଢ଼ୁଥିବାରୁ ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ବ୍ୟବସ୍ଥାକୁ ପୁଣି କାର୍ଯ୍ୟକ୍ଷମ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ବର୍ତ୍ତମାନ ଦେଶରେ ସଂକ୍ରମଣ ମୁକାବିଲା ପାଇଁ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ସମ୍ବଳ ଉପଲବ୍ଧ ରହିଛି। ତେବେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଉପରେ ଫୋକସ୍ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆବଶ୍ୟକ। ଦୀର୍ଘ ବର୍ଷେ ହେଲା ମହାମାରୀ ସହ ଲଢ଼ି କୋଭିଡ୍ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀମାନେ କ୍ଲାନ୍ତ ହୋଇପଡ଼ିଛନ୍ତି। ସେଥିପାଇଁ କରୋନା ମୁକାବିଲାରେ କିଛିଟା ଢିଲା ଦେଖାଦେଇପାରେ। ତେବେ ଆମକୁ ଆଗାମୀ ୨-୩ ସପ୍ତାହ ପୂରା ଦମ୍‌ରେ ଭୂତାଣୁକୁ ମୁକାବିଲା କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏଥିସହିତ ସେ ପରୀକ୍ଷା, କଣ୍ଟାକ୍ଟ ଟ୍ରେସିଂ ଏବଂ ଚିକିତ୍ସା ତଥା କୋଭିଡ୍ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାରେ ଆମର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ବହୁତ କିଛି ସହାୟତା କରିଛନ୍ତି ଓ ଏବେ ବି କାର୍ଯ୍ୟ ଜାରି ରଖିଛନ୍ତି। କେତେକ ରାଜ୍ୟରେ ପ୍ରଶାସନ ଢିଲା ହୋଇଯିବା କାରଣରୁ ସମସ୍ୟା ବଢ଼ିଛି। ତେଣୁ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ମହାମାରୀର ମୁକାବିଲା କରିବା ଆବଶ୍ୟକ ହୋଇପଡ଼ିଛି ବୋଲି ମୋଦି କହିଥିଲେ। କିଛି ସପ୍ତାହ ପୂର୍ବରୁ ଦୈନିକ ସଂକ୍ରମଣ ପାଖାପାଖି ୨୦ ହଜାର ଥିଲାବେଳେ ଏବେ ତାହା ୧.୨୬ ଲକ୍ଷରେ ପହଞ୍ଚିଛି। ଗତ ରବିବାର ପ୍ରଧାନମନ୍ତ୍ରୀ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ କୋଭିଡ୍ ଏବଂ ଟିକାକରଣ ସ୍ଥିତି ସମୀକ୍ଷା କରିଥିଲେ। ସେ ଟେଷ୍ଟିଂ, ଟ୍ରେସିଂ, ଚିକିତ୍ସା, କୋଭିଡ୍ ସୁରକ୍ଷା ନିୟମ ଏବଂ ଟିକାକରଣ ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏଗୁଡ଼ିକୁ ଅତ୍ୟନ୍ତ ଗମ୍ଭୀରତା ପୂର୍ବକ ତଥା ପ୍ରତିବଦ୍ଧତା ସହ କାର୍ଯ୍ୟକାରୀ ନ କଲେ ମହାମାରୀ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବା ନାହିଁ ବୋଲି ସେ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଶୁଭଗ୍ରହ ପ୍ରଭାବରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇବେ। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ**

ଚନ୍ଦ୍ରଙ୍କ ଶୁଭପ୍ରଭାବ ଭାଇ, ଭଉଣୀଙ୍କ ପ୍ରତି ସୁସମ୍ପର୍କ ବୃଦ୍ଧିରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହାନୁଭୂତି ଲାଭ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନରେ ସହାୟକ ହେବ। କର୍ମକ୍ଷେତ୍ର ସକାଶେ ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି।

**ମିଥୁନ**

ଆଜିର ପ୍ରତ୍ୟୁଷ ଯାତ୍ରା ଓ ନୂତନ କାର୍ଯ୍ୟାରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ କର୍ମକ୍ଷେତ୍ର ବ୍ୟସ୍ତବହୁଳ ରହିବ।

**କର୍କଟ**

ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢାଇବେ। ଯାତ୍ରା ସମୟରେ ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ନ ହୋଇ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ**

ଆଜି କୌଣସି କ୍ଷେତ୍ରକୁ ନ ଡାକିଲେ ଯାଆନ୍ତୁ ନାହିଁ ଏବଂ ନ ପଚାରିଲେ କିଛି କହିବା ମଧ୍ୟ ଠିକ୍ ହେବ ନାହିଁ। ଯାତ୍ରା, ବ୍ୟବସାୟ, ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ଦିଗରୁ ଶୁଭଫଳ ପାଇବେ। ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନା ଅବସର ପାଇ ନ ପାରନ୍ତି।

**କନ୍ୟା**

ରାଶ୍ୟାଧିପତି ଓ ଶୁକ୍ରଙ୍କ ସୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସ୍ନେହ, ସଦିଚ୍ଛା ଓ ସମ୍ମାନ ପାଇବେ। ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କରି କିଛି ଲାଭ ପାଇବେ ନାହିଁ। ଅସାବଧାନତାରୁ ଆଘାତ କିମ୍ବା ଧନହାନି ସମ୍ଭାବନା ରହିଛି। କଳା, ସାହିତ୍ୟ, ସାମ୍ବାଦିକତା ତଥା ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**

ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଖର୍ଚ୍ଚାନ୍ତ ହେଲେ ମଧ୍ୟ ଶେଷ କରିପାରିବେନି। ପ୍ରତିଟି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ।

**ବିଛା**

ଅତୀତ ଘଟଣା ମନରେ ବାରମ୍ବାର ଆଲୋଡନ ସୃଷ୍ଟି କରିପାରେ। ଜଣେ ବନ୍ଧୁଙ୍କ ସହାୟତାରେ ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଅଯଥା କାମରେ ମୁଣ୍ଡ ପୂରାଇଲେ ଟେନ୍ସନ ବୃଦ୍ଧି ପାଇବା ସହ ମାନସିକ ଶାନ୍ତି ନଷ୍ଟ ହେବ । ଜମିଜମା କାରଣକୁ ନେଇ କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ**

ଆଜି ସ୍ଥିର ଭାବରେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କାଠିକର ପାଠ ହୋଇପାରେ। ପୂର୍ବ କଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ପାରିବାରିକ ସ୍ଥିତି ଭଲ ରହିବ।

**ମକର**

ବୃହସ୍ପତିଙ୍କ ଶୁଭ ପ୍ରଭାବରୁ ଯେଉଁ କାମରେ ହାତ ଦେବେ ସଫଳ ହେବେ। କେତେକ କ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବ କିନ୍ତୁ ଧନିଷ୍ଠା ନିଜ ଦୋଷରୁ ତାହା ହରାଇ ପାରନ୍ତି। ମନ ବୁଝିଲାଭଳି କଥା କହି ପଡୋଶୀ କାର୍ଯ୍ୟ ହାସଲ କରିନେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟା ସୃଷ୍ଟି ହେବାରୁ କାମଟି ଅସମ୍ପୂର୍ଣ୍ଣ ରହିଯିବ।

**କୁମ୍ଭ**

କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଶତଭିଷା ନକ୍ଷତ୍ରର ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ଆଜି ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ**

ଅନୁକୂଳ ଗ୍ରହଯୋଗ ଯୋଗୁ ଆଜି ଯାହା କରିବେ ପ୍ରତ୍ୟେକ ଦିଗରୁ ସୁଫଳ ପ୍ରଦାନ କରିବ। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି କର୍ମମୁଖର ରହିପାରନ୍ତି। ଶୁଣା କଥାକୁ ବିଶ୍ୱାସ ନ କରି ଏବଂ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ଚୈତ୍ର କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର, ଏପ୍ରିଲ ୯ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ତ୍ରୟୋଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୩୭ମି. ଗତେ ଘ.୦୬.୨୬ମି. ମଧ୍ୟେ, ଘ.୦୭.୧୬ମି. ଗତେ ଘ.୦୯.୪୪ମି. ମଧ୍ୟେ, ଘ.୧୨.୧୩ମି. ଗତେ ଘ.୦୨.୪୧ମି. ମଧ୍ୟେ, ଘ.୦୪.୨୦ମି. ଗତେ ଘ.୦୫.୫୯ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୫ମି. ଗତେ ଘ.୦୯.୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ. ୧୦.୧୫ମି. ଗତେ ଘ.୧୧.୪୮ମି. ମଧ୍ୟେ ରାହୁକାଳ।

## 'ଧରିତ୍ରୀ'ର ପୂର୍ବତନ କର୍ମଚାରୀଙ୍କ ଅକାଳ ବିୟୋଗ



ପ୍ରଶାନ୍ତ ରାଉତ

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ଦୈନିକ 'ଧରିତ୍ରୀ'ର ପୂର୍ବତନ କର୍ମଚାରୀ ଜଗତସିଂହପୁର ଜିଲା ବାଲିକୁଦା ଥାନା ଅଳାବର ପଞ୍ଚାୟତ କର୍ଣ୍ଣିହାଁ ଗ୍ରାମର ପ୍ରଶାନ୍ତ ରାଉତଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୪୫ ବର୍ଷ ହୋଇଥିଲା। ଗତ ନଭେମ୍ବରରୁ ସେ ଲିଭର କ୍ୟାନସରରେ ପୀଡ଼ିତ ଥିଲେ। ବାହାରଣାସ୍ଥିତ ଶ୍ୱଶୁରଙ୍କ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ରାତି ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଣେ ଅତ୍ୟନ୍ତ ଭଦ୍ର, ଅମାୟିକ ଓ ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ମୋନାଲିସା ରାଉତ, ୮ ବର୍ଷର ଝିଅ ପ୍ରତ୍ୟୁଷା ରାଉତ, ଶ୍ୱଶୁର ଅଞ୍ଜନ କୁମାର ପରିଡ଼ା, ଶାଶୁ ସଂଯୁକ୍ତା ପରିଡ଼ା, ଶାଳକ ଅମିତ ପରିଡ଼ା, ସମ୍ପର୍କୀୟ ଶଶୀଭୂଷଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ତାଙ୍କ ଗାଁରେ ଶୋକର ଛାୟା ଖେଳିଯାଇଛି। ପୁଅର ଏପରି ଅକାଳ ବିୟୋଗରେ ଗାଁରେ ଥିବା ବିଧବା ମା' ପାର୍ବତୀ ରାଉତ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। 'ଧରିତ୍ରୀ' ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି।


# classifieds Everyday
0674-2580101, 2549302




**SALE**

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425




**SALE**

Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952. D-70832

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

1200sqft. gharabari boundary plot 30ft. road Gudiapokhari 8,00,000/- Rangabazar 10,00,000/-, 8455094875. D-70828

ସୁନ୍ଦରପଦା Hi-tech Apartment Opposite ରେ Boundary ଥାଇ Gharabari Plot କିଣନ୍ତୁ। 7008492511. D-69390

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

ହଂସପାଳର 30'road electricity ଥାଇ gharabari plot ନିଅନ୍ତୁ। Balianta canal roadରେ immediate ଘର କରନ୍ତୁ। 9437005434. D-70834

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି SC Plot 5,41,000/-ରେ ବିକ୍ରି ହେବା 9439832956. D-70824

Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553. D-70821

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652. D-70819

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

**GENERAL**

**SALE**

For sale 4numbers very good condition Iron Chest, useful for Jewellers. Please call: 9437033691. D-70233




1500sqft. commercial space available at Jaydev Vihar Square, Bhubaneswar. 9438802628. 8895267880. D-20417

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Monalisa massage club : All types body massage with hiprofile smart lady rooms service available 9708545108. D-20437

Only for home massage available here ladies gents candy. 9439140029. D-20459

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Get good massage for your health the best therapy. 7749997224. D-70444

Swarna SPA newly open positively health benefits with expert therapist. 9556978408. D-70576

Zen SPA positively health benefits with experts therapeutic genuinely massage. 7205084157. D-70577

Refreshing your mind, your body with the best therapy at Lotus Spa. 9801811949. D-70445




ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**AFFIDAVIT**

ଜୟନ୍ତ କୁମାର ଜେନା (୩୯), ପି- ଦେବରାଜ ଜେନା, ଗ୍ରା- ମାଳିସାହି, ପୋ- ଗଡ଼ଖାରଦ, ଥା- ଗଡିଶାଗଦା, ଜି- ପୁରୀ, ପି- ୭୫୨୦୧୯, ଆଧାର, ପ୍ୟାନ, ଭୋଟ ପରିଚୟପତ୍ର, ବ୍ୟାଙ୍କ ଆକାଉଣ୍ଟରେ ରହିଥିବା ବେଳେ ଏଲ୍‌ଆଇସି ବଣ୍ଡରେ ମୋର ଡାକ ନାମ ପ୍ରମୋଦ ଜେନା ରହିଅଛି। ମୋର ଡାକ ନାମକୁ ବଦଳାଯାଇ ଜୟନ୍ତ କୁମାର ଜେନା କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୨୦୪୬୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓପିଜିସିର ୨ଟି ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ

ଝାରସୁଗୁଡ଼ା ଅଫିସ,୮।୪- ଝାରସୁଗୁଡ଼ା ବୁଡ଼ିପଦର ଗ୍ରୀଡ୍‌ରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ଓପିଜିସିର ବନହରପାଲିସ୍ଥିତ ଇବ୍‌ଥର୍ମାଲର ୧ମ ଓ ୨ୟ ୟୁନିଟ୍ ଗୁରୁବାର ମଧ୍ୟାହ୍ନ ୨ଟା ୭ରେ ବନ୍ଦ ହୋଇଯାଇଛି। ଫଳରେ ଏହି ୨ଟି ୟୁନିଟ୍‌ରୁ ୪୨୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ଖବରପାଇ ନିଗମର ମୁଖ୍ୟ ପରିଚାଳକ (ଏମ୍‌ଡି) ପ୍ରଶାନ୍ତ କୁମାର ମହାପାତ୍ର ପହଞ୍ଚି ତଦାରଖ କରିଛନ୍ତି। ବନ୍ଦ ଥିବା ୨ଟି ୟୁନିଟ୍ ମଧ୍ୟରୁ ଗୋଟିଏ ୟୁନିଟ୍ ସନ୍ଧ୍ୟା ସୁଦ୍ଧା ଲାଇଟ୍ ଅଫ୍ ହୋଇଛି। ରାତି ମଧ୍ୟରେ ଉତ୍ପାଦନ ହୋଇଯିବ ବୋଲି ପ୍ରକଳ୍ପ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି।

# ୯ଶହ ନିକଟତର ଦୈନିକ ସଂକ୍ରମଣ

**ଭୁବନେଶ୍ୱର,୮।୪(ବ୍ୟୁରୋ)**

■ ଓଡ଼ିଶାରେ ଛତିଶଗଡ଼ ସ୍ଥିତି ଉପୁଜିବା ଆଶଙ୍କା
■ ନୂଆ ଷ୍ଟ୍ରେନ୍‌କୁ ନେଇ ଚିନ୍ତାବ୍ୟକ୍ତ କଲେ ବିଶେଷଜ୍ଞ

ମହାରାଷ୍ଟ୍ର, କେରଳ, ଗୁଜରାଟ ଆଦି ଦେଶର ବିଭିନ୍ନ ରାଜ୍ୟରେ କରୋନାର ନୂଆ ଷ୍ଟ୍ରେନ୍ ସକ୍ରିୟ ହୋଇ ଉଠିଥିବାବେଳେ ଓଡ଼ିଶାରେ ସ୍ଥିତି ନିୟନ୍ତ୍ରଣରେ ରହିଥିଲା। ହେଲେ ଏବେ ସେ ସ୍ଥିତି ବିଗିଡି ଗଲାଣି। ବାହାର ରାଜ୍ୟରୁ ପଶି ଆସୁଥିବା ସଂକ୍ରମଣ ଓଡ଼ିଶାକୁ ଗିଳିବାକୁ ବସିଲାଣି। ଛତିଶଗଡ଼ ପାଇଁ ସୀମାନ୍ତ ଜିଲାଗୁଡ଼ିକରେ ସଂକ୍ରମଣ ମାଡ଼ି ଚାଲିଛି। ଯେଉଁଥିପାଇଁ ରାଜ୍ୟରେ ପ୍ରତିଦିନ ସଂକ୍ରମଣ ବହୁଗୁଣିତ ହେଉଥିବାବେଳେ ଏବେ ୯ଶହ ନିକଟତର ହୋଇଛି। ଶେଷ ୨୪ଘଣ୍ଟାରେ ୮୭୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୫୧୮ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରିଥିବାବେଳେ ୩୬୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୪୪ଜଣ ଥିବାବେଳେ ସୁନ୍ଦରଗଡ଼ ୧୩୧, ନୂଆପଡ଼ା ୬୧, କଟକ ୫୦, ସମ୍ବଲପୁର ୪୮, ପୁରୀ ୪୫ ଓ କଳାହାଣ୍ଡିରୁ ୪୩ଜଣ ରହିଛନ୍ତି। ଅନ୍ୟ କେତେକ ଜିଲାରେ ଏହାଠାରୁ କମ୍ ସଂକ୍ରମିତ ହୋଇଥିବାବେଳେ ରାଜ୍ୟରେ ମୋଟ୍ ସଂକ୍ରମିତ ସଂଖ୍ୟା ୩,୪୫,୫୨୬ରେ ପହଞ୍ଚିଛି। ସେପଟେ ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା କହିଛନ୍ତି, କରୋନାର ଏହି ଷ୍ଟ୍ରେନ ପୂର୍ବ ଷ୍ଟ୍ରେନ୍ ଅପେକ୍ଷା ଅଧିକ କ୍ଷତିକାରକ। ଏହା ଦ୍ରୁତ ଗତିରେ ସଂକ୍ରମିତ ହେଉଛି। ବର୍ତ୍ତମାନ ଯେଉଁଭଳି ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ତାହା ଚିନ୍ତା ବଢ଼ାଇଦେଇଛି। ଆଗକୁ କ'ଣ ହେବ କିଛି କହି ହେବନି। କେବେ କମିବ ତାହା ମଧ୍ୟ ଅନୁମାନ କରିହେଉନି। ଓଡ଼ିଶାରେ କେଉଁ ଷ୍ଟ୍ରେନ ବ୍ୟାପୁଛି ଓ ଏହା କେମିତି ପ୍ରଭାବ ପକାଉଛି ସେ ବାବଦରେ ଏଯାଏ କୌଣସି ସୂଚନା ମିଳିପାରିନାହିଁ। ଆମେ ଏହି ନୂଆ ଷ୍ଟ୍ରେନ୍ ଉପରେ ପରୀକ୍ଷା ନିରୀକ୍ଷା ଚଳାଇଛୁ। ଅଧିକାଂଶ କରୋନା ସଂକ୍ରମିତ ଲକ୍ଷଣ ବିହୀନ। ତେଣୁ ତୁରନ୍ତ ଟିକା ନେବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ସଂକ୍ରମଣ ବଢୁଥିଲେ ମଧ୍ୟ ମୃତ୍ୟୁହାର ସେଭଳି ବଢୁନାହିଁ, ଯାହା ଏକ ଭଲ ଲକ୍ଷଣ। କିନ୍ତୁ ଲୋକମାନେ ସଚେତନ ରହିବା ନିହାତି ଆବଶ୍ୟକ। ନ ହେଲେ ଛତିଶଗଡ଼ ଭଳି ପରିସ୍ଥିତି ଓଡ଼ିଶାରେ ଦେଖାଯିବା ଅସମ୍ଭବ ନୁହେଁ। ଭୁବନେଶ୍ୱରକୁ ସବୁଆଡୁ ଲୋକ ଆସୁଥିବାରୁ ଏଠାରେ କରୋନା ଟିକିଏ ଅଧିକ ବ୍ୟାପୁଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଆବଶ୍ୟକ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଅଧିକ ଟେଷ୍ଟିଂ କଲେ ଅଧିକ ପଜିଟିଭ୍ ଆସୁଛି। ଏଥିପାଇଁ ଥ୍ରୀ-ଟି (ଟ୍ରେସିଂ, ଟେଷ୍ଟିଂ ଓ ଟ୍ରିଟମେଣ୍ଟ) ଫର୍ମୁଲା ଦରକାର। ହୋମ୍ ଆଇସୋଲେଶନ ସୁବିଧା ନ ଥିଲେ କୋଭିଡ୍ କେୟାର ଯାଆନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।




# ଆନ୍ଧ୍ର ମାନିଲାନି ହାଇକୋର୍ଟ ନିର୍ଦ୍ଦେଶ


ନେରେଡ଼ିବାଲସାର ଜଣେ ମତଦାତା ମତଦାନ କରୁଛନ୍ତି।


ନିର୍ବାଚନକୁ ବିରୋଧ କରି ଓଡ଼ିଶା ନେତା ଓ ଆନ୍ଧ୍ର କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

**କୋରାପୁଟ/ ପଟ୍ଟାଙ୍ଗୀ, ୮।୪ (ଡି.ଏନ୍.ଏ./ସ୍ୱ.ପ୍ର.)**

■ କଲା ଜିଲା ପରିଷଦ, ସମିତିସଭ୍ୟ ନିର୍ବାଚନ
■ ଓଡ଼ିଶା ସୀମାନ୍ତବାସୀ ଦେଲେ ଭୋଟ
■ ରାଜନେତା,ଗ୍ରାମବାସୀଙ୍କ ସହ ଅଧିକାରୀ ଧସ୍ତାଧସ୍ତି

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୀମାନ୍ତ କୋଟିଆ ପଞ୍ଚାୟତର ନେରେଡ଼ିବାଲସା ଗ୍ରାମରେ ଗୁରୁବାର ଆନ୍ଧ୍ର ଜିଲା ପରିଷଦ ଓ ସମିତିସଭ୍ୟ ପଦ ପାଇଁ ନିର୍ବାଚନ କରିଛି। ଆନ୍ଧ୍ର ହାଇକୋର୍ଟଙ୍କ ରହିତାଦେଶକୁ ମାନିନାହିଁ। ଏନେଇ ବୁଧବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିବା ଆନ୍ଧ୍ର ସରକାର ସବୁ ନୀତିନିୟମକୁ ଉଲ୍ଲଂଘନକରି ଭୋଟ କରାଇଛଇ। ନେରେଡ଼ିବାଲସା ଗ୍ରାମରେ ହୋଇଥିବା ମତଦାନ କେନ୍ଦ୍ରରେ ମାତ୍ର ୨୨୩ ଜଣ ଭୋଟ ଦେଇଛନ୍ତି। ବିଜୟନଗରମ ଜିଲାର ୩୪ଟି ଜିଲା ପରିଷଦ ଏବଂ ସାଲୁର ବ୍ଲକର ୧୬ଟି ସମିତି ସଭ୍ୟ ପାଇଁ ହେଉଥିବା ନିର୍ବାଚନରେ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ନେରେଡ଼ିବାଲସା ରହିଥିଲା। ମତଦାନ ସମୟରେ ସେଠାରେ ଉପସ୍ଥିତ ଥିବା ଓଡ଼ିଶାର ସବୁଦଳର ନେତାମାନେବିରୋଧ କରିଥିଲେ। ସେଠାରେ ପରିସ୍ଥିତି ଏପରି ହୋଇଥିଲା ଯେ, କିଛି ସମୟପାଇଁ ଆନ୍ଧ୍ରର ଡେପୁଟି କଲେକ୍ଟର ଓ ପାର୍ବତୀପୁରମର ଆଇଡିଟିଏ ଅଧିକାରୀ ଓ ନିର୍ବାଚନ କର୍ମଚାରୀଙ୍କୁ ଓଡ଼ିଶାର ନେତା ଓ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ଲାଗି ଧସ୍ତାଧସ୍ତି ହେବା ଦେଖିବାକୁ ମିଳିଥିଲା। ଓଡ଼ିଶା ନେତା ଓ ଗ୍ରାମବାସୀଙ୍କ ବିରୋଧ ଯୋଗୁ କେବଳ ନେରେଡ଼ିବାଲାସା ବ୍ୟତୀତ ଅନ୍ୟ କେଉଁ ସୀମାନ୍ତ ଗ୍ରାମରେ ଆନ୍ଧ୍ର ଭୋଟ ଗ୍ରହଣ କରିପାରିନାହିଁ। ଗତ ନିର୍ବାଚନ ତୁଳନାରେ ଏହି ମତଦାନ ଖୁବ୍ ନଗଣ୍ୟ ହୋଇଛି। ମାତ୍ର ୧୫ ପ୍ରତିଶତ ମତଦାନ ହୋଇଛି। ଗତଥର ୭୦ ପ୍ରତିଶତ ମତଦାନ ହୋଇଥିଲା।

ଖବରରୁ ଜଣାପଡ଼ିଛି କୋରାପୁଟ ଜିଲା ପ୍ରଶାସନର ସମସ୍ତ ସତର୍କତା ସତ୍ତ୍ୱେ ଗୁରୁବାର ସକାଳେ ଆନ୍ଧ୍ର ପକ୍ଷରୁ କୋଟିଆ ପଞ୍ଚାୟତର ନେରେଡ଼ିବାଲସା ଗ୍ରାମରେ ହୋଇଥିବା ବୁଥିରେ ମତଦାନ ଆରମ୍ଭ ହୋଇଥିଲା। ଏହାକୁ ନେରେଡ଼ିବାଲସାଠାରେ ଉପସ୍ଥିତ ଥିବା ଓଡ଼ିଶାର କେତେକ ନେତା ଓ ଗ୍ରାମବାସୀ ବିରୋଧ କରିଥିଲେ। ଏନେଇ କିଛି ସମୟ ପାଇଁ ଆନ୍ଧ୍ରର ଡେପୁଟି କଲେକ୍ଟର, ପାର୍ବତୀପୁରମର ଆଇଡିଟିଏ ଅଧିକାରୀ ଆର. କୋର୍ମନାଦ, ବିଜୟନଗରମ ଜିଲା ଆରକ୍ଷୀ ଅଧୀକ୍ଷକ ବିରାଜା କୁମାରୀ ଓ ସାଲୁର ତହସିଲଦାର ଶ୍ରୀନିବାସ ରାଓଙ୍କ ସହ ନିର୍ବାଚନ କର୍ମଚାରୀଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ପରେ ଆନ୍ଧ୍ର ପୋଲିସ ନିଜ ଗାଡ଼ିରେ ଲୋକଙ୍କୁ ବୋହି ଭୋଟ କେନ୍ଦ୍ରକୁ ନେଇଥିଲା। ଅପରାହ୍ନ ୩ଟା ବେଳକୁ ମାତ୍ର ୨୨୩ ଜଣ ମତଦାନ କରିଥିବା ଜଣାପଡିଛି। କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାଶ, ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ଅତିରିକ୍ତ ତହସିଲଦାର ମହାଦେବ ଭଦ୍ରାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ନେରେଡ଼ିବାଲସା ଗ୍ରାମରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ।

ସୂଚନାଯୋଗ୍ୟ, ଏହି ମତଦାନକୁ ରୋକିବାକୁ କୋରାପୁଟ ଜିଲା ପ୍ରଶାସନ ଓ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ନେତାମାନେ ପୂର୍ବରୁ ବହୁ ସଚେତନତା କାର୍ଯ୍ୟକ୍ରମ କରି ସ୍ଥାନୀୟ ଲୋକଙ୍କୁ ମତଦାନରେ ସାମିଲ ନ ହେବାକୁ ଅନୁରୋଧ କରିଥିଲେ। କୋରାପୁଟ ଜିଲାପାଳ ଅବଦାଲ ମହମ୍ମଦ ଅଖତାର କରୋନା କଟକଣା ନେଇ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରିଥିଲେ। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ବିଜେଡି ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ପଟ୍ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସମେତ ଅନ୍ୟମାନେ ଫାଟୁସିନେରି ଓ ନେରେଡ଼ିବାଲସାରେ ରହି ଲୋକଙ୍କୁ ଭୋଟ ନ ଦେବାକୁ ବୁଝାଇଥିଲେ।

# କଲେଜ ଛାତ୍ରଙ୍କୁ ଅପହରଣ ପରେ ନିସ୍ତୁକ ପିଟିଲେ

**ବଲାଙ୍ଗୀର ଅଫିସ, ୮।୪**

■ ୬ ଛାତ୍ର ଅଟକ, ୩ ଅଣଛାତ୍ର ଫେରାର
■ ଭିଡିଓ ଭାଇରାଲ ପରେ ପ୍ରଘଟ ହେଲା ଘଟଣା

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜଣେ ଯୁକ୍ତ ୨ ନାବାଳକ ଛାତ୍ରଙ୍କୁ ସେହି ଶିକ୍ଷାନୁଷ୍ଠାନର କେତେକ ଛାତ୍ର ଓ ଅଣଛାତ୍ର ଗୋଷ୍ଠୀ ଅପହରଣ କରିନେଇ ନିସ୍ତୁକ ମାଡ ମାରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା ଦୃଷ୍ଟିକୁ ଆସିବା ପରେ କଲେଜ କ୍ୟାମ୍ପସରେ ର୍‍ୟାଗିଂ, ଅଣଛାତ୍ରଙ୍କ ଦୌରାତ୍ମ୍ୟ ଓ ଗୋଷ୍ଠୀ ବିବାଦ ଭଳି ସଙ୍ଗୀନ ଘଟଣା ପ୍ରଘଟ ହୋଇଛି। ଏହି ଘଟଣାରେ ଆଦର୍ଶ ଥାନା ପୋଲିସ ଗୁରୁବାର ୬ଜଣ ନାବାଳକ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ୩ ଜଣ ଅଣଛାତ୍ର ଫେରାର ହୋଇଯାଇଛନ୍ତି। ଏହି ସମସ୍ତ ଛାତ୍ର ଓ ଅଣଛାତ୍ର ବଲାଙ୍ଗୀର ସହରର ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଭାଇରାଲ ଭିଡିଓ ଘଟଣାଟି ଗତ ୫ ତାରିଖର ଓ ଏନେଇ ପୀଡିତ ଛାତ୍ର ଜଣକ ଥାନାରେ ଅଭିଯୋଗ କରିଥିବା କୁହାଯାଇଛି। ଭାଇରାଲ ହୋଇଥିବା ଭିଡିଓରୁ ମାଡ଼ ଖାଉଥିବା ଛାତ୍ର ଜଣକ ପୂର୍ବରୁ ଅନ୍ୟ ଛାତ୍ରଙ୍କୁ ମାଡ ମାରିଥିବାରୁ ତାଙ୍କୁ ମାଡ ମରାଯାଉଥିବା କୁହାଯାଇଛି । ରାଜେନ୍ଦ୍ର କଲେଜ ପଛପଟକୁ ଛାତ୍ରଙ୍କୁ ଟେକି ନେଇ ଅଣଛାତ୍ର ଓ ଛାତ୍ରମାନେ ଲାଠିରେ ମାଡ ମାରିବା ସହ ସିଗାରେଟ୍ ଚେଙ୍କ ଦେଉଛନ୍ତି। ଏନେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରର ଦୁର୍ଗା ପ୍ରସନ୍ନ ମହାପାତ୍ରଙ୍କ ପଚରାଯିବାରୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସେଭଳି ଘଟଣା ଘଟିଥିବା ନେଇ କୌଣସି ଅଭିଯୋଗ ଆସିନାହିଁ । ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ଏ ଦିଗରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମୃତଦେହ ରଖି ରାଜପଥ ଅବରୋଧ


ମହିଳାମାନେ ମୃତଦେହ ରଖି ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି।

**ବନ୍ତ,୮।୪(ଡି.ଏନ.ଏ.)**

**ମଦ ମୃତ୍ୟୁ ଅଭିଯୋଗ**
■ ମଦ ଦୋକାନ ଉଚ୍ଛେଦ ସହ କ୍ଷତିପୂରଣ ଦାବି

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ଅଭିମନ୍ୟୁ ରାଉତ ନାମକ ଜଣେ ବ୍ୟକ୍ତିଙ୍କର ମଦ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। କ୍ଷତିପୂରଣ ଦାବିରେ ଗୁରୁବାର ମଧ୍ୟାହ୍ନରୁ କେନାଲ ଛକଠାରେ ମହିଳାମାନେ ମୃତଦେହ ରଖି ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଏକ ମଦ ଦୋକାନ ପାର୍ଶ୍ୱରେ ଅଭିମନ୍ୟୁ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଯୁବକଙ୍କ ସହାୟତାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ମହିଳାମାନେ ମଦ ଦୋକାନ ଉଚ୍ଛେଦ ସହ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ପ୍ରଥମେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଉକ୍ତ ଦୋକାନରେ ଭେଜାଲ ମଦ ବିକ୍ରି ଯୋଗୁ ଏଭଳି ମଦମୃତ୍ୟୁ ହୋଇଥିବା ମହିଳାମାନେ ଅଭିଯୋଗ କରିଥିଲେ। ଅବରୋଧ ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ଗ୍ରାମାଞ୍ଚଳ ଥାନା ଆଇଆଇସି ଆଲୋକ କୁମାର ଜେନା ସେମାନଙ୍କ ସହ ଆଲୋଚନା କରି ମଦ ଦୋକାନୀ ପକ୍ଷରୁ ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦେବା ସହ ଦୁଇମାସ ମଧ୍ୟରେ ଉକ୍ତ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁ ହୋଇଛି। ପ୍ରକାଶ ଯେ, ଅଭିମନ୍ୟୁ ଜଣେ ଗାଡ଼ି ଚାଳକ ଥିଲେ। ତାଙ୍କ ମୃତ୍ୟୁରେ ସ୍ତ୍ରୀ ଓ ଏକମାତ୍ର ପୁଅ ବେସାହାରା ହୋଇପଡ଼ିଛନ୍ତି।



ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। **–ଶ୍ରୀଅରବିନ୍ଦ**

# ମୃତ୍ୟୁ ପାଇଁ ଅଧିକାର



ପିଟର ସିଙ୍ଗର

ମୃତ୍ୟୁ ପାଇଁ ସହାୟତାର ଅଧିକାର ଲଗାତର ମଜଭୁତ ହେବାରେ ଲାଗିଛି। ସ୍ପେନ ପାର୍ଲାମେଣ୍ଟ ଏକ ଆଇନ ପାସ୍ କରିଛି, ଯାହା ଜୁନ୍‌ରେ କାର୍ଯ୍ୟକାରୀ ହେବ ବୋଲି ଅନୁମାନ କରାଯାଉଛି। ମାରାତ୍ମକ ତଥା ଅସାଧ୍ୟ ରୋଗରେ ପଡ଼ି ଅସହ୍ୟ ଯନ୍ତ୍ରଣା ଭୋଗୁଥିବା ବୟସ୍କ ରୋଗୀମାନେ ମରିବାକୁ ଚାହୁଁଥିଲେ ଡାକ୍ତରମାନେ ସେମାନଙ୍କୁ ସାହାଯ୍ୟ କରିବାକୁ ଏହି ଆଇନ ଅନୁମତି ଦେଇଛି। ଡାକ୍ତରମାନେ ରୋଗୀଙ୍କୁ ଘାତକ ଔଷଧ ଖାଇବାକୁ ପରାମର୍ଶ ଦେଇପାରିବେ। ଏହାକୁ ରୋଗୀମାନେ ନିଜେ ଖାଇପାରିବେ କିମ୍ବା ରୋଗୀଙ୍କୁ ଡାକ୍ତରମାନେ ଘାତକ ଇଞ୍ଜେକ୍‌ସନ ଦେଇପାରିବେ। ଏହାକୁ ଇଚ୍ଛାମୃତ୍ୟୁ କୁହାଯାଏ। ଫେବୃୟାରୀରେ ପର୍ତ୍ତୁଗାଲ ପାର୍ଲାମେଣ୍ଟରେ ପାସ କରାଯାଇଥିବା ଆଇନରେ ଗୁରୁତର ଅସୁସ୍ଥ ତଥା ମରଣ ସହ ଲଢୁଥିବା ରୋଗୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ପର୍ତ୍ତୁଗାଲର ରାଷ୍ଟ୍ରପତି ମାର୍କେଲୋ ରିବେଲୋ ଦେ ସୌସା ଏହି ଆଇନକୁ ସାମ୍ବିଧାନିକ କୋର୍ଟକୁ ପଠାଇଛନ୍ତି ଓ କୋର୍ଟ ଏହାକୁ ରଦ୍ଦ କରିଛନ୍ତି। ତେବେ ଏହାର ରିଭିଜନ ଭର୍ସନ ପାସ୍ ହେବ ବୋଲି ଅନୁମାନ କରାଯାଉଛି।

ଅନ୍ୟ ଦେଶଗୁଡ଼ିକ ଏ କ୍ଷେତ୍ରରେ ମଧ୍ୟ ଆଗକୁ ବଢ଼ିଛନ୍ତି। ୨୦୧୬ରୁ କାନାଡାରେ ପାସ୍ କରାଯାଇଥିବା ଆଇନ ମଧ୍ୟ ଡାକ୍ତରୀ ସହାୟତାରେ ଆତ୍ମହତ୍ୟା ଏବଂ ଇଚ୍ଛାମୃତ୍ୟୁକୁ ଅନୁମତି ଦେଇଛି। ଯେଉଁ ରୋଗୀମାନଙ୍କ ସ୍ୱାଭାବିକ ମୃତ୍ୟୁର ପୂର୍ବାଭାସ ମିଳିଥିବ ଓ ଯୁକ୍ତିଯୁକ୍ତ ମନେହେଉଥିବ ସେମାନଙ୍କୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ଅନୁମତି ଦିଆଯାଇଛି। କିନ୍ତୁ ଏହି ଆଇନ ସେଠାକାର ନାଗରିକମାନଙ୍କ ଅଧିକାର ଓ ସ୍ୱାଧୀନତାର ଉଲ୍ଲଂଘନ କରୁଥିବା କାନାଡାର ଉଚ୍ଚତମ ନ୍ୟାୟାଳୟ ଦର୍ଶାଇଥିଲେ। କାନାଡାର ଲୋକମାନେ ଏହି ଆଇନକୁ ସମର୍ଥନ କରିଥିଲେ। କିନ୍ତୁ ଏକ ଜନମତ ଅନୁଯାୟୀ ୧୦ ଜଣରେ ୮ ଜଣେ ଏହାକୁ ସ୍ୱାଧୀନତା ଉପରେ କଠୋର କଟକଣା ବୋଲି ମତ ଦେଇଥିଲେ। କ୍ୟୁବେକରେ ଏକ କେସରେ ୨୦୧୯ରେ କାନାଡାର ସୁପ୍ରିମକୋର୍ଟ ସ୍ୱାଭାବିକ ଭାବେ ମୃତ୍ୟୁର ପୂର୍ବାଭାସ ମିଳୁଥିବା ରୋଗୀମାନଙ୍କୁ ମୃତ୍ୟୁରେ ସହାୟତା କରିବା ନିୟମ ପ୍ରଦତ୍ତ ଅଧିକାରର ଉଲ୍ଲଂଘନ କରୁଛି ବୋଲି ରାୟ ଦେଇଥିଲେ। କିନ୍ତୁ ମାର୍ଚ୍ଚରେ ସାଧାରଣରେ ବ୍ୟାପକ ବିଚାରବିମର୍ଶ ଓ ପାର୍ଲାମେଣ୍ଟରେ ଡିବେଟ୍ କରାଯିବା ପରେ କାନାଡା ପାର୍ଲାମେଣ୍ଟ ଏହି ଆଇନରେ ସଂଶୋଧନ ପାଇଁ ଅନୁମୋଦନ କରିଛି। ଯଦି ରୋଗୀମାନେ ଗମ୍ଭୀର ଓ ଅସାଧ୍ୟ ଅବସ୍ଥାରେ ଥାଆନ୍ତି ସେମାନେ ମୃତ୍ୟୁ ପାଇଁ ସହାୟତା ପାଇବା ଲାଗି ଯୋଗ୍ୟ ବୋଲି ଏହି ସଂଶୋଧିତ ଆଇନରେ କୁହାଯାଇଛି। ମାରାତ୍ମକ ଏବଂ ଆରୋଗ୍ୟ ନ ହେବା ଭଳି ଅସୁସ୍ଥତା, ରୋଗ କିମ୍ବା ଅକ୍ଷମତା ଯାହା ବଦଳିବାର ସମ୍ଭାବନା କ୍ଷୀଣ ସେହି ରୋଗୀମାନେ ମୃତ୍ୟୁ ସହାୟତା ପାଇବା ଯୋଗ୍ୟ ବୋଲି କୁହାଯାଇଛି। ସ୍ଥାୟୀଭାବେ ଶାରୀରିକ ବା ମାନସିକ ସ୍ତରରେ ଭୋଗୁଥିବା ଅସହ୍ୟ ଯନ୍ତ୍ରଣା ଯାହା ଚିକିତ୍ସା ମାଧ୍ୟମରେ କୌଣସି ପ୍ରକାରେ ଭଲ ହୋଇପାରିବ ନାହିଁ ସେହି ରୋଗୀମାନଙ୍କୁ ଏହି ସହାୟତା ଉପଲବ୍ଧ ହେବ। ଯେଉଁ ରୋଗୀମାନଙ୍କର ସ୍ୱାଭାବିକ ମୃତ୍ୟୁର ଯଥାର୍ଥ ପୂର୍ବାଭାସ ମିଳୁ ନ ଥିବ ସେମାନେ ଏବେ ମୃତ୍ୟୁର ସହାୟତା ପାଇବା ପାଇଁ ଯୋଗ୍ୟ। ହେଲେ ଇଚ୍ଛାମୃତ୍ୟୁ ପାଇଁ ଏମାନଙ୍କ ଆବେଦନ ଉପରେ ଅଧିକ ଯାଞ୍ଚ ହେବା ସହ ରୋଗୀମାନେ ଇଚ୍ଛାମୃତ୍ୟୁ ପାଇଁ ଯୋଗ୍ୟ କି ନାହିଁ ତାହା ପରୀକ୍ଷା କରିବାର ସମୟ ଅବଧି ୯୦ ଦିନ ହେବା ଦରକାର ବୋଲି ପ୍ରକାଶ କରାଯାଇଛି।

ଦୀର୍ଘ ୫ ବର୍ଷ ପରେ ୨୦୧୬ରେ ପାସ୍ କରାଯାଇଥିବା ଆଇନର ପାର୍ଲାମେଣ୍ଟାରୀ ସମୀକ୍ଷା ଦରକାର ପଡ଼ିଲା। ଏହାସହ ଏହି ଆଇନ କିପରି କାର୍ଯ୍ୟ କରୁଛି ତା'ଉପରେ ଲୋକମାନଙ୍କ ମତକୁ ଆଧାର କରି ପାର୍ଲାମେଣ୍ଟାରୀ ସମୀକ୍ଷା ଦୁଇଟି ଘଟଣା ଉପରେ ବିଚାର କରିବ ବୋଲି ଜଣାଯାଏ, ଯାହା ମୃତ୍ୟୁ ପାଇଁ ସହାୟତାକୁ ନେଇ ସାଧାରଣରେ ହେଉଥିବା ଆଲୋଚନାକୁ ଧ୍ୟାନରେ ରଖି ନୂଆ ରୂପ ଦେବାରେ ସାହାଯ୍ୟ କରିବ। ମୃତ୍ୟୁ ପାଇଁ ଆଗୁଆ ଅନୁରୋଧକୁ ଏହା ଅନୁମତି ଦେବା ଓ ମାନସିକ ଅସୁସ୍ଥତା ଯୋଗୁ ଭୋଗୁଥିବା ଅସହ୍ୟ ଏବଂ ଅସାଧ୍ୟ ରୋଗୀଙ୍କୁ ମୃତ୍ୟୁ ପାଇଁ ସହାୟତା ଯୋଗାଇ ଦେବା ଉଚିତ ହେବ କି ନାହିଁ ତାହା ପାର୍ଲାମେଣ୍ଟାରୀ ସମୀକ୍ଷା ବିଚାର କରିବ।

ଲୋକଙ୍କ ବୟସ ଏବଂ ଅଧିକ ଡିମେନସିଆରେ ଆକ୍ରାନ୍ତ ଯୋଗୁ ମୃତ୍ୟୁ ପାଇଁ ଆଗୁଆ ଅନୁରୋଧକୁ ଅନୁମତି ଦେବା ଘଟଣା ଜଟିଳ ହେବ । ଗତବର୍ଷ ଡଚ୍ ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ଯେଉଁ ରୋଗୀମାନେ ଇଚ୍ଛାମୃତ୍ୟୁ ପାଇଁ ଲିଖିତ ଜଣାଇଥିବେ ସେମାନଙ୍କ ଇଚ୍ଛାମୃତ୍ୟୁକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିଥିବା ଡାକ୍ତରମାନଙ୍କ ଉପରେ କୌଣସି ମକଦ୍ଦମା କରାଯାଇପାରିବନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ସହମତି କ୍ଷମତା ହରାଇଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ,ଡିମେନସିଆର ପ୍ରାରମ୍ଭିକ ଅବସ୍ଥାରେ ଥିବା ରୋଗୀମାନଙ୍କୁ ବିନା ଭୟରେ ଜୀବନକୁ ଉପଭୋଗ କରିବାକୁ ଅନୁମତି ଦେଇଛି। କାନାଡାର ୨୦୨୧ ଆଇନ ମୃତ୍ୟୁ ପାଇଁ ସହାୟତା ପାଇବା ଯୋଗ୍ୟ ମାନସିକ ଅସୁସ୍ଥତାକୁ ସ୍ପଷ୍ଟ ଭାବେ ନିଷିଦ୍ଧ କରିଥିଲେ ମଧ୍ୟ ଆଉ ଦୁଇ ବର୍ଷ ପରେ ଏହା ରହିବ ନାହିଁ। ପ୍ରକୃତରେ ଅସାଧ୍ୟ ମାନସିକ ରୋଗରେ ପୀଡ଼ିତ ଲୋକମାନଙ୍କ ଅନୁରୋଧକୁ ନିଶ୍ଚିତ କରିବାକୁ କେଉଁ ସୁରକ୍ଷାତ୍ମକ ପଦକ୍ଷେପ ଦରକାର ତାହା ସ୍ଥିର କରିବା ପାଇଁ ପାର୍ଲାମେଣ୍ଟକୁ ଏହା ଏକ ସମୟ ସୀମା ଦେଇଛି। କିଛି ମାନସିକ ରୋଗୀ ଚିକିତ୍ସା ସୁବିଧା ପାଆନ୍ତି ନାହିଁ ଏବଂ ଅତ୍ୟଧିକ ଯନ୍ତ୍ରଣା ଭୋଗ କରନ୍ତି। ଯଦି ଏକ ଅସାଧ୍ୟ ତଥା ଅସରନ୍ତି ଶାରିରୀକ ଯନ୍ତ୍ରଣା ଜଡ଼ିତ ରୋଗୀଙ୍କ ମୃତ୍ୟୁ ପାଇଁ ସହାୟତା କରାଯାଉଛି, ତେବେ କାହିଁକି ଅସାଧ୍ୟ ମାନସିକ ରୋଗୀଙ୍କୁ ଏହା ଦିଆଯିବନାହିଁ। ତେବେ ଅସାଧ୍ୟ ମାନସିକ ଅସୁସ୍ଥତାରେ ଆକ୍ରାନ୍ତ ଲୋକେ, ଯେଉଁମାନଙ୍କୁ କୌଣସି ଚିକିତ୍ସା କାମ କରୁନାହିଁ ସେମାନଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଯୋଗ୍ୟ କରାଗଲେ ଏହା ସେମାନଙ୍କ ଜୀବନକୁ ସହଜ କରିପାରିବ ।

ମାନସିକ ରୋଗକୁ ବେଲ୍‌ଜିୟମ ଓ ନେଦରଲାଣ୍ଡରେ ଇଚ୍ଛାମୃତ୍ୟୁ ପାଇଁ ଗ୍ରହଣ କରାଯାଇଛି। ବେଲଜିୟମରେ ଇଚ୍ଛାମୃତ୍ୟୁ ପାଇଁ ଅନୁରୋଧ କରିଥିବା ୧୦୦ ଜଣ ମାନସିକ ରୋଗୀଙ୍କ ମଧ୍ୟରୁ ୪୮ ଜଣଙ୍କୁ ଅନୁମତି ଦିଆଯାଇଛି, କିନ୍ତୁ ୮ ଜଣ ରୋଗୀ ଏହି ପ୍ରକିୟାକୁ ବନ୍ଦ କଲେ, କାରଣ ଏହି ବିକଳ୍ପ ସେମାନଙ୍କୁ ବଞ୍ଚିବା ଲାଗି ମାନସିକ ସ୍ତରରେ ଅଧିକ ଶାନ୍ତି ଦେଲା। ଜଣେ ରୋଗୀର ମାନସିକ ଅସୁସ୍ଥତା ଅସାଧ୍ୟ କି ନାହିଁ ଏବଂ ତାହା ଜାରି ରହିବ କି ନାହିଁ ତାହା ଆକଳନ କରିବା କଷ୍ଟକର। ଶେଷରେ କେବଳ ରୋଗୀ ହିଁ ନିର୍ଣ୍ଣୟ କରିବେ ଯନ୍ତ୍ରଣା କେତେ ଅସହ୍ୟ । ଏଣୁ ଆଗକୁ ଚିକିତ୍ସା କରାଯିବ କି ତାଙ୍କ ଜୀବନ ଶେଷ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯିବା ଉଚିତ।

ପ୍ରଫେସର, ପ୍ରିନ୍ସଟନ ୟୁନିଭର୍ସିଟି

## ଏଇ ଭାରତରେ

ଶହ ଶହ ଚାଷୀଙ୍କୁ ସଶକ୍ତ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କଶ୍ମୀରର କୃଷକ ଭରତ ଭୂଷଣ। ସେ ଡୋଡା ଜିଲାର ଲେହୋଟେ ଗାଁରେ ଜୈବିକ ପଦ୍ଧତିରେ ଲାଭେଣ୍ଡର ଚାଷ କରନ୍ତି। ୧୦ ବର୍ଷ ପୂର୍ବେ ଭରତ ଏହି ଚାଷ ଆରମ୍ଭ କରିଥିଲେ। ଏବେ ଏଥିରୁ ସେ ପର୍ଯ୍ୟାପ୍ତ ଲାଭ ପାଇବା ସହ କଶ୍ମୀରର ବିଭିନ୍ନ ଗାଁକୁ ଯାଇ ଚାଷୀମାନଙ୍କୁ ଲାଭେଣ୍ଡର ଚାଷ କରିବାକୁ ଉତ୍ସାହିତ କରୁଛନ୍ତି। ଏଥିପାଇଁ ବି ସେମାନଙ୍କୁ ସହଯୋଗ କରୁଛନ୍ତି। ଦୀର୍ଘଦିନ ଚେଷ୍ଟାକରି ଏବେ ସୁଦ୍ଧା ୫୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଲାଭେଣ୍ଡର ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି। ଚାଷୀମାନେ ୧୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଜୈବିକ ପଦ୍ଧତିରେ ଏହି ଚାଷ କରି ପ୍ରତ୍ୟେକେ ୩ ଲକ୍ଷ ଟଙ୍କା ଯାଏ ରୋଜଗାର କରୁଛନ୍ତି। ଭରତ ତାଙ୍କ ନର୍ସରୀରେ ଲାଭେଣ୍ଡର ଚାରା ଉତାରି ଚାଷୀମାନଙ୍କୁ ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟରେ ଭରତ ଆଖପାଖ ଅଞ୍ଚଳର ବହୁ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ( ସିଏସ୍ଆଇଆର୍)ର ବୈଜ୍ଞାନିକମାନେ ମଧ୍ୟ ଏହି ଚାଷୀମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ଚାଷୀମାନେ କିଭଳି ସହଜରେ ଲାଭେଣ୍ଡର ତେଲ ପ୍ରସ୍ତୁତ କରିପାରିବେ ସେଥିପାଇଁ ପ୍ରଶାସନ 'ମିଶନ ଆରୋମା' ଆରମ୍ଭ କରି ବିଭିନ୍ନ ସ୍ଥାନରେ ଅଏଲ ଡିଷ୍ଟିଲେଶନ ମେଶିନ ବସାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୯୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାଧବରାଓ ସିନ୍ଧିଆ, ପି. ଚିଦାମ୍ବରମ୍ ଏବଂ ଏମ୍. ଅରୁଣାଚଳମଙ୍କୁ କଂଗ୍ରେସ (ଇ)ରୁ ବହିଷ୍କାର କରାଯାଇଥିବା ବେଳେ ଅନ୍ୟତମ ବିଦ୍ରୋହୀ ନେତା ଜି.କେ. ମୁପାନାରଙ୍କୁ ଦଳରୁ ସସ୍‌ପେଣ୍ଡ କରାଯାଇଛି।
- ଐତିହାସିକ ଜାମା ମସ୍‌ଜିଦରେ ବେଆଇନ ଭାବରେ ନିର୍ମିତ ଉଦ୍‌ଖାନାକୁ ଦୁଇ ସପ୍ତାହ ମଧ୍ୟରେ ଭାଙ୍ଗିଦେବା ପାଇଁ ଦିଲ୍ଲୀ ହାଇକୋର୍ଟର ନିର୍ଦ୍ଦେଶ।
- ଏମ୍ଆର୍‌ଏଫ୍ କମ୍ପାନୀ ଲୋଗୋ ନିଜ ବ୍ୟାଟ୍‌ରେ ବ୍ୟବହାର କରିଥିବାରୁ ଭାରତୀୟ ଦଳ ଉପ ଅଧିନାୟକ ସଚିନ ତେନ୍ଦୁଲକରଙ୍କୁ ୫ ହଜାର ଟଙ୍କା ଜରିମାନା।

## ଚିରନ୍ତନୀ

ଜୀବନ-ସମସ୍ୟା ଯେଣୁ ଦିନୁଁ ଦିନୁଁ
ହୁଅଇ ଜଟିଳ
ଆଚାର-ବିଧାନ-ଗ୍ରନ୍ଥି ହେଉଅଛି
ଅଧିକ ଶିଥିଳ।

-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 1 | 7 | | 9 | 5 | | |
| | | | | | | 1 | | |
| | 9 | | | 4 | | | | |
| | | | 5 | | 7 | | | |
| 2 | 7 | | 1 | | | | | |
| | | 8 | | | | 9 | | 6 |
| | 2 | | | 3 | | | | |
| 8 | 6 | | 4 | | | | | 3 |
| 1 | | | | | 2 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 8 | 9 | 6 | 7 | 5 | 1 | 2 |
| 2 | 5 | 7 | 4 | 8 | 1 | 3 | 6 | 9 |
| 6 | 9 | 1 | 5 | 2 | 3 | 8 | 7 | 4 |
| 7 | 2 | 9 | 3 | 5 | 4 | 1 | 8 | 6 |
| 1 | 8 | 6 | 7 | 9 | 2 | 4 | 5 | 3 |
| 5 | 3 | 4 | 6 | 1 | 8 | 9 | 2 | 7 |
| 4 | 6 | 3 | 1 | 7 | 5 | 2 | 9 | 8 |
| 9 | 1 | 2 | 8 | 4 | 6 | 7 | 3 | 5 |
| 8 | 7 | 5 | 2 | 3 | 9 | 6 | 4 | 1 |

ଗତକାଲିର ଉତ୍ତର

# ଜିତେଇଦେଲେ ଚନ୍ଦ୍ର ବୁଲେଇନେବି



ଇଂ. ଶକ୍ତି ପ୍ରସାଦ ଦାସ

ନିକଟରେ ତାମିଲନାଡୁର ଦକ୍ଷିଣ-ମଦୁରାଇ ନିର୍ବାଚନମଣ୍ଡଳୀରୁ ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଲେ ଭୋଟରଙ୍କୁ ମାଗଣାରେ ଚନ୍ଦ୍ର ବୁଲାଇ ନେବାର ପ୍ରତିଶ୍ରୁତି ଦେଇଛନ୍ତି। ଘର ପିଛା ଗୋଟିଏ ମିନି ହେଲିକପ୍ଟର, ବାର୍ଷିକ ୧ କୋଟି ଟଙ୍କାର ଜମା, ବିବାହ ପାଇଁ ସୁନା ଅଳଙ୍କାର, ତିନି ମହଲା ଘର ଇତ୍ୟାଦି ଇତ୍ୟାଦି। ନାମାଙ୍କନପତ୍ର ଦାଖଲ କରିବା ପାଇଁ କୋଡ଼ିଏ ହଜାର ଟଙ୍କାର ଅମାନତ ଜମା ବାବଦ ରାଶି ସୁଧରେ ଋଣ ନେଇଛନ୍ତି ସେ। ତାଙ୍କର ଅସଲ ଉଦ୍ଦେଶ୍ୟ ହେଉଛି, ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମାଗଣା ତୁଷ୍ଟୀକରଣ ଯୋଜନାରେ ଭଳି ନ ଯାଇ ଭଲ ପ୍ରାର୍ଥୀ ଚୟନ କରିବାକୁ ସାଧାରଣ ଜନତାଙ୍କୁ ଚେତାଇ ଦେବା।

୩୦୦ ନିୟୁତ ଗରିବ ଜନତାଙ୍କ ବୋଝ ବୋହୁଥିବା ଭାରତ ଭଳି ଦେଶରେ, ଜନ-ମଙ୍ଗଳ ରାଜନୀତି ଜରିଆରେ ମାଗଣା ତୁଷ୍ଟୀକରଣ ଯୋଜନାସବୁ ଘୋଷଣା କରି ନିର୍ବାଚନ ବୈତରଣୀ ପାରିହେବାର ଲୋଭରୁ କୌଣସି ରାଜନୈତିକ ଦଳ ବର୍ତ୍ତି ପାରିନାହାନ୍ତି। ନିର୍ବାଚନୀ ଇସ୍ତାହାରରେ ତୁଷ୍ଟୀକରଣ ଯୋଜନାସବୁ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ବିକାଶ-ଆଧାରିତ ଉତ୍ତମ ଶାସନ ପଛ ସିଟ୍ ନେଇଛି । ସମାନତା, ସାମାଜିକ ନ୍ୟାୟ ଓ ସମାବେଶୀ ବିକାଶର ପରିଭାଷା ଏହା ମଧ୍ୟରେ ବଦଳି ଯିବା ପରି ଲାଗୁଛି।

ସେ କଂଗ୍ରେସର ଉପା ସରକାର ହେଉ କିମ୍ବା ଭାଜପାର ଏନ୍‌ଡିଏ ସରକାର, ଅଥବା ବିଭିନ୍ନ ଆଞ୍ଚଳିକ ଦଳର ସରକାର, ସମସ୍ତେ ଅଳ୍ପ ବହୁତେ ଏହି ମାଗଣା ତୁଷ୍ଟୀକରଣ ଯୋଜନାସବୁର ଆଶ୍ରୟ ନେଇ ଭିନ୍ନଭିନ୍ନ ସମୟରେ ଶାସନଗାଦି ହାତେଇବାକୁ ସକ୍ଷମ ହୋଇଛନ୍ତି। ଚଳିତ ନିର୍ବାଚନରେ ତାମିଲନାଡୁ ରାଜ୍ୟରେ ଦୁଇ ପରସ୍ପର ବିରୋଧୀ ରାଜନୈତିକ ଦଳ ଡିଏମ୍‌କେ ଓ ଏଆଇଡିଏମ୍‌କେ 'ମାଗଣା-ଟ୍ୟାଗ୍'ଯୁକ୍ତ ଯୋଜନାସବୁ ଘୋଷଣା କରିବା ଦୌଡ଼ରେ ଏଭଳି ପ୍ରତିଯୋଗିତା କରୁଛନ୍ତି ଯେ, ସାମାନ୍ୟତମ ଲଜ୍ଜା ଟିକକ ଭୁଲିଯାଉଛନ୍ତି। ଡିଏମ୍‌କେ ଘରୋଇ ଖର୍ଚ୍ଚ ପାଇଁ ମାସିକ ୧୦୦୦ ଟଙ୍କା ଭତ୍ତା ଘୋଷଣା କରିଥିଲେ। ଏଆଇଡିଏମ୍‌କେ ଆଉ ଦି' ପାଦ ଆଗକୁ ଯାଇ ଏହି ଭତ୍ତାକୁ ୧,୫୦୦ ଟଙ୍କା ଘୋଷଣା କରିଛି। ଏଆଇଡିଏମ୍‌କେ ପରିବାର ପିଛା ବର୍ଷକୁ ୬ଟି ମାଗଣା ଏଲ୍‌ପିଜି ସିଲିଣ୍ଡର, ମାଗଣା ୱାଶିଂ ମେଶିନ୍, ସମସ୍ତଙ୍କ ପାଇଁ ଗୃହ, ସୌର ଚୁଲା, ଶିକ୍ଷାଋଣ ଛାଡ଼, ବିନା ସରକାରୀ ଚାକିରିଆ ଥିବା ପରିବାର ପିଛା ସରକାରୀ ଚାକିରି ଇତ୍ୟାଦି ପ୍ରତିଶ୍ରୁତି ଦେଇଥିବାବେଳେ ଡିଏମ୍‌କେ କୋଭିଡ୍-୧୯ ପ୍ରଭାବିତ ଚାଉଳ-ରାସନ କାର୍ଡଧାରୀଙ୍କୁ ୪୦୦୦ ଟଙ୍କାର ସହାୟତା, ସ୍ଥାନୀୟ ଲୋକଙ୍କ ପାଇଁ ୭୫% ଚାକିରି ସଂରକ୍ଷଣ ଓ ବିଭିନ୍ନ ଋଣଛାଡ଼ର ପ୍ରତିଶ୍ରୁତି ଦେଇଛି। ଡିଏମ୍‌କେ ମୁଖ୍ୟ ସ୍ୱର୍ଗତ ଏମ୍. କରୁଣାନିଧି ୨୦୦୬ ମସିହାରୁ ଏହି ପରମ୍ପରା ଆରମ୍ଭ କଲେ ଏବଂ ସ୍ୱର୍ଗତା ଜୟଲଳିତା ମାଗଣା ରଙ୍ଗିନ ଟିଭି ସେଟ୍, ମାଗଣା ଲାପ୍‌ଟପ୍, ଦୁଧିଆଳୀ ଗାଈ, ମିକ୍ସର୍-ଗ୍ରାଇଣ୍ଡର୍, ମଙ୍ଗଳସୂତ୍ର ପାଇଁ ସୁନା ଇତ୍ୟାଦି ସହ ଏହାକୁ ଖୁବ୍ ଜାକଜମକରେ ଆଗେଇନେଲେ।

ଏସବୁ ଶସ୍ତା ଜନପ୍ରିୟ ଭତ୍ତା ଓ ମାଗଣା ତୁଷ୍ଟୀକରଣ ଯୋଜନାର ବର୍ଷା କରିବା ପୂର୍ବରୁ ତଜ୍ଜନିତ ଆର୍ଥିକ ବୋଝ କେହି କେବେ ହିସାବ କରିଛନ୍ତି କି? ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଏକ ସୁଦୃଢ଼ ଆର୍ଥିକ ଢାଞ୍ଚା ବିକାଶ କରିବା ପାଇଁ ପର୍ଯ୍ୟାପ୍ତ ଆର୍ଥିକ ନିବେଶର ଅଭାବରେ, ସରକାରଙ୍କ ରୋଜଗାର ବୃଦ୍ଧିର ଆଶା କମିବାବେଳେ, ବୋଧହୁଏ ନାଗରିକମାଙ୍କୁ ନିଶାପାଣିରେ ବୁଡ଼ାଇ ତହିଁରୁ ଶୁଳ୍କ ଆଦାୟ କରି ଏହି ନିଅଣ୍ଟ ଭରଣା କରିବେ ବୋଲି ରାଜନେତାମାନେ ଚିନ୍ତା କରିଛନ୍ତି। ଏପଟରେ ମାଗଣା ଯୋଜନାସବୁରେ ନାଗରିକମାନଙ୍କ ମନ ମୋହୁଥିବାବେଳେ, ସେପଟେ ନିଶାପାନକୁ ପରୋକ୍ଷ ଭାବରେ ପ୍ରୋତ୍ସାହିତ କରି ରାଷ୍ଟ୍ର ସେମାନଙ୍କର ଅଣ୍ଟାରୁ ପଇସା ଲୁଟି ଅକାଳରେ ମରଣଯନ୍ତାକୁ ଠେଲି ଦେବାର ବ୍ୟବସ୍ଥା ଏହା ନୁହେଁ ତ? ବାସ୍ତବରେ, ବର୍ଷ ବର୍ଷ ଧରି ଭାରତର ନିର୍ବାଚନ ଓ ବିକାଶର ରାଜନୀତି ସ୍ୱଳ୍ପକାଳୀନ କାର୍ଯ୍ୟକ୍ରମ, ସୁଦୂରପ୍ରସାରୀ ବିକାଶ ଲକ୍ଷ୍ୟର ଅଭାବ, ସ୍ୱଳ୍ପ କାର୍ଯ୍ୟକାରିତା ଓ ଦୁର୍ବଳ ମୂଲ୍ୟାଙ୍କନ ଭିତରେ ଗୋଳମାଳିଆ ହୋଇ ବିପଥଗାମୀ ହୋଇଛି।

ଏହି କ୍ରମବର୍ଦ୍ଧିଷ୍ଣୁ ମାଗଣା ଯୋଜନା ବାସ୍ତବରେ ଦେଶର ଜନତାଙ୍କୁ ଅଳସୁଆ କରି ସାରିଲାଣି। ଉଦ୍‌ଯୋଗୀ ପ୍ରବୃତ୍ତିରୁ ବଞ୍ଚିତ ସଂଖ୍ୟାଧିକ ଥିଲାବାଲା ଜନତା ସାମାନ୍ୟତମ ଦୁଃସ୍ଥିତିର ସଙ୍କେତ ଦେଇ ସରକାରଙ୍କଠାରୁ କୌଣସି ନା କୌଣସି ମାଗଣା ସହାୟତା ମାଗିବାକୁ ସଂକୋଚବୋଧ କରୁନାହାନ୍ତି। ବନ୍ୟା, ମରୁଡ଼ି, ଟ୍ରେନ୍ ଦୁର୍ଘଟଣା, ଭୂସ୍ଖଳନ ଇତ୍ୟାଦିରେ ପୀଡ଼ିତ ଲୋକଙ୍କ ପାଇଁ ସରକାରଙ୍କ ଦ୍ୱାରା ତୁରନ୍ତ ଆର୍ଥିକ ସହାୟତା କିମ୍ବା କ୍ଷତିପୂରଣ ଘୋଷଣା କରାଯାଉଥିବାବେଳେ ଏହି ମାନସିକତା ଊଣା ଅଧିକେ ସମାଜର ସବୁ ସ୍ତରର ଲୋକଙ୍କୁ ଏକ କୋଡ଼ିଆ ସଂସ୍କୃତି ଆଡ଼କୁ ଟାଣିନେଉଛି।

ଅସଲ କଥା ହେଲା, ଶାସନରେ ଥିବା ରାଜନୈତିକ ଦଳ ନିଜ ଶାସନକାଳ ମଧ୍ୟରେ ସାଧାରଣ ବିକାଶମୂଳକ ପ୍ରକଳ୍ପଗୁଡ଼ିକ ସାରିବାରେ ବିଫଳ ହେବା କାରଣରୁ, ଭୋଟରଙ୍କ ବିଶ୍ୱସ୍ତତା ହାସଲ କରିବାକୁ ନିର୍ବାଚନ ପୂର୍ବରୁ ମାଗଣା ଯୋଜନାର ଭେଳିକି ଦେଖାଇବାକୁ ବାଧ୍ୟ ହେଉଛନ୍ତି। ଯଦି ପାଞ୍ଚ ବର୍ଷ ମଧ୍ୟରେ ଘୋଷିତ ବିକାଶମୂଳକ କାର୍ଯ୍ୟ କରାଯାଇପାରନ୍ତା, ତେବେ ଏଭଳି ଶସ୍ତା, ସ୍ୱଳ୍ପ ଅବଧିଯୁକ୍ତ ଯୋଜନାସବୁ ଆବଶ୍ୟକ ହୁଅନ୍ତା ନାହିଁ।

କେତେକଙ୍କ ମତରେ, ଏହି ସହାୟତା ଲୋକଙ୍କ ସାମର୍ଥ୍ୟକୁ ବଢ଼ାଇଥାଏ। ସମାଜ ମଙ୍ଗଳ ଅର୍ଥନୀତି ଓ ସଂସ୍କାର ବିଷୟରେ, UNDP ଏବଂ ଅକ୍ସଫୋର୍ଡ ୟୁନିଭର୍ସିଟିର 'ଦାରିଦ୍ର୍ୟ ଓ ମାନବ ବିକାଶ ପ୍ରୟାସ'ର ସେପ୍ଟେମ୍ବର ୨୦୧୮ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ସୁଦ୍ଧା ଶେଷ ହୋଇଥିବା ଦଶନ୍ଧିରେ ଭାରତର ଦାରିଦ୍ର୍ୟ ହାର ୨୮%କୁ ହ୍ରାସ ପାଇଛି। ୨୭୧ ନିୟୁତ ଲୋକ ଦାରିଦ୍ର୍ୟ ସୀମାରୁ ବାହାରି ଆସିବାକୁ ସକ୍ଷମ ହୋଇଛନ୍ତି। ହୋଇପାରେ, ଜନକଲ୍ୟାଣକାରୀ ଅର୍ଥନୀତିଜ୍ଞ ଓ ନୀତି ନିର୍ଣ୍ଣୟକାରୀମାନେ ସମାଜର ଅଭାବୀ ବ୍ୟକ୍ତିଟି ପାଇଁ କିଛି ସବ୍‌ସିଡି ଲାଗି ସହମତ ହୋଇପାରନ୍ତି। କିନ୍ତୁ, ସାର୍ବଜନୀନ ଏବଂ ସର୍ବକାଳୀନ ସବ୍‌ସିଡି ରହିବା ଉଚିତ କି ନୁହେଁ ଏହା ଗୋଟିଏ ବଡ଼ ବିତର୍କର ପ୍ରଶ୍ନ। ଆପଣ ଯାହା ବ୍ୟବହାର କରୁଛନ୍ତି, ସେଥିପାଇଁ ଆପଣଙ୍କୁ ମୂଲ୍ୟ ଦେବାକୁ ପଡିବ-ଏହାକୁ ମୋଟାମୋଟି ଭାବରେ ଗ୍ରହଣ କରିବାକୁ ପଡ଼ିବ।

୨୦୧୩ରେ ସୁପ୍ରିମକୋର୍ଟ ନିର୍ବାଚନ ପ୍ରକ୍ରିୟାର ଶୁଦ୍ଧତାକୁ ନିଶ୍ଚିତ କରିବା ପାଇଁ ଭାରତର ନିର୍ବାଚନ ଆୟୋଗଙ୍କୁ ନିର୍ବାଚନ ଇସ୍ତାହାରର ବିଷୟବସ୍ତୁ ସମ୍ବନ୍ଧରେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଲେ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନୈତିକ ଆଚାର ସଂହିତାର ଅଷ୍ଟମ ଅନୁଚ୍ଛେଦ ନିର୍ଦ୍ଦେଶାବଳୀରେ କହିଲେ ଯେ, ରାଜନୈତିକ ଦଳଗୁଡ଼ିକ ସେଭଳି ପ୍ରତିଶ୍ରୁତି ଦେବାଠାରୁ ଦୂରେଇ ରହିବା ଉଚିତ; ଯାହା ନିର୍ବାଚନ ପ୍ରକ୍ରିୟାର ପବିତ୍ରତାକୁ ଭଙ୍ଗ କରିବାର ସମ୍ଭାବନା ରଖିଥିବ ଅଥବା ନିଜର ମତାଧିକାରକୁ ପ୍ରୟୋଗ କରିବାରେ ମତଦାତାଙ୍କ ଉପରେ ଅନୁଚିତ ପ୍ରଭାବ ପକାଉଥିବ। ରାଜନୈତିକ ଦଳଗୁଡ଼ିକ ଏସବୁ ନିର୍ଦ୍ଦେଶାବଳୀକୁ କେତେ ମାନିଲେ ବା ନ ମାନିଲେ- ପାଠକେ ଅନୁଭବ କରୁଥିବେ।

ଚଳିତ ମାର୍ଚ୍ଚ ୩୧ ତାରିଖ ଦିନ ମାଡ୍ରାସ ହାଇକୋର୍ଟ ନିର୍ବାଚନ ରତ୍ତୁରେ ରାଜନୈତିକ ଦଳଗୁଡ଼ିକ ମାତିଥିବା ମାଗଣା ଯୋଜନା ସଂସ୍କୃତି ବିରୋଧରେ ଦୃଢ ମତ ପ୍ରକାଶ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଏକ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ହେଉଛି ବାସ୍ତବତା। ଯଦି ଏପରି ବ୍ୟବସ୍ଥା ଚାଲୁରହେ, ଲୋକେ ଭଲ ନେତା କିପରି ଆଶା କରିବେ? ମାଡ୍ରାସ୍ ହାଇକୋର୍ଟ ଲୋକ ପ୍ରତିନିଧି ଅଧିନିୟମ-୧୯୫୧ରେ ସଂଶୋଧନ କରିବାକୁ ଆହ୍ୱାନ ଦେଇଛନ୍ତି, ଯଦ୍ୱାରା ରାଜନୈତିକ ଦଳଗୁଡ଼ିକ ପ୍ରଦାନ କରୁଥିବା ମାଗଣା ଯୋଜନାଗୁଡ଼ିକ ପରିଚ୍ଛେଦ-୨୩ରେ 'ଦୁର୍ନୀତିଗ୍ରସ୍ତ ଅଭ୍ୟାସ' ଭାବରେ ପରିଗଣିତ ହେବ।

ଆମକୁ ମୁଣ୍ଡପିଛା ଆୟ ଅଧିକ ଦରକାର, ମାଗଣା ଦ୍ରବ୍ୟ ଓ ସେବାଗୁଡ଼ିକର ମୁଣ୍ଡପିଛା ବ୍ୟବହାର ଅଧିକ ଆବଶ୍ୟକ ନାହିଁ ! ଚନ୍ଦ୍ରକୁ ବୁଲାଇ ନେବାର ସ୍ୱପ୍ନ ଦେଖାଇ ଭୋଟ ହାତେଇବାର ଏହି କୌଶଳ ବେଶିଦିନ ତିଷ୍ଠିବ ନାହିଁ। ଆମର ଯୁବପିଢ଼ିଙ୍କୁ ବିକାଶ ଆବଶ୍ୟକ, ରୋଜଗାର ଆବଶ୍ୟକ। ଆମକୁ ନାଗରିକ ଭାବରେ ଦେଖିବା ଆବଶ୍ୟକ- ଗରିବୀ ଆଉ ବେରୋଜଗାରି ମଧ୍ୟରେ ଭୋଟରଙ୍କ ପରି ନୁହେଁ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା,
ଭୁବନେଶ୍ୱର,
ମୋ: ୯୪୩୭୧୬୪୬୧୧
Email:saktiprasaddyahoo.in

# ଅମୂଲ୍ୟ ପଞ୍ଚଭୂତ



ଅଲେଖ ଚନ୍ଦ୍ର ମିଶ୍ର

ନିକଟ ଅତୀତରେ ଖବରକାଗଜରେ ପ୍ରକାଶ ପାଇଥିଲା ଏକ କ୍ଷୁଦ୍ର ଅଥଚ ଗୁରୁତ୍ୱପୂର୍ଣ୍ଣ ଖବର। ଦିଲ୍ଲୀରେ ବିଶୁଦ୍ଧ ବାୟୁ ପ୍ୟାକେଟ ଭିତରେ ସଂଗୃହୀତ ହୋଇ ୫୦୦ ଗ୍ରାମ୍ ପ୍ୟାକେଟ୍‌କୁ ୫୫୦୦ ଟଙ୍କାରେ ବିକ୍ରି କରାଯାଉଛି। କଥାଟା ସତ। କାରଣ ଦିଲ୍ଲୀ ଭଳି ସର୍ବାଧିକ ବାୟୁପ୍ରଦୂଷିତ ସହରରେ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୧୮ ରିପୋର୍ଟ ଅନୁସାରେ ପୃଥିବୀର ସର୍ବାଧିକ ବାୟୁ ପ୍ରଦୂଷିତ ୧୫ଟି ସହର ମଧ୍ୟରେ ଭାରତରେ ୧୪ ଏବଂ ଦିଲ୍ଲୀ ତନ୍ମଧ୍ୟରୁ ପ୍ରଥମ) ଶୁଦ୍ଧବାୟୁ ବି ଦୁର୍ଲଭ ହୋଇଗଲାଣି। ଯେ କୌଣସି ବସ୍ତୁ ଦୁଷ୍ପ୍ରାପ୍ୟ ହୋଇଗଲେ ତା'ର ବାଣିଜ୍ୟିକ ଚାହିଦା ସୃଷ୍ଟି ହେବା ସ୍ୱାଭାବିକ। ଏମିତିରେ ତ ବାୟୁ ବିକ୍ରି ହେବା କିଛି ନୂଆ କଥା ନୁହେଁ । ଆମର ଦୈନନ୍ଦିନ ଜୀବନରେ ପରୋକ୍ଷ ଭାବରେ ଆମେ ବିଞ୍ଚଣା, ପଙ୍ଖା, କୁଲର, ଏସି ଇତ୍ୟାଦି ମାଧ୍ୟମରେ ପବନ କିଣୁ। ତା'ଛଡା ପାଣିରେ ବୁଡୁଥିବା ବୁଡାଳି,ଆକାଶରେ ଭ୍ରମୁଥିବା ମହାକାଶଚାରୀ, ଚିକିତ୍ସାଳୟରେ ମିଳୁଥିବା ଅମ୍ଳଜାନ ଥଳି, ଇନହେଲର ବା ନେବୁଲାଇଜର୍ ଏ ପ୍ରତ୍ୟେକ କ୍ଷେତ୍ରରେ ବାୟୁ ଏକ ମୂଲ୍ୟବାନ ସମ୍ବଳ କିନ୍ତୁ ବଜାର୍ ହାଟରେ ଖୋଲାରେ ବିକ୍ରିହେବା ଦେଖିଲେ ଦୁଃଖ ଲାଗେ। ଏବେ ଜଳ କଥା ଚିନ୍ତା କରାଯାଉ, କାରଣ ଏହା ଏକ ଚୋରିଯୋଗ୍ୟ ସାମଗ୍ରୀ ପାଲଟି ଗଲାଣି। ୨୦୧୯ ମେ ମାସର ଘଟଣା। ମହାରାଷ୍ଟ୍ରର ନାସିକ୍‌ର ବାସିନ୍ଦା ବିଲାସ ଅହିରେ ସ୍ଥାନୀୟ ଶ୍ରୀବସ୍ତିନଗର ଥାନାରେ ଏକ ଲିଖିତ ଅଭିଯୋଗ କଲେ ଯେ ସେ ତାଙ୍କ ଘର ଛାତ ଉପରେ ଦୁଇଟି କୁଣ୍ଡରେ ସଞ୍ଚିତ କରି ରଖିଥିବା ୫୦୦ ଲିଟର ପିଇବା ପାଣିରୁ କେହି ଅଧା ଚୋରିକରି ନେଇଯାଇଛି। ସଂପୃକ୍ତ ଥାନା ଅଧିକାରୀ ସୁରେଶ କୁମାର ଧୂସର ଏହା ସତ୍ୟ ବୋଲି ସ୍ୱୀକାର କରିଛନ୍ତି। ଏହାପୂର୍ବରୁ ଦିଲ୍ଲୀର ରାସ୍ତା ଘାଟରେ ଠେଲା ଗାଡ଼ିରେ ବିକ୍ରି ହେଉଥିବା ପାଣି ଦିନେ ଭ୍ରୂକୁଞ୍ଚନ ସୃଷ୍ଟି କରିଥିଲା। କିନ୍ତୁ ଏବେ ତାହା ଏକ ରୀତିମତ ବ୍ୟବସାୟରେ ପରିଣତ ହୋଇ ଛୋଟ ଚା' ଗ୍ଲାସ ପିଛା ଦଶ ପଇସାରୁ ଆରମ୍ଭ ହୋଇ ଦୁଇ ଟଙ୍କାରେ ପହଞ୍ଚିଲାଣି ଏବଂ ପ୍ରତି ଗଳିକନ୍ଦିରେ ସ୍ୱଚ୍ଛନ୍ଦରେ ବିକ୍ରି ହେଉଛି। ଅନ୍ୟାନ୍ୟ ସ୍ଥାନରେ ବାଲତି ହିସାବରେ ପାଣି ବିକ୍ରି ହେଉଛି। ଫଳରେ ଜଳ ଏକ ସାଧାରଣ ପଣ୍ୟ ସାମଗ୍ରୀ ହୋଇ ଗଲାଣି, ଯାହା ବୋତଲଠାରୁ ପାଇପ ଯାଏ, ନଦୀଜଳ ବଣ୍ଟନରୁ କାରଖାନାକୁ ଜଳଯୋଗାଣ ଯାଏ ସବୁଠାରେ ବିପଣନ ହେଉଛି। ଜଳସମ୍ପଦ ଓ ପାନୀୟ ଜଳ ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ବିଭାଗ ବି ଖୋଲା ଯାଇଛି।

ସେହିପରି ମାଟିର ଅବସ୍ଥା। ଜମି କିଣାବିକାଠାରୁ ମାଟି, ବାଲି, ଗୋଡି, ପଥର, ଚିପ୍ସ ଯାଏ ପ୍ରତ୍ୟକ୍ଷ ଭାବରେ ଏବଂ କଣ୍ଢେଇ, ମୂର୍ତ୍ତି, ହାଣ୍ଡି, କୁଡୁଆ, ଦୀପ, ଇଟା ଇତ୍ୟାଦି ରୂପରେ ପରୋକ୍ଷ ଭାବରେ କିଣାବିକା ହୋଇ ମାଟି ବି ଏକ ବିକ୍ରିଯୋଗ୍ୟ ସମ୍ପଦର ସ୍ଥାନ ନେଇଛି। ଏବେ ସୂର୍ଯ୍ୟକିରଣ ବି ଏକ ଅର୍ଥକରୀ ସାମଗ୍ରୀ ଭାବରେ ବ୍ୟବହୃତ ହେଉଛି। ସୌର ଚୁଲା, ସୌର ଶକ୍ତି ସଞ୍ଚୟ, ସୌର ଶକ୍ତିରୁ ସ୍ୱୟଂଚାଳିତ ଯାନ ପାଇଁ ଇନ୍ଧନ ଇତ୍ୟାଦି ଯୋଗୁ ଅନେକ ଧନ ଖର୍ଚ୍ଚ ହେଉଛି। ଶେଷରେ ଆକାଶ। ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ଯେମିତି ବଢିଚାଲିଛି ଆଗାମୀ ଦିନରେ କୃତ୍ରିମ ଉପଗ୍ରହ ମାଧ୍ୟମରେ ଗ୍ରହାନ୍ତରରେ ବସବାସ କରିବା ପାଇଁ ଅସୁମାରୀ ଧନ ଖର୍ଚ୍ଚ ହୋଇ ପ୍ରତିଯୋଗିତା ଚାଲିଛି। ଅତଏବ ଏହି ପାଞ୍ଚଟି ପଦାର୍ଥ ଏବେ ବିକ୍ରୟଯୋଗ୍ୟ ସାମଗ୍ରୀ ହୋଇଗଲାଣି।

କିନ୍ତୁ ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଉପରୋକ୍ତ ପାଞ୍ଚଗୋଟି ପଦାର୍ଥ (ମାଟି, ପାଣି, ସୂର୍ଯ୍ୟ, ବାୟୁ ଓ ଆକାଶ) ପ୍ରକୃତିର ସ୍ୱାଭାବିକ ଦାନ (ଫ୍ରି ଗିଫ୍ଟ ଅଫ ନେଚର୍) ଯାହା ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ନୁହେଁ । ସନାତନ ଧର୍ମର ମୂଳପିଣ୍ଡ ବେଦ ଅନୁସାରେ ଏଗୁଡ଼ିକୁ ପଞ୍ଚଭୂତ (କ୍ଷିତି , ଆପ, ତେଜ, ମରୁତ, ବ୍ୟୋମ) କୁହାଯାଏ। ଏହା ପଚିଶ ତତ୍ତ୍ୱର ଅଂଶ ବିଶେଷ, ଯାହା ବିନା ଜୀବଜଗତର ସୃଷ୍ଟି ଓ ସ୍ଥିତି ଅସମ୍ଭବ। ଏଗୁଡିକ ଜୀବନର ନିଦାନ ହୋଇଥିବାରୁ ପ୍ରକୃତି ତାକୁ ପ୍ରଚୁର ଭାବରେ ଦେଇଛି। ତେଣୁ ଏ ପ୍ରତ୍ୟେକ ବସ୍ତୁ ସ୍ୱୟମ୍ଭୂ ଏବଂ ପ୍ରାକୃତିକ ଉପାୟରେ ସ୍ୱୟଂ ପରିଚାଳିତ, ପରିପୂରକ ତଥା ନିୟନ୍ତ୍ରିତ। ସାଧରଣ ଭାଷାରେ ଉପରୋକ୍ତ ପାଞ୍ଚଟି ଉପାଦାନ 'ବାପାମାଆ'ର ନିଦର୍ଶନ (ବା-ବାୟୁ, ପା -ପାଣି, ମା -ମାଟି, ଆ -ଆକାଶ ଏବଂ ଜନନୀର ଜଠର ତେଜ)।

କିନ୍ତୁ ଦୁର୍ଭାଗ୍ୟର କଥା ବିଜ୍ଞାନର ଅଗ୍ରଗତି ସହିତ ଆମେ ଏପରି ଅମୂଲ୍ୟ ପ୍ରାକୃତିକ ଉପାଦାନଗୁଡିକୁ କୃତ୍ରିମତା ଭିତରକୁ ଟାଣିଆଣି ସେଥିରୁ ବୈଭବିକ ଫାଇଦା ଉଠାଉଛୁ ଏବଂ ତା'ର ଦୁରୁପଯୋଗ କରୁଛୁ। ପରିଣାମ ସ୍ୱରୂପ ପ୍ରାକୃତିକ ଭାରସାମ୍ୟ ରକ୍ଷା ହୋଇ ପାରୁନାହିଁ ଏବଂ ଅନେକ ବିପର୍ଯ୍ୟୟ ଘଟୁଛି: ଯଥା ଗ୍ରେଟ୍ ବାରିଆର୍ ରିଫ (ପ୍ରବାଳ ପ୍ରାଚୀର) ର ବ୍ଲିଚିଂ, ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଆଣ୍ଟାର୍କଟିକାରେ ବରଫ ତରଳିବା, ଉର୍ବର ଭୂମି ଶୁଷ୍କ ପାଲଟିଯିବା, ଆଗ୍ନେୟଗିରିର ଅସ୍ୱାଭାବିକ ଉଦ୍‌ଗିରଣ, ଅଚାନକ ଭୂକମ୍ପ, ଆକସ୍ମିକ ଝଡତୋଫାନ ଓ ସାମୁଦ୍ରିକ ଝଡ, ଫ୍ଲାସ୍ ଫ୍ଲଡ, ପର୍ଯ୍ୟାବରଣରେ ଅସନ୍ତୁଳନ (ଇକୋଲୋଜିକାଲ୍ ଇମ୍ବାଲାନ୍ସ) ଏବଂ ଜୈବ ବିବିଧତା (ବାଇଓଡାଇଭରସିଟି)ରେ ବିବର୍ତ୍ତନ । ଏଥି ପ୍ରତି ସଚେତନ ନ ରହିଲେ ହୁଏତ ଏମିତି ଦିନ ଆସିବ ପଇସା ବିନିମୟରେ ବି ଏସବୁ ଜିନିଷ କିଣିବାକୁ ମିଳିବନି ଏବଂ ମାନବଜୀବନ ଅଚିରେ ଧ୍ୱଂସ ପାଇବ। ଏକଥା ବି କେତେକ ବିଶିଷ୍ଟ ବୈଜ୍ଞାନିକ ଭବିଷ୍ୟତବାଣୀ କରିସାରିଲେଣି।

ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର,
ୟୁନିଟ-୪, ଭୁବନେଶ୍ୱର
ମୋ:- ୯୪୩୮୬୭୩୮୯୮

## ପାଠକେ ଶ୍ରେଷ୍ଠ ବିଚାରକ

### ସାଇବର କ୍ରାଇମ୍ ପ୍ରତି ସାବଧାନ

ମହାଶୟ,

ବର୍ତ୍ତମାନ ସମୟରେ ଦେଖାଯାଉଛି ସାଇବର କ୍ରାଇମ୍ ମୁଣ୍ଡବ୍ୟଥାର କାରଣ ହୋଇଅଛି। ଶିକ୍ଷିତ ବେକାର ଯୁବକମାନେ କମ୍ପ୍ୟୁଟର କୋର୍ସ କରି ଅନ୍‌ଲାଇନରେ ଚୋରି କରୁଛନ୍ତି। ଚୋରି କରିବା କବଳରୁ ଡାକ୍ତର, ଶିକ୍ଷକ, ଆଇନଜୀବୀ, ଶିକ୍ଷିତ ବ୍ୟକ୍ତି କେହି ନିସ୍ତାର ପାଉନାହାନ୍ତି। ଆଜିକାଲି ଏପରି ହୋଇଛି ଆମର ଆଧାର ନମ୍ବର, ଫୋନ୍ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ ହୋଇଅଛି। ଏହି ସାଇବର ଚୋରମାନେ କଳେବଳେ କୌଶଳେ ବ୍ୟକ୍ତିଙ୍କର ଫୋନ୍ ନମ୍ବର ପାଉଛନ୍ତି। ନିଜସ୍ୱ ବୁଦ୍ଧି ଦ୍ୱାରା ବ୍ୟକ୍ତିଙ୍କର ବ୍ୟାଙ୍କ ଆକାଉଣ୍ଟ ନମ୍ବର ପାଇ ଟଙ୍କା ଉଠାଇ ନେଉଛନ୍ତି। ବିଭିନ୍ନ ଦୋକାନରୁ ସେହି ନମ୍ବରରେ ଇ-ଶପିଂ କରି ପାରୁଛନ୍ତି,। ଏଣୁ ଅଜଣା ବ୍ୟକ୍ତିଙ୍କୁ ଯେ କୌଣସି ବେନାମୀ କଲ ପାଇ ପାସ୍‌ୱାର୍ଡ ଆକାଉଣ୍ଟ ନମ୍ବର ଦିଅନ୍ତୁ ନାହିଁ।

-ଶ୍ରୀରାମଚନ୍ଦ୍ର ଦାଶ, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାରୁଣୀ ସ୍ନାନ ପାଇଁ ୧୪୪ ଧାରା

ଯାଜପୁର ଟାଉନ,୮।୪(ଡି.ଏନ.ଏ.): ଶୁକ୍ରବାର ହେବାକୁ ଥିବା ବାରୁଣୀ ସ୍ନାନ ପାଇଁ ଗୁରୁବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ପୂର୍ବରୁ ବାରୁଣୀ ସ୍ନାନ ଓ ମେଳା ବନ୍ଦ ରଖିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଯାଜପୁର ସହର ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ପ୍ରତ୍ୟେକ ବର୍ଷ ମହାସମାରୋହରେ ବାରୁଣୀ ସ୍ନାନ ସହ ମେଳା ଅନୁଷ୍ଠିତ ହୋଇଥାଏ। ମାତ୍ର ଚଳିତ ବର୍ଷ କରୋନା ମହାମାରୀ ପାଇଁ ଏହି ସ୍ନାନ ଓ ମେଳା ବନ୍ଦ କରାଯାଇଛି। ଦଶାଶ୍ୱମେଧଘାଟ ଏବଂ ଏହାର ସଂଲଗ୍ନ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ନିୟମ ଅମାନ୍ୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଇଛି।



# ଭୁଶୁଡ଼ିଲା ରେଙ୍ଗାଲି ବାମ ମୁଖ୍ୟ କେନାଲ

**କାମାକ୍ଷାନଗର, ୮।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଜଳସେଚନର ଲାଇଫ୍‌ଲାଇନ୍ ଭାବେ ପରିଚିତ ରେଙ୍ଗାଲି ବାମ ମୁଖ୍ୟ କେନାଲରେ ଗୁରୁବାର ବିରାଟକାୟ ଘାଇ ସୃଷ୍ଟି ହୋଇଛି। ଡିଭିଜନ୍-୩ ବାଉଁଶପାଳ ପଞ୍ଚାୟତ ଅନ୍ତର୍ଗତ ସିବୁଲାପଶି-ଲେମ୍ବୁପାଳ ଗ୍ରାମ ନିକଟରେ କେନାଲ ବାମପାର୍ଶ୍ୱ ହୁଡ଼ାରେ ୩୦ ଫୁଟ୍ ମାଟି ଅତଡ଼ା ଧସିଯାଇଛି। ଏଥିରେ କେନାଲ ତଳି ଅଞ୍ଚଳର ୧୦୦୦ରୁ ଊର୍ଦ୍ଧ୍ୱ ଏକର ଚାଷଜମି ଜଳମଗ୍ନ ହୋଇଯାଇଥିବାବେଳେ ୩୦୦ ଏକର ଜମିରେ କରାଯାଇଥିବା ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ପ୍ରଖର ଜଳସ୍ରୋତ ଯୋଗୁ ବାଉଁଶପାଳ ଗ୍ରାମ ନିକଟରେ ପ୍ରବାହିତ ରାମିଆଳ ନଦୀ ଏବଂ ବେତାଳି ନାଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୫୩ନଂ. ଜାତୀୟ ରାଜପଥ ଦୋହରୀକରଣ ଏବଂ ଆଳତୁମା ନିକଟରେ ଚାଲିଥିବା ବ୍ରିଜ୍ ନିର୍ମାଣ କାର୍ଯ୍ୟ ବ୍ୟାହତ ହୋଇଛି। ପ୍ରକଳ୍ପ ନିର୍ମାଣ ଲାଗି ଠିକା କମ୍ପାନୀ ପକ୍ଷରୁ ରଖାଯାଇଥିବା ବହୁ ବସ୍ତା ସିମେଣ୍ଟ ଏବଂ ଆପ୍ରୋଚ୍ ରାସ୍ତା ନଷ୍ଟ ହୋଇଯାଇଛି। ଅପରପକ୍ଷେ ଘଟଣା ପରେ କେନାଲ କର୍ତ୍ତୃପକ୍ଷ ସମଲସ୍ଥିତ କେନାଲ ଗେଟ୍ ବନ୍ଦ କରିଛନ୍ତି। ତଥାପି ପାଣି କମିନାହିଁ। ରାତି ସୁଦ୍ଧା ପାଣି କମିବ ବୋଲି ଅନୁମାନ କରାଯାଉଛି। ଏହାପରେ ମରାମତି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ରବି ଚାଷ ପାଇଁ ମଙ୍ଗଳବାର କେନାଲରେ ପ୍ରଥମ କରି ପାଣି ଛଡ଼ାଯାଇଥିଲା। ତେବେ ସିବୁଲାପଶି-ଲେମ୍ବୁପାଳ ଗ୍ରାମ ନିକଟରେ ହଠାତ୍ କେନାଲ ହୁଡ଼ା ଭାଙ୍ଗିଯାଇଥିଲା। ପାଣିସ୍ରୋତ ଏତେ ତୀବ୍ର ଥିଲା ଯେ, ବନ୍ୟା ପରିସ୍ଥିତି ଆଶଙ୍କା ଉପୁଜିଥିଲା। ଏହାକୁ ନେଇ ବାଉଁଶପାଳ, ଲେମ୍ବୁପାଳ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। କେନାଲ ଭାଙ୍ଗିଯିବା ପରେ ଆଗକୁ ରବି ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ୩୦ ଫୁଟ୍ ଓସାରର ଘାଇ ମରାମତି କରିବାକୁ ଅନ୍ୟୂନ ମାସେ ଲାଗିଯିବ। ତେଣୁ କେନାଲ ପାଣିକୁ ଭରସା କରି ଚାଷ କରିଥିବା ଚାଷୀ ଫସଲ ଉତ୍ପାଦନକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୧୫ବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରେଙ୍ଗାଲି କେନାଲ ଲୋକାର୍ପିତ ହୋଇଥିଲା। ଏହାପରେ ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ମୁଖ୍ୟ ଏବଂ ପାର୍ଶ୍ୱ କେନାଲ। ପୂର୍ବରୁ ଶାଖା କେନାଲ ଭୁଶୁଡ଼ିଥିବା ନଜିର ରହିଥିଲେ ବି ପ୍ରଥମ ଥର ମୁଖ୍ୟ କେନାଲରେ ଏତେ ବଡ଼ ଘାଇ ସୃଷ୍ଟି ହୋଇଛି। ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଲାଗି ଏଭଳି ଉପୁଜିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏତେ କମ୍ ଦିନରେ କେନାଲ ବନ୍ଧ ଭୁଶୁଡ଼ିବା ଜଳସେଚନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଘଟଣା ସମ୍ପର୍କରେ ରେଙ୍ଗାଲି ଡିଭିଜନ-୩ ନିର୍ବାହୀ ଯନ୍ତ୍ରୀ ଗଗନବିହାରୀ ଦାସ କୁହନ୍ତି, କେନାଲ ଭୁଶୁଡ଼ିଯିବା ସମ୍ପର୍କରେ ଜଣାପଡ଼ିବା ପରେ ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଦିଆଯାଇଛି। କେନାଲ ଗେଟ୍ ବନ୍ଦ କରାଯାଇଛି। ପାଣି କମିବା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ। ଜିଲା ବିଜେଡି ସମ୍ପାଦକ ତଥା ବାଉଁଶପାଳ ଗ୍ରାମର ଦିଲୀପ କୁମାର ଷଣ୍ଢ କୁହନ୍ତି, କେନାଲ ଭାଙ୍ଗିଯିବା ସମ୍ପର୍କରେ ପୂର୍ତ୍ତମନ୍ତ୍ରୀ ଏବଂ ଏସ୍‌ଆର୍‌ସିଙ୍କୁ ଅବଗତ କରାଯାଇଛି। ହୁଡ଼ା ଭୁଶୁଡ଼ିଥିବା ସ୍ଥାନରେ ୨ ବର୍ଷ ହେଲା ଫାଟ ସୃଷ୍ଟି ହୋଇ ପାଣି ଲିକ୍ ହେଉଥିଲା। ବାରମ୍ବାର ଅବଗତ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱ ଦେଲେନାହିଁ। ମଙ୍ଗଳବାର କେନାଲରେ ପାଣି ଛଡ଼ାଯାଇଥିଲା। ଗୁରୁବାର ତଳମୁଣ୍ଡରେ ପାଣି ପହଞ୍ଚିବା ପରେ ହଠାତ୍ ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବାକୁ ଜିଲା ବିଜେଡି ସମ୍ପାଦକ ଦାବି କରିଛନ୍ତି। ଗ୍ରାମର ଶିବାଜୀ କୁମାର ଷଣ୍ଢ କୁହନ୍ତି, ପରିଚାଳନାଗତ ଅବ୍ୟବସ୍ଥାରୁ ରେଙ୍ଗାଲି କେନାଲ ଭୁଶୁଡ଼ି ବ୍ୟାପକ କ୍ଷତି ହୋଇଛି। ଘାଇ ଫଳରେ କେଉଁ ଚାଷ ଜମି କାହାର, ତାହା ଚିହ୍ନିବା ଅସମ୍ଭବ ହୋଇପଡିଛି। ସରକାର ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।



କେନାଲରେ ଘାଇ ସୃଷ୍ଟି ହୋଇଛି।

- ୩୦ ଫୁଟ୍ ଘାଇ, ୧୦୦୦ ଏକର ଜମି ଜଳମଗ୍ନ
- ୩୦୦ ଏକର ଜମିରେ ପରିବା ଚାଷ କ୍ଷତିଗ୍ରସ୍ତ
- ରାମିଆଳ ନଦୀ, ବେତାଳି ନାଳରେ କୃତ୍ରିମ ବନ୍ୟା
- ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତାର ଫଳ: ଗ୍ରାମବାସୀ

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ରାଲି ବିରୋଧରେ ବାହାରିଲା ଭାଜପା

ଭୁବନେଶ୍ୱର, ୮।୪(ବ୍ୟୁରୋ): ପିପିଲି ଉପନିର୍ବାଚନରେ ଶାସକ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ପ୍ରଚାର କରିବେ। ଦଳ ତରଫରୁ ଏହି ପ୍ରଚାରକୁ ନିର୍ବାଚନମଣ୍ଡଳୀର ପ୍ରତି ପଞ୍ଚାୟତରେ ପହଞ୍ଚାଇବା ପାଇଁ ସରକାରୀ ସ୍କୁଲ ଏବଂ ତାହାର ପ୍ରାଙ୍ଗଣ ବ୍ୟବହାର କରାଯିବା ନେଇ ପୋଷ୍ଟର ଲଗାଯାଇଥିବା ଭାଜପା ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ମୌଜା ପାଟଣାଶିପୁରର ଭାଲିଆବିଲି ପ୍ରାଥମିକ ବିଦ୍ୟାଳୟ ଏବଂ ପିପିଲିରେ ଥିବା ସରକାରୀ କୋଠାକୁ ଭର୍ଚୁଆଲ ରାଲି ପାଇଁ ପ୍ରସ୍ତୁତ କରାଯାଉଛି। ଏପରିକି ସ୍କୁଲ ଘରକୁ ନିର୍ବାଚନ ପ୍ରଚାର ମଇଦାନ ଭାବେ ସଜ୍ଜିତ କରାଯାଇଛି। ଏହାଦ୍ୱାରା ସରକାରୀ ଦଳ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି। ଏହା ଉପରେ ରୋକ୍ ଲଗାଇବା ଏବଂ ଆଗାମୀ ପିପିଲି ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅବଗତ କରାଇଛି। ନିର୍ବାଚନ ସମୟରେ କୌଣସି ରାଜନୈତିକ ଦଳ ସରକାରୀ କୋଠା ଅବା ବିଦ୍ୟାଳୟକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିପାରିବ ନାହିଁ। ଏହା ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆଚରଣ ବିଧି କ୍ରମିକ ନଂ. ୧୦ରେ ସୂଚିତ ଅଛି। ଏଣୁ ଏହାକୁ ଗୁରୁତର ସହ ନେଇ ଭର୍ଚୁଆଲ ପ୍ରଚାର କରିବା ପାଇଁ ବିଜେଡି ବେନିୟମ ଭାବେ ନେଇଥିବା ସରକାରୀ କୋଠା ଏବଂ ସ୍କୁଲଗୁଡ଼ିକରୁ ନିବୃତ ରହି ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

### ଏମ୍‌କେସିଜିରେ ୨ ଜଣଙ୍କ ମୃତ୍ୟୁ

**ମିନିଟ୍ରକ୍ ଓଲଟି ଗୁରୁତର ଘଟଣା**

ସୋରଡ଼ା,୮।୪(ଡି.ଏନ୍.ଏ.): ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ବଡ଼ଗଡ଼ ଥାନା ବୋରଦା ନିକଟ କଲଭର୍ଟରେ ଗତ ମଙ୍ଗଳବାର ମିନିଟ୍ରକ୍ ଓଲଟି ୧୫ ଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଶିବରାମ ଶବର ଓ ସୁଖୀ ଶବର। ଗୌଡ଼ଗୋଠ ପଞ୍ଚାୟତ ବି. ନୂଆଗାଁର ୪୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏବଂ ଛୋଟ ପିଲା ପୋଡ଼ାମାରି ନିକଟ ଝରଣା ଗ୍ରାମକୁ ବୋହୂଡାକରା ପାଇଁ କନ୍ୟାଘରକୁ ଯାଇଥିଲେ। ସେଠାରୁ ଭୋଜି ଖାଇ ମିନିଟ୍ରକରେ ଫେରୁଥିବା ବେଳେ ବୋରଦା ନିକଟ କଲଭର୍ଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଓ ପ୍ରଶାସନ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ବଡଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ୧୫ ଗୁରୁତରଙ୍କୁ ବ୍ରହ୍ମପୁର ପଠାଯାଇଥିଲା।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବ୍ୟବସାୟୀ ମୃତ



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ପାଣିକୋଇଲି,୮।୪(ଡି.ଏନ.ଏ.)**

ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ କଡ଼ ଷଠିପୁର ବଜାରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଏକ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଦା ସାହୁ ସାହିର ପ୍ରମୋଦ ସାହୁ(୩୫)। ଏକଥା ପ୍ରଚାର ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସେଠାରେ ଶତାଧିକ ମହିଳାପୁରୁଷ ୧୬ ନମ୍ବର ଜାତୀୟ ରାଜପଥ ଓ ଯାଜପୁର ଟାଉନ ରାସ୍ତାକୁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଓ ଯାଜପୁର ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁସାରେ, ସବୁଦିନ ପରି ପ୍ରମୋଦ ରାସ୍ତା କଡ଼ ବରଗଛ ମୂଳେ ଏକ ଲୁନାରେ ଦହିବରା ବିକ୍ରି କରୁଥିଲେ। ଯାଜପୁର ଟାଉନ ପଟୁ ଏକ ପିକଅପ୍ ଭ୍ୟାନ୍ (ଓଡି-୩୪-ଜି-୩୩୧୪)ଦ୍ରୁତଗତିରେ ବେପରୁଆ ଭାବେ ଆସି ପ୍ରମୋଦଙ୍କୁ ଧକ୍କା ଦେବା ସହ ବରଗଛରେ ନେଇ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରମୋଦଙ୍କ ମୃତ୍ୟୁ ହୋଇଥିଲା। ତେବେ ରାସ୍ତା ଅବରୋଧ ସମୟରେ ପାଣିକୋଇଲି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରୁ ଆକ୍ରୋଶର ଶିକାର ହୋଇଥିଲା। ଏହାପରେ କୋରାଇ ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ସମେତ ଯାଜପୁରରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ପହଞ୍ଚିଥିଲେ। ଜିଲାପାଳଙ୍କ ପ୍ରତିନିଧି ଭାବେ ଯାଜପୁର ତହସିଲଦାର ସୁଶାନ୍ତ କୁମାର ପତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସରୁ ୨୦ ହଜାର ଟଙ୍କା ଦେବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅର୍ଥ ଦେବା, ଆବାସ ଯୋଗାଇବା ଓ ଡିବିଏଲ କମ୍ପାନୀ ଆର୍ଥିକ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ପ୍ରମୋଦଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଡିବିଏଲ କମ୍ପାନୀ ଦ୍ୱାରା ନିର୍ମାଣାଧୀନ ରାସ୍ତା କାର୍ଯ୍ୟରେ ମନ୍ଥରତା ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି।

### କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

# ରାଷ୍ଟ୍ରୀୟ ମେଧାବୀ ଆବିଷ୍କାର ପୁରସ୍କାର ପାଇବେ ଚିରସ୍ମିତା

**ବଲାଙ୍ଗୀର ଅଫିସ, ୮।୪**

ରାଷ୍ଟ୍ରୀୟ ଅନୁସନ୍ଧାନ ବିକାଶ ନିଗମ (ଏନ୍‌ଆର୍‌ଡିସି)ପକ୍ଷରୁ ପ୍ରଦାନ କରାଯାଉଥିବା ସମ୍ମାନଜନକ ରାଷ୍ଟ୍ରୀୟ ମେଧାବୀ ଆବିଷ୍କାର ପୁରସ୍କାର ୨୦୨୦ ପାଇଁ ବଲାଙ୍ଗୀରର ଝିଅ ଚିରସ୍ମିତା ପାଣିଗ୍ରାହୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଇଆଇଟି ଖଡଗପୁରଠାରେ ପିଏଚଡି କରୁଥିବା ଚିରସ୍ମିତା ତାପ ଓ ରାସାୟନିକ ପଦାର୍ଥ ବିନା ବ୍ୟବହାରରେ ଆଖୁରସର ଦୀର୍ଘକାଳୀନ ସଂରକ୍ଷଣ ଉପରେ କାର୍ଯ୍ୟ କରି ଏହି ସଫଳତା ପାଇଛନ୍ତି। ଖରାଦିନରେ ଆଖୁରସ ଏକ ଅତ୍ୟାବଶ୍ୟକ ପାନୀୟଭାବେ ବ୍ୟବହାର କରାଯାଏ। ତେବେ ଏହାର ଦୀର୍ଘକାଳୀନ ସଂରକ୍ଷଣ ବ୍ୟବସ୍ଥା କରିହେଉ ନ ଥିବାରୁ ସଙ୍ଗେସଙ୍ଗେ ବ୍ୟବହାର କରିବାକୁ ହୁଏ। ନଚେତ୍ ଏହାର ସ୍ୱାଦ ଓ ରଙ୍ଗ ଫିକା ହୋଇଯାଏ। ଏହା ଉପରେ ଗବେଷଣା କରି କିଭଳି ବିନା ତାପ ଓ ରାସାୟନିକ ପଦାର୍ଥରେ ଆଖୁରସକୁ ୩ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରିହେବ ତାହାର ସୂତ୍ର ବାହାର କରିଛନ୍ତି ଚିରସ୍ମିତା। ସେ କହିଛନ୍ତି, ସାଧାରଣତଃ ଜୈବିକ ପ୍ରକ୍ରିୟାରେ ଆଖୁରୁ ରସ ବାହାର କରିବା ମାତ୍ରେ ବ୍ୟବହାର ନ କଲେ ଖୁବ୍ କମ୍ ସମୟ ମଧ୍ୟରେ ଏହା ନଷ୍ଟ ହୋଇଯାଏ। ତେବେ ତାଙ୍କ ଦ୍ୱାରା ବିକଶିତ ନବୀନ ଶୀତତାପ ବିଶୋଧନ ପ୍ରଣାଳୀରେ ରାସାୟନିକ ପଦାର୍ଥ ବ୍ୟବହାର ନ କରି ଆଖୁ ରସକୁ ୩ମାସ ପର୍ଯ୍ୟନ୍ତ ସଂରକ୍ଷଣ କରିହେବ। ଏହି ପ୍ରଣାଳୀରେ ଆଖୁରୁ ରସ ବାହାର କରିବା ପରେ ସୂକ୍ଷ୍ମ ଝିଲ୍ଲୀ ଦ୍ୱାରା ଫିଲ୍‌ଟର କରାଯାଏ, ଯାହା ଦ୍ୱାରା ରସକୁ ନଷ୍ଟ କରୁଥିବା ବ୍ୟାକ୍ଟେରିଆ, ଇଷ୍ଟ, କବକ ଇତ୍ୟାଦିକୁ ବାହାର କରିଦିଆଯାଏ। ଏହାପରେ ସେହି ରସକୁ ଫ୍ରିଜ୍‌ରେ ତିନିମାସ ପର୍ଯ୍ୟନ୍ତ ସଂରକ୍ଷିତ ରଖିହେବ। ଚିରସ୍ମିତା ଏହି ନବୀନ ପ୍ରଣାଳୀର ପେଟେଣ୍ଟ ଫାଇଲ କରିସାରିଛନ୍ତି। ସେ ଏହି ପ୍ରଣାଳୀକୁ ବଜାର ଉପଯୋଗୀ ଉତ୍ପାଦରେ ପରିଣତ କରିବା ଲକ୍ଷ୍ୟ ରଖିଛନ୍ତି। ଚିରସ୍ମିତା ବଲାଙ୍ଗୀର ଆନନ୍ଦନଗର ନିବାସୀ ସୁବୋଧ କୁମାର ନାୟକ ଓ ସନ୍ଧ୍ୟାରାଣୀ ନାୟକଙ୍କ ସୁପୁତ୍ର ତଥା ଚେନ୍ନାଇ କାଞ୍ଚିପୁରମ୍ ଆଇଆଇଟି କମ୍ପ୍ୟୁଟର ସାଇନ୍ସ ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜିତ ନାୟକଙ୍କ ସ୍ତ୍ରୀ ତଥା ଇଚ୍ଛାପଡା ନିବାସୀ ତଥା କୃଷି ବିଭାଗ ଅଧିକାରୀ ନରେନ୍ଦ୍ର କୁମାର ପାଣିଗ୍ରାହୀ ଓ ଜାଗୃତି ପାଣିଗ୍ରାହୀଙ୍କ ସୁପୁତ୍ରୀ।

### ୩ ମାସ ପର୍ଯ୍ୟନ୍ତ ତାଜା ରହିବ ଆଖୁରସ



ଚିରସ୍ମିତା ପାଣିଗ୍ରାହୀ

# ନିଶା କାରବାର ସମାଜ ପାଇଁ କ୍ଷତିକାରକ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୮।୪**

ନିଶା ବା ଡ୍ରଗ୍ସ କାରବାର ସମ୍ପର୍କିତ ଅପରାଧ ସମଗ୍ର ସମାଜ ପାଇଁ ମରଣାନ୍ତକ ସଦୃଶ। ସମାଜର ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ ସବ୍‌ଷ୍ଟାନ୍ସେସ(ଏନ୍‌ଡିପିଏସ୍) ଆକ୍ଟ ୧୯୮୫ର ଦଫା ୨୧ରେ ସ୍ୱତନ୍ତ୍ର ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ପକ୍ଷରୁ ଆଗତ ଆବେଦନକୁ ଖାରଜ କରି ରାୟ କାଏମ କରିବା ଅବସରରେ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଏବଂ ବିଚାରପତି ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ମନ୍ତବ୍ୟ ଦେଇଛନ୍ତି।

ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କଠାରୁ ୧କେଜି ହେରୋଇନ୍ ଜବତ କରାଯାଇଥିଲା, ଯାହାକି ବ୍ୟବସାୟ କରିବା ପାଇଁ ଉଦ୍ଦିଷ୍ଟ ପରିମାଣର ୪ଗୁଣ ଅଟେ। ଏନ୍‌ଡିପିଏସ୍ ଆକ୍ଟ ଅନୁସାରେ ଜଣେ ବ୍ୟକ୍ତି ସର୍ବାଧିକ ୨୫୦ଗ୍ରାମ୍ ପର୍ଯ୍ୟନ୍ତ ହେରୋଇନ ବ୍ୟବସାୟ ପାଇଁ ପାଖରେ ରଖିପାରିବେ। ଏତେପରିମାଣରେ ହେରୋଇନ ରଖିବା ଅଭିଯୋଗରେ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୫ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏଥିସହ ୨ଲକ୍ଷ ଟଙ୍କାର ଅର୍ଥ ଦଣ୍ଡରେ ମଧ୍ୟ ଦଣ୍ଡିତ କରିଥିଲେ। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର ଅଦାଲତଙ୍କ ଉକ୍ତ ରାୟ ବିରୋଧରେ ଅଭିଯୁକ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ଆବେଦନକାରୀ ଦର୍ଶାଇଥିଲେ ଯେ, ହେରୋଇନ୍ ଚାଲାଣର ମୁଖ୍ୟ ବ୍ୟକ୍ତି ଏଯାବତ୍ ଗିରଫ ହୋଇ ନାହାନ୍ତି। ସେ କେବଳ ଏହାକୁ ସାଙ୍ଗରେ ନେଇଥିଲେ। ତେଣୁ ତାଙ୍କୁ ଯୋଗାଣକାରୀ ଏବଂ ବିକ୍ରି କରୁଥିବା ଅଭିଯୋଗରେ ସ୍ୱତନ୍ତ୍ର କୋର୍ଟ ଦଣ୍ଡିତ କରିବା ଠିକ୍ ନୁହେଁ ବୋଲି ଯୁକ୍ତି ବାଢ଼ିଥିଲେ। ସର୍ବୋଚ୍ଚ ଅଦାଲତ ବିଚାରପତି ଚନ୍ଦ୍ରଚୂଡ଼ ଏବଂ ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି ଉକ୍ତ ଆବେଦନକୁ ଖାରଜ କରିଥିଲେ। ଏଥିସହ ନିଶା କାରବାର ସମ୍ପର୍କିତ ମାମଲାର ଶୁଣାଣିବେଳେ ଅଦାଲତ ନିଶ୍ଚିତ ଭାବେ ଜନସାଧାରଣଙ୍କ ସ୍ୱାର୍ଥ ଏବଂ ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଚିନ୍ତା କରି ସର୍ବାଧିକ ଦଣ୍ଡ ଦେବା ଉଚିତ୍ ବୋଲି କହିଥିଲେ। ଏପରି କି କୌଣସି ହତ୍ୟା ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ଜଣେ କିମ୍ବା ୨ଜଣଙ୍କ ହତ୍ୟା କରିଥିବା ଉପରେ ବିଚାର କରାଯାଇଥାଏ। ମାତ୍ର ନିଶା କାରବାର ସମ୍ପର୍କିତ ଅପରାଧରେ ସବୁବେଳେ ସମାଜର ଯୁବବର୍ଗଙ୍କୁ ଟାର୍ଗେଟ କରାଯାଇଥାଏ। ଯାହାକି ଅତ୍ୟନ୍ତ ବିପଜ୍ଜନକ ଏବଂ ସମାଜ ଉପରେ ଏହା ଗଭୀର ପ୍ରଭାବ ପକାଇଥାଏ। ଗତ କିଛି ବର୍ଷ ହେଲା ଡ୍ରଗ୍ସ କାରବାର ଦ୍ୱାରା ଯୁବବର୍ଗ ଏବଂ ଛାତ୍ରଗୋଷ୍ଠୀ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ତେଣୁ ନିଶା କାରବାର ବା ନିଶା ଦ୍ରବ୍ୟ ଚାଲାଣ ସମାଜ ପାଇଁ କ୍ଷତିକାରକ ବୋଲି ଅଦାଲତ ଅନୁଭବ କରି ସ୍ୱତନ୍ତ୍ର ଅଦାଲତଙ୍କ ଦଣ୍ଡାଦେଶକୁ କାଏମ ରଖିଛନ୍ତି।

# ବେଦାନ୍ତ ଫାଟକ ଆଗରେ ଗ୍ରାମବାସୀଙ୍କ ଧାରଣା



ବେଦାନ୍ତ ପ୍ରକଳ୍ପ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି ଗ୍ରାମବାସୀ।

**ଝାରସୁଗୁଡ଼ା ଅଫିସ,୮।୪**

ଝାରସୁଗୁଡ଼ା ଭୂର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ କାତିକେଲା ଗ୍ରାମବାସୀ ନିଜ ଗ୍ରାମକୁ ବିସ୍ଥାପିତ କରିବା ଦାବିରେ ଗୁରୁବାର ପ୍ରକଳ୍ପ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ପ୍ରଶାସନିକ ଅଧିକାରୀ ଓ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ସହ ଜିଲାପାଳ ସରୋଜ କୁମାର ସାମଲ ଆଲୋଚନା କରିଥିଲେ। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ନେତାଜୀ ପଟ୍ଟନାୟକ, ବାବୁଲା ସିଂହ, ହେମ ସିଂହ, ମନୋଜ କଲେତ, ଅକ୍ଷୟ ରାଉତ, କାନ୍ତ ଦାସ, ଭୂଜ କଅଁର, ରୋନକ ରାଉତ, ଦଷ୍ମନ୍ତ ରଣା, ବିଜୟ ସେଠ୍, ସୁବ୍ରତ ଧୁରୁଆ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୦ତାରିଖରେ ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଶିବ ଟପ୍ପୋ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ଅପରାହ୍ନ ୪ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

କାତିକେଲା ଗ୍ରାମ ନିକଟରେ ଗଢିଉଠିଛି ବେଦାନ୍ତ କମ୍ପାନୀର ପାଉଁଶ ପୋଖରୀ। ଏହି ପୋଖରୀ ୨୦୧୭ ଅଗଷ୍ଟ ୨୮ରେ ଭାଙ୍ଗିଯାଇ ଗ୍ରାମବାସୀଙ୍କ ଶତାଧିକ ଏକର ଚାଷଜମି ବାଲିଚର ହୋଇଯାଇଥିଲା। ଏହା ଦ୍ୱାରା କାତିକେଲା ଗ୍ରାମ ମଧ୍ୟ ପ୍ରଭାବିତ ହୋଇଥିଲା। ଏଭଳି ସ୍ଥିତିରେ ପାଉଁଶ ପୋଖରୀ ନିକଟରେ ଜନବସତି ରହିବା ଉଚିତ ନ ମଣି ଗ୍ରାମକୁ ବିସ୍ଥାପିତ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରହଣ କରି ବିସ୍ଥାପିତ ବାବଦକୁ ୨୫ପ୍ରତିଶତ କ୍ଷତିପୂରଣ ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲେ। ବାକି କ୍ଷତିପୂରଣ ଓ ଥଇଥାନ ଆଦି କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏହାକୁ ରକ୍ଷା କରୁନାହିଁ। ଏ ନେଇ ଗତ ମାର୍ଚ୍ଚ ୧୪ତାରିଖରେ ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରି ମାର୍ଚ୍ଚ ୧୮ରେ ପ୍ରକଳ୍ପ ଫାଟକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଜଣାଇଥିଲେ। ଏହା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଶିବ ଟପ୍ପୋ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏପ୍ରିଲ ୭ରେ ତ୍ରିପାକ୍ଷିକ ଆଲୋଚନା କରିବା ପାଇଁ ନୋଟିସ ଜାରି କରିଥିଲେ। ଏହି ନୋଟିସ୍‌ର ସମୟସୀମା ଅତିବାହିତ ହୋଇଥିଲେ ମଧ୍ୟ ଆଲୋଚନା ହୋଇ ନ ଥିଲା। ଫଳରେ ଅସନ୍ତୁଷ୍ଟ ଗ୍ରାମବାସୀ ଧାରଣାରେ ବସିବା ପାଇଁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ବେଦାନ୍ତ ପ୍ରକଳ୍ପ ପିଆର୍‌ଓ ସଞ୍ଜୀବ ପଟ୍ଟନାୟକ କହିଛନ୍ତି, କାତିକେଲା ଗ୍ରାମର ବିସ୍ଥାପନ ପାଇଁ କମ୍ପାନୀ ପ୍ରତିବଦ୍ଧ ରହିଛି। ଆର୍‌ପିଡିଏସି ଓ ଜିଲା ପ୍ରଶାସନ ତରଫରୁ ରହିଥିବା ନିର୍ଦ୍ଦେଶ ଅନୁସାରେ କମ୍ପାନୀ ସମସ୍ତ ପଦକ୍ଷେପ ଗ୍ରହଣ କରିଆସୁଛି। ଏଥିମଧ୍ୟରେ କ୍ଷତିପୂରଣ ନିର୍ଦ୍ଧାରିତ ରାଶିର ୨୫ପ୍ରତିଶତ ୧୭କୋଟି ଟଙ୍କା ଓ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ଗ୍ରାମବାସୀଙ୍କୁ ଜମି ପ୍ରଦାନ କରାଯାଇଛି।

**ଆଶ୍ରମ ସ୍କୁଲ ଛାତ୍ରୀ ଗର୍ଭବତୀ, ଭିଣୋଇ ଗିରଫ**

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଏକ ଆଶ୍ରମ ସ୍କୁଲର ଜଣେ ଛାତ୍ରୀ ଗର୍ଭବତୀ ଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା (ନଂ. ୧୬୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କୁ ଡାକ୍ତରୀମାଇନା କରାଇ ଏକ ସ୍ୱଳ୍ପ ରହଣି କେନ୍ଦ୍ରରେ ରଖାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା କେନ୍ଦୁଝର ଅଞ୍ଚଳର ନାବାଳିକାଙ୍କ ଭିଣୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ପରିବା ବଗିଚାରୁ ହରିଣ ଉଦ୍ଧାର

**ପାଟଣା, ୮।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଉଦୟପୁର ବିଟ ଗଣିଆବରେଇ ଗ୍ରାମରୁ ଗୁରୁବାର ସକାଳୁ ଏକ ହରିଣକୁ ବନ ବିଭାଗ ବିକ୍ରମ ନାଏକଙ୍କ ପରିବା ବଗିଚାରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ହରିଣଟି ଗାଁ ଭିତରକୁ ପଶି ଆସିଥିବାବେଳେ ବିକ୍ରମଙ୍କ ବଗିଚା ବାଡ଼ରେ ଥିବା ଜାଲରେ ଫଶିଯାଇଥିଲା। ବନ ବିଭାଗ ପହଞ୍ଚି ହରିଣକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛି।

### ଡାକ୍ତର ନିଯୁକ୍ତି ଦାବିରେ ଅନଶନ ଜାରି

**ବାସୁଦେବପୁର,୮।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଇରମ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଆମରଣ ଅନଶନ ଗୁରୁବାର ୨ୟ ଦିନରେ ପହଞ୍ଚିଥିଲା। ସମିତିସଭ୍ୟ ଉମାକାନ୍ତ ରଣା ଓ ବିଦ୍ୟାଧର ସାହୁ ଏହି ଅନଶନ କରିଛନ୍ତି। ଏଯାଏ କୌଣସି ପ୍ରଶାସନିକ ଅଧିକାରୀ ଅନଶକାରୀଙ୍କ ପାଖରେ ପହଞ୍ଚି ନ ଥିବା କୁହାଯାଇଛି। ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଡାକ୍ତର ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

### ବସ୍ ଦୁର୍ଘଟଣାରେ ଆହତ ଡ୍ରାଇଭରଙ୍କ ମୃତ୍ୟୁ

**ଠାକୁରମୁଣ୍ଡା,୮।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତାର ମହୁଲଡ଼ିହା ଥାନା ନିକଟରେ ଏକ ବସ୍ ଦୁର୍ଘଟଣାରେ ଆହତ ହୋଇ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଡ୍ରାଇଭରଙ୍କର ଗୁରବାର ମୃତ୍ୟୁ ଘଟିଛି। ସେ ହେଲେ ପଞ୍ଜାବ ରାଜ୍ୟ ଗୁରୁଦାସପୁର ଅଞ୍ଚଳର ମଙ୍ଗଲ ସିଂ। ହରିୟାଣାରୁ କଟକକୁ ଏକ ନୂଆ ବସ୍ ନେଇ ଯାଉଥିବା ବେଳେ ଗତ ବୁଧବାର ଅପରାହ୍ନରେ ବସ୍‌ଟି ରାସ୍ତା ପାର୍ଶ୍ୱ ଗଛରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଡ୍ରାଇଭର ମଙ୍ଗଲଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏନେଇ ମହୁଲଡ଼ିହା ଥାନାରେ ଏକ ମାମଲା(ନଂ.୨୯/୨୧) ରୁଜୁ ହୋଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ଖଇରା, ୮।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ବେକ୍କେଇ ଠାକୁରାଣୀ ପୀଠରେ ଗୁରୁବାର ୧୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟପୂଜକ ଦେବଦତ୍ତ ଶତପଥି, ମଧୁସୂଦନ ଆଚାର୍ଯ୍ୟଙ୍କ ସମେତ ୧୨ଜଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କମିଟି ସଭାପତି ଭାଗିରଥୀ ଦାସ, ଉପସଭାପତି ବିଜୟ କେତନ ଦାସ, ସମ୍ପାଦକ ମାନସ ରଞ୍ଜନ ରାଉଳ, କୋଷାଧକ୍ଷ ଇନ୍ଦୁଭୂଷଣ ପ୍ରଧାନ, ରାମଚନ୍ଦ୍ର ବେହେରା, ଉପେନ୍ଦ୍ର ନାୟକ, ଜୀବନ ଦାସ, ବୁଦ୍ଧିରାମ ବୁଗୁଡାଇ, ବନମାଳୀ ପ୍ରଧାନ ଓ ବାବାଜୀ ମହାନ୍ତି ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ସିମୁଳିଆ, ୮।୪(ଡି.ଏନ.ଏ.)-**ସିମୁଳିଆ ଥାନାଠାରୁ ପ୍ରାୟ ୪ କି.ମି. ଦୂର ଜାତୀୟ ରାଜପଥର ସିମୁଳିଆ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟି ସୂର୍ଯ୍ୟକାନ୍ତ ଜେନା ନାମକ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଭଦ୍ରକ ଜିଲା ଆଖୁଆପଦା ଅଞ୍ଚଳରେ । ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮୪/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଜଳକଷ୍ଟରେ ୪୦ହଜାର ପରିବାର

**ବାରିପଦା ଅଫିସ, ୮।୪**

ଚଳିତ ଗ୍ରୀଷ୍ମ ଋତୁରେ ମୟୂରଭଞ୍ଜ ଜିଲାର ବାରିପଦା ସମଗ୍ର ବିଶ୍ୱରେ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବର୍ଷା ଅଭାବରୁ ଜିଲାର ବିଭିନ୍ନ ସ୍ଥାନରେ ଜଳକଷ୍ଟ ଦେଖିବାକୁ ମିଳିଛି। ଜିଲାର ରାସଗୋବିନ୍ଦପୁର, ବଡ଼ସାହି ଓ ବେତନଟୀ ବ୍ଲକର ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ବିଶେଷ ଭାବେ ଶିମିଳିପାଳ ପାଦଦେଶରେ ଥିବା ଗ୍ରାମ ଗୁଡ଼ିକରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ପାନୀୟ ଜଳ ଅଭାବରୁ ଲୋକେ ଦୂର ଦୂରାନ୍ତକୁ ଯାଇ ଜଳ ସଂଗ୍ରହ କରୁଛନ୍ତି। ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡ଼ା) ପକ୍ଷରୁ ନିର୍ମାଣ କରାଯାଇଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୪୦୪ଟି ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଛି। ଫଳରେ ସେହି ଅଞ୍ଚଳର ୪୦ହଜାରରୁ ଊର୍ଦ୍ଧ୍ୱ ପରିବାର ଜଳକଷ୍ଟ ଭୋଗୁଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଫାଇଲିନ୍ ପରଠାରୁ ଜିଲାର ୨୬ଟି ବ୍ଲକରେ ଥିବା ଜଳକଷ୍ଟ ଗ୍ରାମରେ ଓରେଡା ପକ୍ଷରୁ ସୋଲାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ୧୦୦ରୁ କମ୍ ସଂଖ୍ୟକ ପରିବାର ଥିବା ଗ୍ରାମଗୁଡିକରେ ୪.୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୌରଶକ୍ତି ଦ୍ୱାରା ପାଣି ଟାଙ୍କି ମାଧ୍ୟମରେ ପାନୀୟ ଜଳ ଗଚ୍ଛିତ କରାଯାଇଥିଲା। ଗଭୀର ନଳକୂପ ଖନନ କରାଯାଇ ମୋଟର ଯୋଗେ ୫୦୦୦ଲିଟର କ୍ଷମତା ବିଶିଷ୍ଟ ଉତ୍ତାପ ନିରୋଧ ପାଣିଟାଙ୍କି ଦ୍ୱାରା ଗ୍ରାମବାସୀ ପାନୀୟ ଜଳ ପାଉଥିଲେ। ଜିଲାରେ ମୋଟ ୧୫୫୮ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ୪୦୪ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ନିର୍ମାଣକାରୀ ସଂସ୍ଥା ୫ବର୍ଷ ପାଇଁ ପ୍ରକଳ୍ପର ରକ୍ଷଣାବେକ୍ଷଣ ସାଙ୍ଗକୁ ମରାମତି ଦାୟିତ୍ୱ ତୁଲାଇବାକୁ ଚୁକ୍ତିନାମାରେ ଉଲ୍ଲେଖ ରହିଛି। ଅଚଳ ପ୍ରକଳ୍ପ ସମ୍ପର୍କରେ ନିର୍ମାଣକାରୀ ସଂସ୍ଥାକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ରାସଗୋବିନ୍ଦପୁର ଅଞ୍ଚଳର ରମେଶ ସିଂ, ଜିତରାୟ ମାରାଣ୍ଡି ଓ ଶୁକଦେବ ସିଂ ପ୍ରକାଶ କରିଛନ୍ତି । ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ପ୍ରକଳ୍ପ କାମରେ ଆସୁନି।

ଏ ସମ୍ପର୍କରେ ଓରେଡ଼ାର ସିନିୟର ଆସିଷ୍ଟାଣ୍ଟ ନନ୍ଦକିଶୋର ମହାନ୍ତିଙ୍କୁ ପଚାରିବାରୁ ଜିଲାରେ ୪୦୪ ପ୍ରକଳ୍ପ ଅଚଳ ରହିଥିବା ସ୍ୱୀକାର କରିଛନ୍ତି। ୫ବର୍ଷ ସମୟ ଅତିକ୍ରାନ୍ତ କରିଥିବା ପ୍ରକଳ୍ପଗୁଡ଼ିକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ବାରିପଦା ଗ୍ରାମ୍ୟ ଜଳ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଇଂ. ନାରାୟଣ ପ୍ରସାଦ ଗାନ୍ଧୀଙ୍କୁ ପଚାରିବାରୁ ଓରେଡା ନିର୍ମିତ ପ୍ରକଳ୍ପର ଦାୟିତ୍ୱ ତାଙ୍କ ଅଧୀନରେ ନାହିଁ ବୋଲି କହିବା ସହ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ତେବେ ଓରେଡା ପକ୍ଷରୁ ବାରିପଦାରେ ଜଣେ ସିନିୟର ଆସିଷ୍ଟାଣ୍ଟ, ମୋରଡ଼ା ବ୍ଲକରେ ଜଣେ ଜୁନିୟର ଟେକ୍ନିସିଆନ ଓ ଉଦଳା ବ୍ଲକରେ ଜଣେ ସୁପରଭାଇଜରଙ୍କୁ ମିଶାଇ ମୋଟ ୩ ଜଣ ନିଯୁକ୍ତ ଅଛନ୍ତି। ମାତ୍ର ଉଭୟ ବିଭାଗ ପରସ୍ପର ଉପରେ ଦୋଷ ଲଦୁଥିବାରୁ ଅଚଳ ପ୍ରକଳ୍ପ ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକର ଦାୟିତ୍ୱ ଗ୍ରାମ୍ୟ ଜଳ ଓ ପରିମଳ ଯନ୍ତ୍ରୀ, ପଞ୍ଚାୟତ ଓ ବିଡିଓଙ୍କୁ ମିଳିତ ଭାବେ ଦିଆଗଲେ ଅଚଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରନ୍ତା ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।


ଅଚଳ ହୋଇ ପଡ଼ିଥିବା ପାନୀୟ ଜଳ ପ୍ରକଳ୍ପ।

**୪୦୪ ପାନୀୟ ଜଳପ୍ରକଳ୍ପ ଅଚଳ**

# ମନ୍ତେଇରୁ ମିଳିଲା ମୃତ କୁମ୍ଭୀର


ମୃତ କୁମ୍ଭୀର।

**ଭଦ୍ରକ ଅଫିସ, ୮।୪**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାହାବଳପୁର ପଞ୍ଚାୟତର ଦୋହରାସାହି ଦେଇ ବହି ଯାଇଥିବା ମନ୍ତେଇ ନଦୀରୁ ଗୁରୁବାର ଏକ ବଉଳା କୁମ୍ଭୀର ମୃତଦେହ ଜବତ କରିଛି ବନ ବିଭାଗ। କୁମ୍ଭୀରର ଲମ୍ବ ପ୍ରାୟ ୬ ଫୁଟ୍ ହେବ। ନଦୀରେ କୁମ୍ଭୀର ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ପାଣିରୁ ଆଣି ବନ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ତେବେ କୁମ୍ଭୀରର କିପରି ମୃତ୍ୟୁ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାନ୍ଦବାଲି ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍‌କେ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀରଟିକୁ ଆଣି ତିହିଡ଼ି ପ୍ରାଣୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛନ୍ତି। ବ୍ୟବଚ୍ଛେଦ ପରେ କୁମ୍ଭୀରଟିକୁ ପୋତା ଯାଇଥିବା ତିହିଡ଼ି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକର ଜେନା ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ, ସୁରକ୍ଷା ସମ୍ବନ୍ଧୀୟ ନୀତିପତ୍ର ଉନ୍ମୋଚିତ

**ବାଲେଶ୍ୱର ଅଫିସ,୮।୪**

ବାଲେଶ୍ୱର ରେମୁଣା ଜାନୁଗଞ୍ଜ ଗୋଲେଇସ୍ଥିତ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନଓଡ଼ିଏଲ୍)ର ମୁଖ୍ୟ ଅଫିସ୍ ପରିସରରେ ପ୍ରଥମ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ନୀତିପତ୍ରକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସମସ୍ତ ଉପସ୍ଥିତ ଅଫିସର, କର୍ମଚାରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। କର୍ମଚାରୀ, ଜନସାଧାରଣ, ଜୀବଜନ୍ତୁ ତଥା ଯନ୍ତ୍ରପାତିର ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନଶୀଳ ହେବା ଓ ଆଗାମୀ ଭବିଷ୍ୟତରେ ଯେପରି କୌଣସି ଧନ, ଜୀବନହାନି ନ ହେବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ଉପଦେଶ ଦେଇଥିଲେ। ଏଥିପାଇଁ ସମସ୍ତ ଆବଶ୍ୟକ ଆଧୁନିକ ସୁରକ୍ଷା ଉପକରଣ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଟାଟା ଗ୍ରୁପ୍‌ର ମୁଖ୍ୟ ପରିବେଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଅଧିକାରୀ ସୁରେଶ କ୍ଷେତୱାନି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଟିପିଏନଓଡ଼ିଏଲ ତରଫରୁ ଦୁଷ୍ୟନ୍ତ ତ୍ୟାଗୀ (ହେଡ୍ ଅଫ୍ ଅପରେଶନ), ରବୀନ୍ଦ୍ର ଗୌଡ଼ା (ହେଡ ଅଫ୍ ପ୍ରୋଜେକ୍ଟ), ଶ୍ରୀବଲ୍ଲବ ସିଂହ (ହେଡ ଏଚ୍ଆର୍), ସୁଶାନ୍ତ କୁମାର ଦାସ (ସିନିୟର ଜିଏମ୍ ଇଲେକ୍ଟ୍ରିକାଲ), ବ୍ରଜସୁନ୍ଦର ପରିଡ଼ା (ଜିଏମ କମର୍ସ), ଶରତ ଚନ୍ଦ୍ର ମହାଳିକ (ଜିଏମ ଅପରେଶନ), ରାଜୀବ କୁମାର ନାୟକ (ଏସ୍ଇ, ଭଦ୍ରକ), ନାରାୟଣ ଦାସ (ଏସ୍ଇ, କେନ୍ଦୁଝର), ହରିଶ କୁମାର ପଣ୍ଡା (ଏସ୍ଇ, ବାଲେଶ୍ୱର), ସୁଦୀପ ମିଶ୍ର (ଏସ୍ଇ ବାରିପଦା), ବିଭୁରଞ୍ଜନ ସାହୁ (ଏସ୍ଇ, ଯାଜପୁର) ପ୍ରମୁଖ ମଞ୍ଚାସୀନ ଥିଲେ।


ଅଧିକାରୀମାନଙ୍କ ଦ୍ୱାରା ନୀତିପତ୍ର ଉନ୍ମୋଚନ କରାଯାଉଛି।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଦୋଷୀଙ୍କୁ ୧୦ବର୍ଷ ଜେଲ

**ବାରିପଦା ଅଫିସ,୮।୪**

ମୟୂରଭଞ୍ଜ ଜିଲା ବାରିପଦା ସ୍ପେଶାଲ ଟ୍ରାକ୍ କୋର୍ଟରେ ଗୁରୁବାର ଏକ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଆଶାପୂର୍ଣ୍ଣା ମହାପାତ୍ର ଏହାର ବିଚାର କରି ଅଭିଯୁକ୍ତ ବାରିପଦା ଟାଉନ ଥାନା ଅଧୀନ ରଘୁନାଥପୁର ଅଞ୍ଚଳର ଏସ.କେ. ତନବୀରଙ୍କୁ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୦ ଅକ୍ଟୋବର ୧୯ରେ ଟାଉନ ଥାନା ଅଞ୍ଚଳର ଜନୈକା ଯୁବତୀ ସାଙ୍ଗ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ସୁଯୋଗ ଦେଖି ଅଭିଯୁକ୍ତ ତନବୀର ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ତାଙ୍କ ପରିବାର ଲୋକେ ୨୮ ଅକ୍ଟୋବରରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୭୪୦/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# କଳାବ୍ୟାଜ୍ ପରିଧାନ କଲେ କର୍ମଚାରୀ


ମେଡିକାଲ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ଡ୍ୟୁଟି କରୁଛନ୍ତି।

**ସଜନାଗଡ଼, ୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ନାମଫଳକ ଭଙ୍ଗା ଘଟଣାରେ ସମ୍ପୃକ୍ତ ଶୁଭ୍ରାଂଶୁ ଶେଖର ନନ୍ଦଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଏସ୍‌ଡିଏମଓ ଅଜୟକୃଷ୍ଣ ସାମଲଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଗୁରୁବାର ନୀଳଗିରି ମେଡିକାଲ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ଯେପର୍ଯ୍ୟନ୍ତ ଗଣ୍ଡଗୋଳକାରୀମାନେ ଗିରଫ ହୋଇନାହାନ୍ତି ସେପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଡ୍ୟୁଟି କରାଯିବ ବୋଲି ଏସ୍‌ଡିଏମ୍‌ଓ ସାମଲ ପ୍ରକାଶ କରିଛନ୍ତି। ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୧୧୦/୨୧) ରୁଜୁହୋଇଛି।

ଟ୍ରକ୍ ମାଲିକ ସଂଘ ପକ୍ଷରୁ ବୁଧବାର ୪ଟି କ୍ୟାବିନ୍ ଗୃହର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମର୍ଥକ କୁହାଯାଉଥିବା କେତେଜଣ ଯୁବକ ଏସ୍‌ଡିଏମ୍‌ଓ ଅଜୟ କୃଷ୍ଣ ସାମଲଙ୍କ ଅଫିସ୍ ଗୃହ ପରିସରରେ କାହିଁକି କେନ୍ଦ୍ରମନ୍ତ୍ରୀଙ୍କ ନାମ ଫଳକରେ ଲେଖାଯାଇନାହିଁ ବୋଲି ପ୍ରଶ୍ନ ପଚାରିବା ସହ ଏହି ଉତ୍ସବକୁ ତତ୍କାଳ ବନ୍ଦ କରିବାକୁ କହିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ଡିଏମ୍‌ଓ ସାମଲଙ୍କ ଠାରୁ ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏହି ସମୟ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ୪ଟି କ୍ୟାବିନ୍ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ବିଧାୟକ ଇଂ. ନାୟକ ଚାଲିଯାଇଥିଲେ। ଚାଲିଯିବାର କିଛି ସମୟ ପରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ କେତେଜଣ ସମର୍ଥକ ନୂତନ ଭାବେ ଉଦ୍‌ଘାଟିତ କ୍ୟାବିନ ଗୃହରେ ଲାଗିଥିବା ଫଳକକୁ ଭାଙ୍ଗିଦେଇଥିବା ଦେଖାଯାଇଥିଲା। ଘଟଣାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରାଯାଇଥିଲା।

**ଏସ୍‌ଡିଏମ୍‌ଓଙ୍କୁ ଦୁର୍ବ୍ୟବହାର ପ୍ରତିବାଦ**

■ଫଳକ ଭାଙ୍ଗିବା ଘଟଣାରେ ଜଣେ ଗିରଫ

## ବସ୍ ମାଲିକ, ଡ୍ରାଇଭରଙ୍କୁ ମାଡ଼: ଅଭିଯୁକ୍ତ ଗିରଫ

**ଯୋଡ଼ା, ୮।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ସହରର ବସଷ୍ଟାଣ୍ଡଠାରେ ଜଣେ ବ୍ୟକ୍ତି ବସ୍ ଭଡାକୁ କେନ୍ଦ୍ର କରି ବସ୍‌ର ମାଲିକ ଓ ଡ୍ରାଇଭରଙ୍କୁ ମାଡମାରି ଗିରଫ ହୋଇଥିବା ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ବିକି ସର୍କାର ନାମକ ଜଣେ ଯୁବକ ରବିବାର ଏକ ବସ୍‌ରେ ବଡ଼ବିଲରୁ ଯୋଡ଼ା ଆସିଥିଲେ। ଭଡ଼ା ବାବଦକୁ ୭୦୦ ଟଙ୍କା ଚୁକ୍ତି ହୋଇଥିଲା। ମାତ୍ର ଚୁକ୍ତିର ଖିଲାପ କରି ବିକି ୬୦୦ ଟଙ୍କା ଦେବାରୁ ବସ୍ ମାଲିକ ଓ ଡ୍ରାଇଭରଙ୍କ ସହିତ କଳହ ହୋଇଥିଲା। ଏଥିରେ ବିକି ଉତ୍‌କ୍ଷିପ୍ତ ହୋଇ ବସ୍ ମାଲିକ ଓ ଡ୍ରାଇଭରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା (ନଂ.୫୧/୨୧) ରୁଜୁ କରି ବିକିଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

## ଘରୋଇ କଳହରୁ ଆତ୍ମହତ୍ୟା

**ବାହାନଗା, ୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମର ଘରୋଇ କଳହକୁ ନେଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଗୋପାଳପୁର ଫାଣ୍ଡି ପୋଲିସ୍ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଛି। ମୃତକ ହେଲେ କାଶୀନାଥ ଦାସ(୫୮)।

## ବ୍ୟାଙ୍କ୍‌ରେ ଭିଡ଼ : ୫ ଘଣ୍ଟା ବଜାର ଅଞ୍ଚଳ ଅବରୋଧ

**ତେଲକୋଇ, ୮।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟରେ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଗୁରୁବାର ବହୁ ସଂଖ୍ୟାରେ ଉପଭୋକ୍ତାଙ୍କ ଭିଡ ହୋଇଥିଲା। ଏନେଇ ଉପଭୋକ୍ତା ମାନେ ବ୍ୟାଙ୍କ ସମ୍ମୁଖ ରାସ୍ତାକୁ ଅବରୋଧ କରିବା ଯୋଗୁ ବଜାର ଅଞ୍ଚଳ ୫ ଘଣ୍ଟା ଧରି ଅବରୋଧ ହୋଇଥିଲା। ଏଥିଯୋଗୁ ଯାତ୍ରୀବାହି ଗାଡି ସହିତ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପୋଲିସ ପ୍ରଶାସନ ଉପସ୍ଥିତିରେ ଉପଭୋକ୍ତାମାନେ କାହାକୁ ଖାତିର ନ କରି ଗହଳି କରିଥିଲେ। ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ଏଠାରେ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହୋଇନଥିଲା। ତେବେ ଉକ୍ତ ବ୍ୟାଙ୍କରେ ଗୃହ ଅଭାବ ସାଙ୍ଗକୁ ଅବଶ୍ୟକ ବ୍ୟବସ୍ଥା ନଥିବା ଯୋଗୁ ଏଭଳି ପରିସ୍ଥିତି ପ୍ରତିଦିନ ହେଉଥିବା ଉପଭୋକ୍ତା କେଶବ ମାରାଣ୍ଡି କହିଛନ୍ତି। ଏସମ୍ପର୍କରେ ବ୍ୟାଙ୍କ ଶାଖା ମ୍ୟାନେଜର ଆଶୁତୋଷ ମହାପାତ୍ରଙ୍କୁ ପଚାରିବାରୁ ଏଭଳି ପରିସ୍ଥିତି ଯୋଗୁ ଆମ କର୍ମଚାରୀମାନେ ଅଧିକ ହଇରାଣ ହେଉଛନ୍ତି। ଏଥିପାଇଁ ଏହି ବ୍ୟାଙ୍କରେ ଅଧିକ କାଉଣ୍ଟର କରିବାକୁ ଜିଲା ବ୍ୟାଙ୍କ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଖୁବଶୀଘ୍ର ଏହାର ସମାଧାନ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ମିଳିଛି ପଟ୍ଟା, ମିଳୁନି ଭୂମିହୀନଙ୍କ ପତ୍ତା

**କେନ୍ଦୁଝର, ୮।୪ (ସ୍ୱ.ପ୍ର.)**

ଭୂମିହୀନମାନଙ୍କୁ ପଟ୍ଟା ମିଳିଛି, କିନ୍ତୁ ପଟ୍ଟା ମିଳିଥିବା ଲୋକଙ୍କ ପତ୍ତା ମିଳୁନି। ଏଭଳି ଘଟଣା ତେଲକୋଇ ତହସିଲ ଅନ୍ତର୍ଗତ ଆକୁଳ ପଞ୍ଚାୟତର ମଲଣ୍ଡା ଗ୍ରାମରେ ଘଟିଛି। ଜମି ଚିହ୍ନଟ ପାଇଁ ତହସିଲ ପକ୍ଷରୁ ହୋଇଥିବା ନୋଟିସ ଇସୁ୍ୟ ପରେ ସ୍ଥାନୀୟ ଲୋକ ଜାଣିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ କଳ୍ପନା ମାରାଣ୍ଡି ଚିଠି ଲେଖି ଯେଉଁମାନଙ୍କ ନାମରେ ପଟ୍ଟା ହୋଇଛି ସେଭଳି ଲୋକ ଉକ୍ତ ଅଞ୍ଚଳରେ ନ ଥିବା ଜଣାଇବା ପରେ ସ୍ଥାନୀୟ ଲୋକ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ସ୍ଥାନୀୟ ଲୋକେ ଦୀର୍ଘବର୍ଷ ଧରି ଘର ପାଖ ଜମିକୁ ଦଖଲ କରି ଚଳି ଆସୁଥିଲେ। ସେହି ଜମି ସେମାନଙ୍କ ନାମରେ ପଟ୍ଟା ହୋଇ ନ ଥିଲେ ହେଁ ସେମାନେ ଦଖଲ କରିଆସୁଥିଲେ। ଗତ ଜାନୁୟାରୀରେ ସେମାନଙ୍କ ଘର ପାଖ ଦଖଲ ଜମି ଚିହ୍ନଟ ପାଇଁ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। ଜାନୁୟାରୀ ୧୫ରେ ସେମାନଙ୍କୁ ଉପସ୍ଥିତିରେ ଚିହ୍ନଟ ହେବାରୁ ଉକ୍ତ ଜମି ଅନ୍ୟମାନଙ୍କ ନାମରେ ପଟ୍ଟା ହୋଇଥିବା ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଏହାର ତଦନ୍ତ କରି ପତ୍ରସଂଖ୍ୟା ୧୩୫୭/୩୦।୧।୨୦୨୧ରେ ଏଭଳି ପଟ୍ଟାଧାରୀ ନାମରେ ଉକ୍ତ ଗ୍ରାମ କିମ୍ବା ପଞ୍ଚାୟତର କୌଣସି ଲୋକ ନ ଥିବା କିମ୍ବା ସେମାନଙ୍କ ନାମରେ କୌଣସି ଆଧାର କାର୍ଡ ବା ଭୋଟର ପରିଚୟ ପତ୍ର ନ ଥିବା ଘୋଷଣା କରାଯାଇଥିଲା। ତେବେ ଏଭଳି ପଟ୍ଟା କାହାକୁ ଓ କାହିଁକି ଇସୁ୍ୟ ହୋଇଥିଲା ତାହା ତଦନ୍ତ ସାପେକ୍ଷ ବୋଲି ଏହି ମାମଲା ବୁଝୁଥିବା ବରିଷ୍ଠ ଆଇନଜୀବୀ ପତିତପାବନ ନାଥ କହିଛନ୍ତି। ଏ ନେଇ ସେ ଅଦାଲତ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ବାହାରୁ ଆସି ବିଶେଷ କରି ଝାଡ଼ଖଣ୍ଡ ରାଜ୍ୟରୁ ଏହି ଅଞ୍ଚଳରୁ ଆସି ରହୁଥିବା ମୁଣ୍ଡା ସମ୍ପ୍ରଦାୟର ଲୋକଙ୍କ ନାମରେ ୧୯୯୪ରେ ପଟ୍ଟା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେମାନେ ପଳାଇଯାଇଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ମାଓ କାର୍ଯ୍ୟକଳାପକୁ ନେଇ ଧରପଗଡ଼ ପରେ ସେମାନେ ଭୟରେ ପଳାଇଯାଇଥିବା ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ପଟ୍ଟା ପ୍ରଦାନ ସମ୍ପର୍କରେ ଜଣାପଡ଼ିବ ବୋଲି କହିଛନ୍ତି।

# ‘ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ନ ହେଲେ ପାର୍କିଂ ଫି ବନ୍ଦ’

**ଉଦଳା,୮।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଉଦଳା ବସଷ୍ଟାଣ୍ଡର ଉନ୍ନତିକରଣ ନ ହେଲେ ପାର୍କିଂ ଫିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯିବ ବୋଲି ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି। କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳାଠାରେ କୋର୍ଟ କଚେରୀ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ଦୈନନ୍ଦିନ ଗ୍ରାମାଞ୍ଚଳରୁ ବହୁ ଲୋକ ବିଭିନ୍ନ ସରକାରୀ କାର୍ଯ୍ୟରେ ଏଠାକୁ ଆସିଥାନ୍ତି। ଏତଦ୍‌ବ୍ୟତୀତ ଉଦଳାରୁ ଭୁବନେଶ୍ୱର, ରାଞ୍ଚି, ବାଲେଶ୍ୱର, ବାରିପଦା, କୋଲକାତା, କରଞ୍ଜିଆ, କୁପାରୀ ଆଦି ରୁଟ୍‌ରେ ବହୁ ଯାତ୍ରୀବାହୀ ବସ୍ ଯାତାୟତ କରୁଛି। ହେଲେ ଉଦଳାରେ ଯେଉଁ ବସ୍‌ଷ୍ଟାଣ୍ଡ ରହିଛି ସେଠାରେ ଯାତ୍ରୀଙ୍କ ନିମନ୍ତେ କୌଣସି ସୁବିଧା ନାହିଁ। ସମ୍ପୂର୍ଣ୍ଣ ଭାବେ ଜରାଜୀର୍ଣ୍ଣ ହୋଇ ଖାଲଖମା ସୃଷ୍ଟି ହୋଇଛି। ଗ୍ରୀଷ୍ମ ଋତୁରେ ବସଷ୍ଟାଣ୍ଡରେ ଥଣ୍ଡା ପାନୀୟ ଜଳ, ପୁରୁଷ ଏବଂ ମହିଳା ଯାତ୍ରୀଙ୍କ ନିମନ୍ତେ ପରିସ୍ରାଗାରର ବ୍ୟବସ୍ଥା ନାହିଁ। ଯେଉଁ ଯାତ୍ରୀ ବିଶ୍ରାମଗାର ରହିଛି ତାହାର ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଖରାବର୍ଷାରେ ଯାତ୍ରୀମାନେ ମୁଣ୍ଡ ଗୁଞ୍ଜିବା ନିମନ୍ତେ ବହୁ ହଇରାଣ ହେଉଛନ୍ତି। ଉଦଳା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସଷ୍ଟାଣ୍ଡର ଉନ୍ନତିକରଣ ନିମନ୍ତେ ବିଭିନ୍ନ ସମୟରେ ସ୍ଥାନୀୟ ଉପଜିଲାପାଳ ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ ବୋଲି ସଂଘର ସମ୍ପାଦକ ହରପ୍ରସାଦ ଦାସ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଉଦଳା ଏନ୍‌ଏସି ପକ୍ଷରୁ ଏହି ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକଠାରୁ ଏନ୍‌ଏସି କର୍ତ୍ତୃପକ୍ଷ ଦୈନନ୍ଦିନ ପାର୍କିଂ ଫି ଆଦାୟ କରିଥାନ୍ତି। ପ୍ରାୟ ଦୈନନ୍ଦିନ ପାର୍କିଂ ଫି ୧୦ ହଜାର ଟଙ୍କା ଆଦାୟ କରାଯାଉଛି ବୋଲି ସମ୍ପାଦକ ଦାସ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବସଷ୍ଟାଣ୍ଡର ଉନ୍ନତିକରଣ କରାଯିବ ବୋଲି କହିଛନ୍ତି।



ଉଦଳା ବସ୍‌ଷ୍ଟାଣ୍ଡ।

## ମାସ୍କ ନ ପିନ୍ଧି ଅମାନିଆ ଗଣିଲେ ୧୧ ହଜାର ଜରିମାନା

ପାଟଣା, (ସ୍ୱ. ପ୍ର.): ପାଟଣା ବ୍ଲକ ମୁଖ୍ୟାଳୟରେ ଗୁରୁବାର ପୋଲିସ ଓ ପ୍ରଶାସନ ମାସ୍କ ପରିଧାନ କରି ନ ଥିବା ଅମାନିଆଙ୍କ ପ୍ରତି କଠୋର ପଦକ୍ଷପ ଗ୍ରହଣ କରିଛି। ପାଟଣା ପୋଲିସ ପକ୍ଷରୁ ମୁଖ୍ୟାଳୟ ବଜାର ଓ ତୁରୁମୁଙ୍ଗା ପୋଲିସ ପକ୍ଷରୁ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ତୁରୁମୁଙ୍ଗା ବଜାରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୫ ଜଣ ଅମାନିଆଙ୍କ ଠାରୁ ୭ ହଜାର ୫ଶହ ଟଙ୍କା ଆଦାୟ କରାଯାଇଥିବାବେଳେ ଅନ୍ୟ ଏକ ସ୍ଥାନରୁ ୭ଜଣଙ୍କ ଠାରୁ ୩ହଜାର ୫ଶହ ଟଙ୍କା ଆଦାୟ କରାଯାଇଛି। ଦୁଇଟି ଥାନାରୁ ମୋଟ ୧୧ ହଜାର ଟଙ୍କା ଆଦାୟ ହୋଇଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର
- ଓଡ଼ିଶା ଇତିହାସ (ହିନ୍ଦୀ ଅନୁବାଦ)ର ଶୁଭ ଉନ୍ମୋଚନ। ସ୍ଥାନ: ଆତିଥ୍ୟ ସମ୍ମିଳନୀ କକ୍ଷ। ସମୟ: ପୂର୍ବାହ୍ନ ୧୧ଟା।

ଭଦ୍ରକ
- ଭଦ୍ରକ ଫୁଡ୍ କୋର୍ଟ ଶିଳାନ୍ୟାସ। ସ୍ଥାନ: ବାଇପାସ୍ ନିକଟ। ସମୟ: ସକାଳ ୮ଟା ୩୦।

## ଘଟଗାଁ ପୀଠରେ ଡିଜିଟାଲ ପେମେଣ୍ଟ

ଘଟଗାଁ, ୮।୪(ଡି.ଏନ.ଏ.): କେନ୍ଦୁଝର ଜିଲାର ଘଟଗାଁ ତାରିଣୀ ମନ୍ଦିର ପରିସରରେ ଷ୍ଟେଟ ବ୍ୟାଙ୍କ ତରଫରୁ ଏକ ଡିଜିଟାଲ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ମନ୍ଦିର ପ୍ରାଙ୍ଗଣରେ ଟ୍ରଷ୍ଟି ସଦସ୍ୟଙ୍କ ଉପସ୍ଥିତିରେ ଇ-ହୁଣ୍ଡି ଉଦ୍‌ଘାଟିତ ହୋଇଥିଲା। ଏହାଦ୍ୱାରା ଭକ୍ତମାନେ ଦକ୍ଷିଣା ଅନ-ଲାଇନ ସମର୍ପଣ କରିପାରିବେ। ଖୁଚୁରା ପଇସା ନ ଦେଇ କ୍ୟୁଆର୍ ଜରିଆରେ ମଧ ଦେଇପାରିବେ। ମନ୍ଦିର ତରଫରୁ ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ବରିଷ୍ଠ ଟ୍ରଷ୍ଟ ବୋର୍ଡ ସଦସ୍ୟ କ୍ଷୀରୋଦ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ଜେନେରାଲ ମ୍ୟାନେଜର ସିଏଲଏନ ଚାରୁଇଲଙ୍କୁ ଧାନରେ ନିର୍ମିତ ମା'ଙ୍କ ମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ବିଆଇ ଡେପୁଟି ଜେନେରାଲ ମ୍ୟାନେଜେର କୁନ୍ଦନ ଜ୍ୟୋତି ଉପସ୍ଥିତ ଥିଲେ।

## ଜଣେ କର୍ମଚାରୀ କୋଭିଡ୍ ପଜିଟିଭ୍ : ୨ଦିନ ବ୍ୟାଙ୍କ ବନ୍ଦ

କେନ୍ଦୁଝର, ୮।୪(ଡି.ଏନ୍.ଏ.): କେନ୍ଦୁଝରରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢି ଚାଲିଛି। ଗୁରୁବାର ୨୫ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ବ୍ୟାଙ୍କ ଅଫ୍ ବରୋଦାରେ ଜଣେ କର୍ମଚାରୀ ପଜିଟିଭ ବାହାରିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୮ ଓ ୯ ତାରିଖ ଦୁଇଦିନ ପାଇଁ ବ୍ୟାଙ୍କକୁ ବନ୍ଦ କରାଯାଇଛି। ଆସନ୍ତା ସୋମବାର ବ୍ୟାଙ୍କ୍ ଖୋଲିବା ପୂର୍ବରୁ ସାନିଟାଇଜ କରାଯିବ ବୋଲି ଜଣାପଡିଛି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାରିପଦା ଅଫିସ,୮।୪: ମୟୂରଭଞ୍ଜ ଜିଲା ବାରିପଦାର ଶୁନଗଡ଼ିଆ ସ୍ଥିତ ରେଳ ଧାରଣାରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ରେଳବାଇ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଅଞ୍ଚଳର ଗଗନ ଦାସ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୁଧବାର ରାତିରେ ଭୁବନେଶ୍ୱର-ବାଙ୍ଗରିପୋଷି ସୁପରଫାଷ୍ଟ ଟ୍ରେନରେ ଗଗନ କଟି ଯାଇଥିଲେ।

## ଗୋ ଚାଲାଣ ବନ୍ଦ ପାଇଁ ଆନ୍ଦୋଳନ

ଭଦ୍ରକ ଅଫିସ, ୮।୪: ଭଦ୍ରକ ଜିଲାରେ ସମ୍ପୂର୍ଣ୍ଣ ଗୋ ଚାଲାଣ ବନ୍ଦ ପାଇଁ ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ବଜରଙ୍ଗ ଦଳ ପକ୍ଷରୁ ମାନସ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଯୁବକ ମାନବ ଶୃଙ୍ଖଳ ସୃଷ୍ଟି କରି ଗୋ ଚାଲାଣ ବନ୍ଦ ପାଇଁ ସଚେତନ କରାଇଥିଲେ। ଯୁବଗୋଷ୍ଠୀ ହାତରେ ପ୍ଲାକାର୍ଡ଼ ଧରି ଗୋ ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

## ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ବାରିପଦା ଅଫିସ,୮।୪: ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ମୟୂରଭଞ୍ଜ ଜିଲା ସିପିଆଇ ପକ୍ଷରୁ ବାରିପଦା ବିଦ୍ୟୁତ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରାଯାଇଛି। ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ମହାମାରୀ ସମୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ନିନ୍ଦନୀୟ ବୋଲି କୁହାଯାଇଛି। ଏହି ବିକ୍ଷୋଭରେ ସୁଦର୍ଶନ ରାଉଳ, ଶ୍ରୀକାନ୍ତ ସାମଲ, ଚୈତନ୍ୟ ପୂର୍ତ୍ତି, ନିରଞ୍ଜନ ମହାନ୍ତି ଓ ଗୋପବନ୍ଧୁ ସିଂଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

# ସୁବର୍ଣ୍ଣରେଖା ରିଂବନ୍ଧ କାର୍ଯ୍ୟ ସମୀକ୍ଷା

ଜଳେଶ୍ୱର, ୮।୪(ଡି.ଏନ.ଏ.)



ସୁବର୍ଣ୍ଣରେଖା ରିଂ ବନ୍ଧ କାର୍ଯ୍ୟକୁ ବିଧାୟକ ଅଶ୍ୱିନୀ ପାତ୍ର ସମୀକ୍ଷା କରୁଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱର ସହରର ୩ ପଟ ଦେଇ ସୁବର୍ଣ୍ଣରେଖା ପ୍ରବାହିତ। ୨୦୦୮ ବନ୍ୟାରେ ଜଳେଶ୍ୱର ସହର ମଧ୍ୟରେ ୬ଫୁଟ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେବା ଦ୍ୱାରା ପ୍ରାୟ ୧୦୦କୋଟି ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଥିଲା। ୨୦୧୬ରେ ରାଜ୍ୟ ସରକାରଙ୍କ ବୈଷୟିକ ପରାମର୍ଶ କମିଟି (ଟିଏସି) ଏକ ରିଂ ବନ୍ଧର ଆବଶ୍ୟକତା ଥିବାର ସରକାରଙ୍କୁ ସୁପାରିଶ କରିଥିଲେ । ଏହି ବନ୍ଧର ମୋଟ ୧୬ କି.ମି. ଲାଗି ୨୬ କୋଟି ଟଙ୍କା ଆବଶ୍ୟକ ଥିବା ଜଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ କି.ମି. ବନ୍ଧ ଲାଗି ୨କୋଟି ଟଙ୍କାର ଟେଣ୍ଡର ହୋଇଥିବା ଜଣାପଡିଛି। ଏହି ବନ୍ଧର ମରାମତି ଲାଗି ଦୀର୍ଘ ୪ବର୍ଷ ଧରି ୧କୋଟି ୭୬ଲକ୍ଷ ଟଙ୍କା ପଡ଼ି ରହିଥିବାରୁ ତାହାର କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ଅଶ୍ୱିନୀ ପାତ୍ର ବିଭାଗୀୟ କର୍ମକର୍ତ୍ତା, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

ଜିଲାପାଳଙ୍କ ତଦନ୍ତ ପରେ କାର୍ଯ୍ୟ ଆରମ୍ଭ ହୋଇଛି । କିନ୍ତୁ ଏହି ୧୬ କି.ମି. ବନ୍ଧ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପଞ୍ଚୁଘଣ୍ଟାର ପୀରଘାଟଠାରୁ ଶିଖରପୁରର ସେତୁ ଯାଏ ୪ କି.ମି. ରିଂ ବନ୍ଧର ମାଟି ଓ ମୋରମ କାର୍ଯ୍ୟ ଲାଗି ୨କୋଟି ଟଙ୍କା ବ୍ୟୟବରାଦରେ ଟେଣ୍ଡର ଆହ୍ୱାନ କରାଯାଇଛି । ପରବର୍ତ୍ତୀ ସମୟରେ ଏହି ୪ କି.ମି. ବନ୍ଧକୁ ପିଚୁ କରାଯିବା ଲାଗି ଅନ୍ୟ ଦେଢ଼କୋଟି ଟଙ୍କା ମଞ୍ଜୁର ଲାଗି ପ୍ରସ୍ତୁତି ଚାଲିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଏହି କାର୍ଯ୍ୟର ଅଗ୍ରଗତି ଲାଗି ଏକ ସମୀକ୍ଷା ବୈଠକ ଆହ୍ୱାନ କରିଥିଲେ। ଏଥିରେ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ଧୀରେନ୍ଦ୍ର ନାଥ ଦାସ, ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ପୌର ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଛନ୍ତି। ଶୁକ୍ରବାର ଜବରଦଖଲ ସ୍ଥାନରେ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଯାଇଛି ।

## ମା' ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୧୩, ୮୬, ୯୪୬ଟଙ୍କା



ଘଟଗାଁ, ୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଗୁରୁବାର ଖୋଲା ଯାଇଥିବା ଜଣାଯାଇଛି। ପ୍ରାପ୍ତ ଖବର ଅନୁଯାୟୀ ମା ତାରିଣୀ ମନ୍ଦିର ପରିଚାଳନା ବୋର୍ଡର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଦେବୋତ୍ତର ଇନ୍ସପେକ୍ଟର ତ୍ରିଲୋଚନ ନାଏକ, ଆନନ୍ଦ ଚନ୍ଦ୍ର ସିଂହ ବରିଷ୍ଠ ଟ୍ରଷବୋର୍ଡ ସଦସ୍ୟ କ୍ଷୀରୋଦ ପ୍ରସାଦ ଦାସ, ନିର୍ମଳ କୁମାର ମହାନ୍ତି, ପୋଲିସ କର୍ମଚାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅକ୍ଷୟ କୁମାର ବେହେରା, ଅବନୀ ଜେନା, ମହେଶ୍ୱର ସାହୁ, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଏହି ଗଣତି କରିଥିଲେ। ସକାଳ ୧୧ଟାରୁ ଗଣତି ଆରମ୍ଭ ହୋଇ ଅପରାହ୍ନ ୫ଟା ବେଳେ ଗଣତି ଶେଷ ହୋଇଥିଲ। ପ୍ରାପ୍ତ ଖବର ଅନୁଯାୟୀ ୧୩ ଲକ୍ଷ ୮୬ ହଜାର ୯୪୬ ଟଙ୍କା, ସୁନା ୫୬ ଗ୍ରାମ ୨୦୦ ମିଲିଗ୍ରାମ, ରୁପା ୧.୪୪ କିଲୋ ମିଳିଥିବା ଜଣାଯାଇଛି।

# ସାନ୍ତ୍ରାଗାଛି-ଭଦ୍ରକ ୩ୟ ରେଳଲାଇନ୍ କାର୍ଯ୍ୟ ତ୍ୱରାନ୍ୱିତ

ଜଳେଶ୍ୱର, ୮।୪(ଡି.ଏନ୍.ଏ.)

**ସମୀକ୍ଷା କଲେ ରେଳୱେ ଅଧିକାରୀ**

ରେଳ ଟ୍ରାଫିକ୍ ଜାମ୍ ରହୁଥିବାରୁ ହାଓ୍ୱଡା-ଭଦ୍ରକ ୩ୟ ଲାଇନ୍ କାର୍ଯ୍ୟ ଆରମ୍ଭ ହୋଇଛି । ଏହାର ସମୀକ୍ଷା ଲାଗି ଜଳେଶ୍ୱରରେ ବରିଷ୍ଠ ରେଳ ଅଧିକାରୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି । ସାନ୍ତ୍ରାଗାଛି- ନାରାଣଗଡ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ୨ୟ ପର୍ଯ୍ୟାୟରେ ଦାନ୍ତୁନ ଯାଏ କାର୍ଯ୍ୟ ଚାଲୁ ରହିଛି। ସେହିପରି ୩ୟ ପର୍ଯ୍ୟାୟ କାର୍ଯ୍ୟ ଦାନ୍ତୁନରୁ ବାଲେଶ୍ୱର ଯାଏ ଆରମ୍ଭ ହୋଇଛି। ଜଳେଶ୍ୱର ଯାଏ ରାସ୍ତାକଡରେ ଥିବା ସମସ୍ତ ଗଛ ଓ ଜବରଦଖଲ କାର୍ଯ୍ୟ ଶେଷ ହୋଇଥିବା କୁହାଯାଇଛି। ଆସିଷ୍ଟାଣ୍ଟ ମ୍ୟାନେଜର ରବି ତେଜା, ଆସିଷ୍ଟାଣ୍ଟ ସିଗ୍‌ନାଲ ଲେଟିଫୋନିକ୍ ପି.କେ ଯାଦବ୍‌ଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ଇଞ୍ଜିନିୟର (କନ୍‌ଷ୍ଟ୍ରକ୍‌ସନ୍), ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଆସିଷ୍ଟାଣ୍ଟ ଓଭରହେଡ ମ୍ୟାନେଜରଙ୍କ ସହିତ ଜଳେଶ୍ୱର ସୁପରିଣ୍ଟେଣ୍ଡେଣ୍ଟ ଖଗେନ୍ଦ୍ର ମଣ୍ଡଳ ଓ ସ୍ଥାନୀୟ ଇଞ୍ଜିନିୟର ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ୩ୟ ପର୍ଯ୍ୟାୟ ଏହି ରେଳ ଲାଇନ୍‌ରେ ଅଧିକ ପୋଲ ନିର୍ମାଣ ହେବାକୁ ଥିବାରୁ ବିଶେଷତଃ ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି । ଜଳେଶ୍ୱର କପାସିଆ ରୋଡ ନିକଟରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ଶେଷ ପର୍ଯ୍ୟାୟରେ ଥିବା ସେମାନେ ସୂଚନା ଦେଇଥିଲେ। କପାସିଆ ଗେଟ୍ ନିକଟରେ ଏକ ଅଣ୍ଡରପାସ୍ ଲାଗି ଟେଣ୍ଡର ସରିଥିଲେ ମଧ୍ୟ ୩ୟ ଲାଇନ୍ କାର୍ଯ୍ୟ ଯୋଗୁ ତାହା ବନ୍ଦ ରହିଛି ଓ ଆଗାମୀ ଦିନରେ ସେଠାରେ ଅଣ୍ଡରପାସ୍ କରା ନ ଯାଇ ଏକ ଫ୍ଲାଇ ଓଭରବ୍ରିଜ୍ କରାଯିବା ସର୍ଭେ ଚାଲିଛି। ଜଳେଶ୍ୱର ଓ ଲକ୍ଷ୍ମଣନାଥ ଷ୍ଟେଶନର ଆଧୁନିକୀକରଣ ହେବ ବୋଲି ଏହି ରେଳ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଖଡଗପୁର-ଭଦ୍ରକ ଯାଏ ସକାଳେ ଖଡଗପୁର-ଭଦ୍ରକ ମେମୁ ଚଳାଇବା ଲାଗି କେତେକ ନେତୃସ୍ଥାନୀୟ ବ୍ୟକ୍ତି କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ପାଣି ପାଇଁ ପଞ୍ଚାୟତ ଅଫିସରେ ତାଲା

ବାଙ୍ଗିରିପୋଷି,୮।୪(ଡି.ଏନ.ଏ.)

ପାନୀୟ ଜଳ ସମସ୍ୟା ନେଇ ଅସନ୍ତୁଷ୍ଟ ଲୋକେ ପଞ୍ଚାୟତ ଅଫିସରେ ତାଲା ପକାଇବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ କୁସୁମବନ୍ଧ ପଞ୍ଚାୟତରେ ଏହି ଘଟଣା ଦେଖିବାକୁ ମିଳିଛି। ୩ ବର୍ଷ ହେଲା ଏହି ପଞ୍ଚାୟତର କୁସୁମବନ୍ଧ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ଲୋକେ ଦିନେ ହେଲେ ପାନୀୟଜଳ ପାଇ ପାରିନାହାନ୍ତି। ସେହିପରି ବାରିଗାଁ ପୋଖରୀ ଖୋଳା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ପ୍ରତିବାଦରେ ଶତାଧିକ ମହିଳା ଓ ପୁରୁଷ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା ସୂଚନା ମିଳିଛି। ଉତ୍ୟକ୍ତ ଲୋକେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସରପଞ୍ଚ ବିଶ୍ୱନାଥ ମାଝିଙ୍କ ସମେତ ପଞ୍ଚାୟତର ଅନ୍ୟ କର୍ମଚାରୀଙ୍କୁ ତାଲା ପକାଇ ରଖିଥିଲେ। ଖବରପାଇ ବିଡିଓ ରାମଦାସ ଟୁଡୁ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଶୁକ୍ରବାର ବ୍ଲକ ସହକାରୀ ଯନ୍ତ୍ରୀ ଯୋଗେଶ୍ୱର ବେହେରାଙ୍କ ନେତୃତ୍ୱରେ ୪ ଜଣିଆ କମିଟି ପହଞ୍ଚି ଅଧାପନ୍ତରିଆ ହୋଇ ପଡ଼ିଥିବା ପୋଖରୀ ଖୋଳା କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇ ସରପଞ୍ଚଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିଲା ।

# ଏଲ୍ଏଫ୍ଏସ୍ ବୁକିଂ କର୍ମଶାଳା




ସୋର, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ରାଞ୍ଚ ତରଫରୁ ହୋଟେଲ ଚିଲି ସ୍ୱାଇସ୍‌ରେ ରବିବାର ମୋଲ ଗ୍ରୁପ୍ ତଥା ଏଲଏଫ୍ଏସ୍ ବୁକିଂର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହେଡ୍ ମିର୍ଜା ତାହିର ବେଗଙ୍କ ସମେତ ବହୁ ସିନିୟର ରିମାଇଜର୍ ତଥା ଦୀନବନ୍ଧୁ ଜେନା, ଅଭିମନ୍ୟୁ ସାହୁ, ପ୍ରଶାନ୍ତ କୁମାର ବାରିକ, ପ୍ରଶାନ୍ତ କୁମାର ସାହୁ , ରବୀନ୍ଦ୍ର କୁମାର ଜେନା ଅମୂଲ୍ୟ ରତ୍ନ ନନ୍ଦ, ବସନ୍ତ କୁମାର ବେହେରା, ଏମ୍‌ଡି ୟୁସୁଫ୍‌ଙ୍କ ସମେତ ବହୁ ରିମାଇଜର ଓ କ୍ଲାଏଣ୍ଟଙ୍କ ଉପସ୍ଥିତିରେ କର୍ମଶାଳାଟି ସଫଳ ହୋଇଥିଲା। ଏହି ପ୍ରୋଗ୍ରାମରେ ଡିମେଟ୍ ଆକାଉଣ୍ଟ, ପିଏମ୍ଏସ୍ ଆକାଉଣ୍ଟ, ମ୍ୟୁଚୁଆଲ ଫଣ୍ଡ, ଏସ୍‌ଆଇପି, ଆଇପିଓ ମାଧ୍ୟମରେ ସାଧାରଣ ଲୋକ ଫାଇଦା ଉଠାଇବା ନେଇ କୁହାଯାଇଥିଲା। ଏହି କର୍ମଶାଳାରେ ସୋର ଓ ଭଦ୍ରକ ଶାଖାର ଅଫିସ୍ ଷ୍ଟାଫ୍ ତମନ୍ନା ଖାତୁନ, ଯଶୋଦା ଜେନା, ରୁଚିପ୍ରଜ୍ଞା ଗିରି, ଅଭିମନ୍ୟୁ ମହାନ୍ତି, ଜଇନୁଲ କାଦ୍ରି, ସୌଭିକ ସରକାର (ୟୁକିଟି ଟ୍ରେଡିଂ) ଏସ୍ କେ ଇନ୍ତେଖାପ୍, ପ୍ରତିମା ବାରିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କାରଣ ଦର୍ଶାଅ ନୋଟିସ ପ୍ରତିବାଦରେ ସମୂହ ଇସ୍ତଫା ନିଷ୍ପତ୍ତି

ବନ୍ତ,୮।୪(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ୪ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହାର ପ୍ରତିବାଦରେ ୧୮ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସମୂହ ଇସ୍ତଫା ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ଜିଲାପାଳ, ଜିଲା ପ୍ରକଳ୍ପ ସଂଯୋଜକ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୩୧ରେ ବନ୍ତ ବ୍ଲକରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଏକ ବ୍ଲକସ୍ତରୀୟ ରିଭ୍ୟୁ ମିଟିଂ ଡକାଯାଇଥିଲା। ଏହି ମିଟିଂରେ ଆଡିଆ, କେନ୍ଦୁଆପଦା, ନରାଜପୁର ଓ ତରାପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ଅନୁପସ୍ଥିତ ଥିଲେ। ଗତ ୫ ତାରିଖରେ ବ୍ଲକ ଶିକ୍ଷାଧିକାରୀ ଚିଠି ନଂ. ୯୧୭/୨୧ ଜରିଆରେ ସମ୍ପୃକ୍ତ ସଂଯୋଜକମାନଙ୍କୁ ୩ ଦିନ ମଧ୍ୟରେ ମିଟିଂରେ ଅନୁପସ୍ଥିତ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟପଟେ ମିଟିଂ ଦିବସରେ ସରକାରୀ କାର୍ଯ୍ୟରେ ନିୟୋଜିତ ଥିବାରୁ ଏହି ନୋଟିସକୁ ଅଯୌକ୍ତିକ ବୋଲି ସଂଯୋଜକମାନେ ଦର୍ଶାଇଛନ୍ତି। କାର୍ଯ୍ୟ ସମ୍ପାଦନ ପାଇଁ ସୁରକ୍ଷିତ ମନେ ନ କରି ସମୂହ ପଦତ୍ୟାଗ କରିବା ସହ ମୂଳ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ସଂଯୋଜକ ବନମାଳି ନାୟକ, ବଳରାମ ଭୂୟାଁ, ହଳଧର ସେଠୀ, ଦେବବ୍ରତ ଦାଶ, ସୁକାନ୍ତ ବେହେରା, ବିକ୍ରମ କେଶରୀ ପାଳ, କଳ୍ପନା ରାଉଳ, ପରେଶ ଚନ୍ଦ୍ର ପରିଡ଼ା, ଜଗତଜୀବନ ଜେନା, ଭରତ ଚନ୍ଦ୍ର ଓଝା, ରାମଚନ୍ଦ୍ର ଜେନା, ରାଜେନ୍ଦ୍ର ପ୍ରସାଦ ବେହେରା, ପ୍ରଫୁଲ୍ଲ ଜେନା, କୂଳପ୍ରଭା ସୁଆର, ମନୋଜ ରାଉଳ, କରୁଣାକର ନାୟକ, ପ୍ରଫୁଲ୍ଲ ନାୟକ ଓ ସୁଧୀର ବାରିକ ନିଷ୍ପତ୍ତି ନେଇଛନ୍ତି।

## ଲଟେରି ମାଧ୍ୟମରେ ମଦ ଦୋକାନ ଆବଣ୍ଟନ

ଭଦ୍ରକ ଅଫିସ,୮।୪

ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାର ଦେଶୀ ଓ ବିଦେଶୀ ଠିପି ଖୋଲା, ଠିପି ବନ୍ଦ ମଦ ଦୋକାନ ଲଟେରି ମାଧ୍ୟମରେ ଆବଣ୍ଟନ କରାଯାଇଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଲଟେରି ଉଠାଣ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଓ ଇନ୍ଦ୍ରମଣି ନାୟକ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପିତାମ୍ବର ସାମଲ, ଅତିରିକ୍ତ ଉପଜିଲାପାଳ ମନୋରମା ଭୂୟାଁ, ଅବକାରୀ ଅଧୀକ୍ଷକ ଗୌତମ ସାହୁ ପ୍ରମୁଖ ଜିଲାସ୍ତରୀୟ ଅଧିକାରୀ ଏବଂ ବହୁ ଆବେଦନକାରୀଙ୍କ ଉପସ୍ଥିତିରେ ଲଟେରି ଉଠାଣ ହୋଇଥିଲା। ଜିଲାର ମୋଟ ୩୫ଟି ଆଇଏମ୍ଏଫ୍ଏଲ ଅଫ୍ ସପ୍ ପାଇଁ ୪୯୦ ଓ ସିଏଲ୍ ସପ୍ ୧୯ଟି ପାଇଁ ୮୬ଜଣ ଆବେଦନ କରିଥିଲେ। ଜିଲାପାଳ ଲଟେରି ଉଠାଣ କରି ଦୋକାନ ଆବଣ୍ଟନ କରିଥିଲେ। ଜିଲା ଅବକାରୀ ବିଭାଗ ଅଧିକାରୀମାନେ ପରିଚାଳନା କରିଥିଲେ।

# ୧୭ ପଜିଟିଭ୍ ଚିହ୍ନଟ ପରେ କଣ୍ଟେନ୍‌ମେଣ୍ଟ ଜୋନ୍

ଭଦ୍ରକ ଅଫିସ,୮।୪

ଭଦ୍ରକ ଜିଲାରେ ବୁଧବାର ୧୭ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭଦ୍ରକ ବ୍ଲକ ଏରେଇଁ ପଞ୍ଚାୟତର ଧଳସାହିରୁ ୧୦ଜଣ ଆକ୍ରାନ୍ତ ଅଛନ୍ତି। ପ୍ରଶାସନ ପକ୍ଷରୁ ବୁଧବାର ସେଠାରେ କଣ୍ଟେନମେଣ୍ଟ ଜୋନ୍ କଟକଣା ଲାଗୁ ହୋଇଛି। ସେହିପରି ବଣିଆ ପଞ୍ଚାୟତର ମହାଦେବ ସାହିରୁ ଅଧିକ ସଂଖ୍ୟକ ଆକ୍ରାନ୍ତ ବାହାରିଥିବାରୁ ଗୁରୁବାର ସେଠାରେ ମଧ୍ୟ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ୧୭ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାର ୧୧ ନଂ ୱାର୍ଡ ସାଳନ୍ଦୀ କଲୋନୀରୁ ଜଣେ, ୨୦ ନଂ ୱାର୍ଡ ଚନ୍ଦନବଜାରରୁ ଜଣେ, ୬ ନଂ ୱାର୍ଡ ମଠସାହିରୁ ଜଣେ, ଏରେଇଁ ଧଳସାହିରୁ ୧୦, ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତର ବିଶୋଳ ଗ୍ରାମରୁ ଜଣେ, ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ୫ ନଂ ୱାର୍ଡ ମେଡିକାଲ ବଜାର ଅଞ୍ଚଳରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୭୨ରେ ପହଞ୍ଚିଥିବା ସୂଚନା ମିଳିଛି।

## ରାସ୍ତା ପାଲଟିଛି ମରଣଯନ୍ତା



ଖାଲଖମା ଭର୍ତ୍ତି ରାସ୍ତା।

ଝୁମ୍ପୁରା ୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ବହୁରାସ୍ତା ଏବେ ବିପଦସଙ୍କୁଳ ଅବସ୍ଥାରେ। ରାସ୍ତା ଉପରୁ ପିଚୁ ଉଠିଯାଇ ରାସ୍ତା ସାରା ଗାଡ ହୋଇଥିବାରୁ ପ୍ରତ୍ୟେହ ଛୋଟବଡ ଦୁର୍ଘଟଣା ଘଟିବାରେ ଲାଗିଛି। ଅଭିଯୋଗ ହେଲେ ବିଭାଗ ପକ୍ଷରୁ କେବଳ ପ୍ରତିଶ୍ରୁତି ଦେଇ କାମ ଚଳାଇ ନିଆଯାଉଛି। ଏବେ ଝୁମ୍ପୁରା ପଞ୍ଚାୟତକୁ ସଂଯୋଗ କରୁଥିବା ସଦର ବ୍ଲକର କଣ୍ଡରାପଶି- ଶିଳିସୁଆଁ ରାସ୍ତାକୁ ନେଇ ଅଭିଯୋଗ ହୋଇଛି। କଣ୍ଡରାପଶି- ଶିଳିସୁଆଁ ରାସ୍ତାର ୬କି.ମି ଦୈର୍ଘ୍ୟ ରହିଥିବା ବେଳେ, ଆଦିବାସୀ ଅଧ୍ୟୁଷିତ ଶିଳିସୁଆଁ, କାଳିସୁଇ, କୁରଡିହି, ମଧୁପୁର, କଣ୍ଡରାପଶି ଗ୍ରାମ ସହିତ ଅନେକ ବସ୍ତି ଏହି ରାସ୍ତା ପାର୍ଶ୍ୱରେ ରହିଛି। ଏହି ରାସ୍ତା ଦେଇ ବହୁ ଲୋକ ଯାତାୟାତ କରିଥାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏହି ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଥିବାବେଳେ ଏହାର ମରାମତି କାମ ଏକ ବର୍ଷରୁ ଉର୍ଦ୍ଧ ସମୟ ହେଲା ଚାଲିଛି, ହେଲେ ସରୁନାହିଁ। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡିଙ୍କୁ ପଚାରିବାରୁ ରାସ୍ତାର ଶିଳିସୁଆଁ ପାଖ ବିଶେଷ ଖରାପ ରହିଛି। ରାସ୍ତାକୁ ନୂତନ ଭାବେ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି, ଖୁବଶୀଘ୍ର କାମ ହେବ ବୋଲି ସେ କହିଛନ୍ତି।

## ତହସିଲ ଅଫିସ ଘେରାଉ

ପାଟଣା,୮।୪(ସ୍ୱ. ପ୍ର.)

କେନ୍ଦୁଝର ଜିଲା ସାହାରପଡା ତହସିଲ ଅଞ୍ଚଳରେ ବେଧଡକ ଚୋରା ବାଲି ଚାଲାଣକୁ ବିରୋଧ କରି ଗୁରୁବାର ସାହାରପଡା ତହସିଲ ଅଫିସକୁ ଭାଜପାର ଶତାଧିକ କର୍ମୀ ଘେରାଉ କରିଛନ୍ତି। ଏହି ତହସିଲ ଅନ୍ତର୍ଗତ ବୈତରଣୀ ନଦୀ, ଦେଓ ନଦୀ, ବିରଳ ନଦୀର ବାଲି ଉତ୍ସରୁ ବାଲି ମାଫିଆ ମାନେ ଦୀର୍ଘ ଦିନ ହେବ ବାଲି ଲୁଟ କରିଚାଲିଛନ୍ତି ବୋଲି କେନ୍ଦୁଝର ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଅଭିଯୋଗ କରିଛନ୍ତି। ବାଲି ମାଫିଆ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ତ୍ରିନାଥ କୁମାର ଦାସଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଘେରାଉରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ମହାନ୍ତ, ସାହାରପଡା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ ପ୍ରମୁଖ ସାମିଲ ଥିଲେ।

# ନିଖୋଜ ଯୁବକଙ୍କ ମିଳୁନି ସନ୍ଧାନ

ରୂପ୍‌ସା,୮।୪(ଡି.ଏନ.ଏ.)

**୫ବର୍ଷ ବିତିଲା।**



ନିଖୋଜ ଶିବୁ ସାମଲ।

ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ଥାନାରୁ ୫ ବର୍ଷ ହେଲା ନିଖୋଜ ହୋଇଯାଇଥିବା ଜଣେ ଯୁବକଙ୍କର ଏଯାବତ୍ ସନ୍ଧାନ ମିଳୁନାହିଁ। ତାଙ୍କୁ ଖୋଜି ବାହାର କରିବା ପାଇଁ ପୋଲିସ୍‌ର ସମସ୍ତ କୌଶଳ ବିଫଳ ହୋଇଛି। ଶେଷରେ ଏହି ମାମଲାର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଜାତୀୟ ମାନବାଧିକାର କମିଶନ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ଥାନା ଅଞ୍ଚଳର ନନ୍ଦକୁମାର ସାମଲଙ୍କ ପୁଅ ଶିବୁ (୨୦) ବାଲିଆପାଳ ସ୍ଥିତ ମାଉସୀ ଘରକୁ ଆସିଥିଲେ। ୨୦୧୬ ଜୁନ୍ ୨ ତାରିଖରେ ସେ ନିଜ ଘରକୁ ଫେରୁଥିବା ବେଳେ ବସ୍ତା ଥାନା ମୁକୁଲିସି ନିକଟରେ ଅଟକିଥିଲେ। ଚୋର ସନ୍ଦେହରେ ସ୍ଥାନୀୟ ଲୋକେ ତାଙ୍କୁ ପିଟାମରା କରିଥିଲେ। ପୋଲିସ ପହଞ୍ଚି ଶିବୁଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲା। ପ୍ରାଥମିକ ତଦନ୍ତରୁ ଶିବୁଙ୍କ ମସ୍ତିଷ୍କ ବିକୃତ ଥିବା ପୋଲିସ ସେତେବେଳେ ସୂଚନା ଦେଇଥିଲା। ହଠାତ୍ ଥାନା ପରିସରରୁ ଶିବୁ କୁଆଡ଼େ ନିଖୋଜ ହୋଇଯାଇଥିଲେ। ପୋଲିସ ବହୁ ଖୋଜାଖୋଜି କରି ତାଙ୍କ ସନ୍ଧାନ ପାଇ ନ ଥିଲା। ଅପରପକ୍ଷରେ ଶିବୁଙ୍କୁ ନ ପାଇ ତାଙ୍କ ପରିବାର ଲୋକେ ୨୦୧୬ ଅଗଷ୍ଟ ୬ ତାରିଖରେ ରାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସେଠାକାର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ରାମନଗର ଥାନାରୁ ଉକ୍ତ ମାମଲା ବସ୍ତା ଥାନାକୁ ୨୦୧୭ ସେପ୍ଟେମ୍ବର ୨୦ ତାରିଖରେ ସ୍ଥାନାନ୍ତର ହୋଇଥିଲା। ବସ୍ତା ଥାନାରେ ଏକ ମାମଲା (ନଂ.୨୯୯।୧୭) ରୁଜୁ ହୋଇଥିଲା। ହେଲେ ପୋଲିସ ବିଭିନ୍ନ ମାଧ୍ୟମ ଆପଣାଇ ନିଖୋଜ ଶିବୁଙ୍କୁ ଖୋଜାଖୋଜି କରିଥିଲେ ହେଁ କୌଣସି ପତ୍ତା ମିଳି ନାହିଁ। ଜାତୀୟ ମାନବାଧିକାର କମିଶନଙ୍କ ପକ୍ଷରୁ ଏନେଇ ପୋଲିସକୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଆସିଥିବା ବେଳେ ଶିବୁଙ୍କ ମା'-ବାପା ପୁଅର ଫେରିବା ବାଟକୁ ଚାହିଁ ଦୁଃଖରେ ଦିନ ବିତାଉଛନ୍ତି।

# ପଜିଟିଭ୍ କଏଦୀଙ୍କୁ ଜେଲ ମନା

## ପୁଣି ଏସ୍‌ଓପି ଜାରିକଲା ଜେଲ ବିଭାଗ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଏଣିକି ପଜିଟିଭ୍ କଏଦୀଙ୍କୁ ଜେଲ୍ ମନା। ରାଜ୍ୟରେ ବର୍ଦ୍ଧିତ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଏଦୀଙ୍କୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଜେଲ୍ ବିଭାଗ ପକ୍ଷରୁ ଗୁରୁବାର ଏନେଇ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରାଯାଇଛି। ଜେଲ୍‌ରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବା ସହିତ କଏଦୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଗୃହ ବିଭାଗ ପକ୍ଷରୁ ଗତ ଅଗଷ୍ଟ ୨୮ ତାରିଖରେ ଜାରି ହୋଇଥିବା ଗାଇଡ୍‌ଲାଇନ ପାଳନ କରିବାକୁ କୁହାଯାଇଛି। ଏନେଇ ରାଜ୍ୟର ସମସ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏହି ଏସ୍‌ଓପି ପଠାଯାଇଛି।

ଜାରି ଏସ୍‌ଓପି ଅନୁସାରେ, ସମସ୍ତ କଏଦୀଙ୍କର କୋଭିଡ୍ ଟେଷ୍ଟ କରାଯିବ। ପଜିଟିଭ୍ ବାହାରିଲେ ତାଙ୍କୁ କୋଭିଡ୍ ହସ୍ପିଟାଲ ପଠାଇ ଦିଆଯିବ। କୌଣସି କରୋନା ସଂକ୍ରମିତ କଏଦୀଙ୍କୁ ଜେଲରେ ରଖାଯିବ ନାହିଁ। ସମ୍ପୃକ୍ତ କଏଦୀଙ୍କୁ ହସ୍ପିଟାଲ ନେବାବେଳେ ସୁରକ୍ଷା କ୍ଷେତ୍ରକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଏସ୍କର୍ଟ ଯୋଗାଇ ଦିଆଯିବ। କୌଣସି ମାମଲାର ତଦନ୍ତ ଓ ତଥ୍ୟ ସଂଗ୍ରହ ପାଇଁ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ କିମ୍ବା ଅନ୍ୟ କର୍ତ୍ତୃପକ୍ଷ ରିମାଣ୍ଡରେ ନେଇଥାନ୍ତି। ରିମାଣ୍ଡରେ ନେବା ପୂର୍ବରୁ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥାଏ। ହେଲେ ଏସ୍‌ଓପି ଅନୁସାରେ ଏଣିକି କୋର୍ଟରେ ହାଜର କରିବା ପୂର୍ବରୁ ସମ୍ପୃକ୍ତ ଅଭିଯୁକ୍ତଙ୍କ କରୋନା ଟେଷ୍ଟ କରାଯିବ। ଯଦି ଅଭିଯୁକ୍ତଙ୍କ ରିପୋର୍ଟ ନେଗେଟିଭ ଆସିବ ତା'ହେଲେ ତାଙ୍କୁ ରିମାଣ୍ଡରେ ନିଆଯାଇପାରିବ। ଯଦି ଏହି ପ୍ରକ୍ରିୟାରେ କୌଣସି ଅଭିଯୁକ୍ତ କରୋନା ପଜିଟିଭ୍ ଥିବା ଜଣାପଡ଼ନ୍ତି। ତା'ହେଲେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ କୋଭିଡ୍ ହସ୍ପିଟାଲ ପଠାଇ ଦିଆଯିବ। ଅଭିଯୁକ୍ତ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ତାଙ୍କୁ ଜେଲ୍‌କୁ ସ୍ଥାନାନ୍ତର କରାଯିବ। ସେହିପରି ରିମାଣ୍ଡରେ ଯାଇଥିବା ଅଭିଯୁକ୍ତମାନେ ଜେଲ୍‌କୁ ଫେରିବା ପୂର୍ବରୁ ତାଙ୍କର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ଯେଉଁମାନଙ୍କର ନେଗେଟିଭ୍ ଆସିବ, ତାଙ୍କୁ ହିଁ କେବଳ ଜେଲକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏହାପରେ ଅଭିଯୁକ୍ତଙ୍କୁ ଜେଲ୍‌ର ଆଇସୋଲେଶନ ୱାର୍ଡରେ ରଖାଯିବ।

## ସଂକ୍ଷେପରେ

### କୋଟିଆ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାନ୍ତୁ ରାଜ୍ୟ ସରକାର: ନିରଞ୍ଜନ

ଭୁବନେଶ୍ୱର,୮।୪(ବ୍ୟୁରୋ): କୋଟିଆ ପ୍ରସଙ୍ଗକୁ ନେଇ ଶାସକ ବିଜେଡି ଉପରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରବଳ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି, ଓଡ଼ିଶା ମାଟିକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ ହେବା ଏକମଭ ଦୁର୍ଭାଗ୍ୟର କଥା। ଓଡ଼ିଶା ମାଟିକୁ ପଡ଼ୋଶୀ ରାଜ୍ୟଗୁଡ଼ିକ ଧୀରେ ଧୀରେ ମାଡ଼ି ବସୁଛନ୍ତି। କିନ୍ତୁ ଆମ ସରକାର ନୀରବତା ଅବଲମ୍ବନ କରୁଛନ୍ତି। ଏହାଠାରୁ ଆଉ ଦୁଃଖଦାୟକ ଘଟଣା କ'ଣ ହୋଇପାରେ ବୋଲି ସେ କହିଛନ୍ତି। ଯେଉଁ ମହାପୁରୁଷ ଅସୀମ ତ୍ୟାଗ ସ୍ୱୀକାର କରି ଓଡ଼ିଶା ଗଠନ କରିଥିଲେ, ଆଜି ତାଙ୍କୁ ପରିହାସ କରାଯାଉଛି। ଆନ୍ଧ୍ର ସରକାର ଓଡ଼ିଶାର କୋଟିଆ ଅଞ୍ଚଳରେ ଗତ ୩ ମାସରେ ୨ ଥର ନିର୍ବାଚନ ଘୋଷଣା କରି ନିର୍ବାଚନ କରିସାରିଲେଣି। ନିର୍ବାଚନ କରିବା ପରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଉଛନ୍ତି। ଏପରିକି ନିର୍ବାଚନ ଚାଲିଥିଲା ବେଳେ ଓଡ଼ିଶା ସରକାର ୧୪୪ ଧାରା ଜାରି କଲେ, ତାକୁ ମଧ ଆନ୍ଧ୍ର ସରକାର ମାନିଲେ ନାହିଁ। ବହୁ ପୂର୍ବରୁ ସୁପ୍ରିମକୋର୍ଟ କହିଛନ୍ତି, ସୀମା ବିବାଦ ମାମଲା କୋର୍ଟର ପରିସରଭୁକ୍ତ ନୁହେଁ। ଏହା ପାର୍ଲାମେଣ୍ଟ କିମ୍ବା କେନ୍ଦ୍ର ସରକାରଙ୍କ ପରିସରଭୁକ୍ତ। ସେମାନେ ଏ ବିଷୟରେ ନିଷ୍ପତ୍ତି ନେଇପାରିବେ। କିନ୍ତୁ କେନ୍ଦ୍ର ସରକାରଙ୍କର ଓଡ଼ିଶା ପ୍ରତି ତିଳେମାତ୍ର ଦରଦ ନାହିଁ। ସେହିପରି ଓଡ଼ିଶା ସରକାର ମଧ କୌଣସି ଆନ୍ତରିକତା ଦେଖାଉନାହାନ୍ତି। ଏହାଠୁ ଲଜ୍ଜାକର ଘଟଣା କ'ଣ ହୋଇପାରେ ବୋଲି ନିରଞ୍ଜନ କହିଛନ୍ତି। ଅତୀତରେ ଯେପରି ମହାନଦୀ ପାଣିକୁ ରାଜ୍ୟ ସରକାର ବଞ୍ଚାଇପାରିଲେ ନାହିଁ, ତାହା ହରାଇବାକୁ ପଡ଼ିଲା, ବର୍ତ୍ତମାନ ମଧ ସେହିପରି ଓଡ଼ିଶା ମାଟିକୁ ହରାଇବାକୁ ବସିଲେଣି। ବିଜେଡି ସରକାର ଥରେ ମଧ ସୀମା ବିବାଦ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇଲେ ନାହିଁ। ପାର୍ଲାମେଣ୍ଟରେ ଏକଥା ଉଠାଇ ରାଜ୍ୟ ସରକାର ଓଡ଼ିଶାର ସ୍ୱାର୍ଥ ରକ୍ଷା କରନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

### ଜଳିଗଲା ୩ ବଖରା

ବ୍ରହ୍ମଗିରି, ୮।୪(ଡି.ଏନ.ଏ) : ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମାତଲାପୁର ଗାଁରେ ବୁଧବାର ରାତିରେ ଏକ ଅଗ୍ନିକାଣ୍ଡ ଘଟି ୩ ଜଣଙ୍କ ୩ ବଖରା ପୋଡିଯାଇଥିବା ବେଳେ ୨ଟି ଗାଈ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ସମସ୍ତେ ଶୋଇପଡିଥିବା ସମୟରେ ହଠାତ ମଧ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଦିବାକର ସାହୁ, ପଞ୍ଚାନନ ସାହୁ, ଭ୍ରମର ସାହୁଙ୍କ ୩ ବଖରା ସହ ଆସବାବପତ୍ର ପୋଡିଯାଇଛି। ଏହା ସହ ୨ଟି ଗାଈ ଅର୍ଦ୍ଧଦଗ୍ଧ ହୋଇ ଗୁରୁତର ହୋଇଛନ୍ତି। ଖବର ପାଇ ବ୍ରହ୍ମଗିରି ଅଗ୍ନିସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ବିଦ୍ୟୁତ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବାର ଜଣାପଡିଛି।

# ବିନା ଭକ୍ତରେ ଗଡ଼ିବ ରୁକୁଣା ରଥ



- ସେବାୟତଙ୍କ କୋଭିଡ୍ ଟେଷ୍ଟ ହେବ
- ୧୦୦ ସେବାୟତଙ୍କୁ ନେଇ ରଥଟଣା

ଭୁବନେଶ୍ୱର,(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୮।୪(ଡି.ଏନ୍.ଏ.)

ଚଳିତ ବର୍ଷ ଅଶୋକାଷ୍ଟମୀରେ ବିନା ଭକ୍ତରେ ଗଡ଼ିବ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ୧୦୦ ସେବାୟତଙ୍କୁ ନେଇ ରଥଟଣା ହେବ। ବିଧି, ପରମ୍ପରା ରକ୍ଷା କରିବାକୁ ଯାଇ ରଥଯାତ୍ରା କରାଯିବ। ରଥଯାତ୍ରାରେ ଭାଗନେବାକୁ ଥିବା ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯିବ। ଯେଉଁମାନଙ୍କ ନେଗେଟିଭ ଆସବ ସେମାନେ ରଥଯାତ୍ରାରେ ଭାଗ ନେଇପାରିବେ। ଗୁରୁବାର ବିଡିଏ କନ୍‌ଫରେନ୍ସ ହଲରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଗଣମାଧ୍ୟମକୁ ସୂଚନା ଦେଇ ଚୌଧାରୀ କହିଛନ୍ତି ଯେ, କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଭକ୍ତଙ୍କ ପ୍ରବେଶକୁ ଅନୁମତି ମିଳିନାହିଁ। ତେବେ ରଥଯାତ୍ରା ନେଇ ରାଜ୍ୟ ସରକାରଙ୍କ ତରଫରୁ କେତେକ ଗାଇଡ୍‌ଲାଇନ ଜାରି କରାଯାଇଛି। ଗାଇଡ୍‌ଲାଇନ ଅନୁସାରେ ରଥକୁ ଉକ୍ତ ଦିନ ୪ଥର ସାନିଟାଇଜ୍ କରାଯିବ। ରଥ ଉପରେ କେବଳ ସେଦିନର ସେବାଥିବା ପାଳିଆ ସେବାୟତ ତଥା ୨୦ରୁ ୨୫ଜଣ ସେବାୟତ ବସି ପାରିବେ। ରଥ ଯେଉଁଠାରେ ଅଟକିବ ସେଠାରେ ରଥ ଚାରିପଟେ ବ୍ୟାରିକେଡ୍ କରାଯିବ। ରଥ ଉପରକୁ ପାଣି ପାଉଚ ଫିଙ୍ଗାଯିବ ନାହିଁ। ରଥ ଦାଣ୍ଡରେ ଥିବା ସାହି ବାସିନ୍ଦାଙ୍କୁ ରଥ ଦାଣ୍ଡରେ ଭିଡ଼ ନ କରିବାକୁ ମନା କରାଯିବ। କୋଭିଡ୍ ଯୋଗୁ ଗତ ବର୍ଷ ରୁକୁଣା ରଥ ଯାତ୍ରା ବନ୍ଦ ଥିବାରୁ ଚଳିତ ବର୍ଷ ପରମ୍ପରା ରକ୍ଷା କରି ଏହି ଯାତ୍ରା କିପରି କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ, ସମସ୍ତ ନିଯୋଗର ସଭାପତି, ସମ୍ପାଦକ, ପୋଲିସ ଓ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ କିଛି ଦିନ ହେବ କରୋନାର ୨ୟ ଲହରି ଜାରି ରହିଥିବାରୁ ରୁକୁଣା ରଥଯାତ୍ରା ହେବା ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଏହା ସତ୍ତ୍ୱେ ରଥ ନିର୍ମାଣ କାର୍ଯ୍ୟ ଗତ ହୋଲିଠାରୁ ଆରମ୍ଭ ହୋଇଛି। ରଥଯାତ୍ରା ନେଇ ସେବାୟତ ନିଯୋଗ ପ୍ରଶାସନ ନିକଟରେ ଅନୁରୋଧ କରିଥିଲେ।

# ନୂତନ ଜ୍ଞାନକୌଶଳ ବ୍ୟବହାର କର: ମୁଖ୍ୟମନ୍ତ୍ରୀ



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ।

## ଜଳସମ୍ପଦ ବିଭାଗ ଏଇଇଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଓଡ଼ିଶାରେ ଜଳସେଚନ କ୍ଷେତ୍ର ଓ ଜଳବିଦ୍ୟୁତ୍‌ର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଆଗାମୀ ବର୍ଷଗୁଡ଼ିକରେ ଜଳସମ୍ପଦ ବିକାଶ କ୍ଷେତ୍ରରେ ସରକାର ଅଧିକ ପୁଞ୍ଜି ବିନିଯୋଗ କରିବେ। ଏ କ୍ଷେତ୍ରରେ ଇଞ୍ଜିନିୟରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଜଳସମ୍ପଦ କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରିବା ସହ ଏନେଇ ନିଜକୁ ଅପ୍‌ଡେଟ ରଖି ସର୍ବୋତ୍ତମ ଜ୍ଞାନକୌଶଳକୁ ଆପଣାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର (ଏଇଇ)ଙ୍କୁ ପରାମର୍ଶ ଦେଇଛନ୍ତି। ନବନିଯୁକ୍ତ ୨୭୫ଜଣ ଗ୍ରାଜୁଏଟ ଇଞ୍ଜିନିୟରଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ସେମାନଙ୍କ ସଫଳତା କାମନା କରିଛନ୍ତି। ଏଥିସହ ରାଜ୍ୟର ବିକାଶ ପାଇଁ କଠିନ ପରିଶ୍ରମ କରିବା ସହ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଛନ୍ତି।

ଓଡ଼ିଶା ହେଉଛି କୃଷିପ୍ରଧାନ ରାଜ୍ୟ। କୃଷି ଓ କୃଷକଙ୍କ ବିକାଶ କ୍ଷେତ୍ରରେ ଜଳସେଚନ ହେଉଛି ଏକ ପ୍ରମୁଖ ଆୟୁଧ। ଗତ କିଛି ବର୍ଷ ହେବ ରାଜ୍ୟ ସରକାର ଜଳସେଚନ କ୍ଷେତ୍ରରେ ବହୁ ପରିମାଣର ପୁଞ୍ଜି ବିନିଯୋଗ କରି ଆସୁଛନ୍ତି। ୧୦ଟି ବୃହତ୍ ଡ୍ୟାମ୍, ୫୦ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ୨୫୦୦ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକ୍ଷମ ରହିଛି। ଲୋୟର ସୁକତେଲ, ଦେଓ, କାନପୁର, ସୁବର୍ଣ୍ଣରେଖା ଭଳି ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଚାଲିଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ବିଭିନ୍ନ ସ୍ତରରେ ରହିଛି। ଜଳସେଚନ ଯୋଗୁ ଓଡ଼ିଶା ଦେଶରେ ଧାନ ଓ ଅନ୍ୟାନ୍ୟ ଶସ୍ୟର ପ୍ରମୁଖ ଉତ୍ପାଦିତ ରାଜ୍ୟରେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ୧୮୩ ପୁରୁଷ ଓ ୯୨ ମହିଳା ଏଇଇଙ୍କୁ ନିଯୁକ୍ତି ପତ୍ର ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୪୨ ସିଭିଲ ଓ ୩୩ ଜଣ ମେକାନିକାଲ ଇଞ୍ଜିନିୟର ଅଛନ୍ତି। ଏମାନଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯିବ। ସେଥିରେ ୧୫ ଦିନ ଲାଗି ଅନ୍‌ଲାଇନ ପ୍ରଶିକ୍ଷଣ ଦିଆଯିବା ସହ ୨ ମାସ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯିବ। ତୃତୀୟ ପର୍ଯ୍ୟାୟରେ ୧୫ ଦିନ ଲାଗି ୱାଲମି ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜ୍ୟର ଜଳସମ୍ପଦ ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ମନେପକାଇବା ସହ ପ୍ରତ୍ୟେକ ଜଳବିନ୍ଦୁ ଯେପରି ବିନିଯୋଗ ହୋଇପାରିବ ସେନେଇ କାର୍ଯ୍ୟ କରିବାକୁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଜଳସମ୍ପଦ ହେଉଛି ଏକ ବୃହତ୍ ଇଞ୍ଜିନିୟରିଂ ବିଭାଗ। ଜଳସମ୍ପଦ ପରିଚାଳନା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଇଞ୍ଜିନିୟରମାନଙ୍କ ସହ ଭାବବିନିମୟ କରିଥିଲେ। ଜଳସମ୍ପଦ ପରିଚାଳନା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମକୁ କିପରି ଅନୁସରଣ କରାଯିବ ସେ ନେଇ ଯୁବ ଇଞ୍ଜିନିୟରଙ୍କୁ ପରାମର୍ଶ ଦେଇଥିଲେ। ଜଳସମ୍ପଦ ବିଭାଗ ପ୍ରମୁଖ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ଧନ୍ୟବାଦ ଦେଇଥିଲେ।

# ୪.୫ କୋଟି ଠକେଇ ଅଭିଯୁକ୍ତଙ୍କୁ ଗିରଫକଲା ଇଓଡବ୍ଲ୍ୟୁ, ଜେଲ ଗଲେ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଜାଲ୍ କାଗଜପତ୍ର ବଳରେ ଖଣି ମାଲିକ ହେବାର ସ୍ୱପ୍ନ ଦେଖାଇ ୪.୫୦ କୋଟି ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁର ଅଞ୍ଚଳର ଅଲଗା ମୁଥୁ ଶଙ୍କର। ପୋଲିସ ତାଙ୍କୁ ପଚରାଉଚରା ପରେ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କର୍ନାଟକ ଗାଜିଆପୁର ଅଞ୍ଚଳର ଜଗନ୍ନାଥ ରାଓ ସାମସଙ୍ଗ ମୋବାଇଲ କମ୍ପାନୀର ସିନିୟର ରିସର୍ଚ୍ଚ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ୨୦୧୭ରେ ସାଉଥ୍ ଇଣ୍ଡିଆନ ଫିଲ୍ମରେ ଅର୍ଥ ବିନିଯୋଗ ପାଇଁ ଅନ୍‌ଲାଇନରେ ଦିଆଯାଇଥିବା ବିଜ୍ଞାପନ ଦେଖି ଜଗନ୍ନାଥ ଅଲଗା ମୁଥୁ ଶଙ୍କରଙ୍କ ସହ ଯୋଗାଯୋଗ କରିଥିଲେ। ମୁଥୁ ଶଙ୍କର ଫିଲ୍ମରେ ଟଙ୍କା ବିନିଯୋଗ କରିବା ପରିବର୍ତ୍ତେ ଓଡିଶାର ବୋରିଗୁମା ଅଞ୍ଚଳରେ ଥିବା ଏକ ଗ୍ରାନାଇଟ ଖଣି ମାଲିକାନା କରେଇଦେବାକୁ କହି ଲୋଭ ଦେଖାଇଥିଲେ। ଜଗନ୍ନାଥଙ୍କ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଖଣି କରାଇ ଦେବାର ଚୁକ୍ତି କରି ପ୍ରଥମେ ୫୦ ଲକ୍ଷ ଟଙ୍କା ନେଇଥିଲେ। ୨୦୧୭ ରେ ୮୦ ଲକ୍ଷ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରାକରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଜାଲ କାଗଜପତ୍ର ବଳରେ ମୋଟ ସାଢେ ୪ କୋଟି ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନା ଜମିର ମାଲିକନା ମିଳିଥିଲା ନା ଦେଇଥିବା ଟଙ୍କା ଫେରସ୍ତ ପାଇଥିଲେ ଜଗନ୍ନାଥ। ଶେଷରେ ସେ ଭୁବନେଶ୍ୱର ଆସି ଷ୍ଟିଲ ଆଣ୍ଡ ମାଇନିଂ କାର୍ଯ୍ୟାଳୟରେ ଖୋଳତାଡ କରିବା ପରେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଜଗନ୍ନାଥ ଗତ ୨୨ ତାରିଖରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ୫/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

# ଏସ୍‌ବିଆଇ ପକ୍ଷରୁ ଆମ୍ବୁଲାନ୍ସ ପ୍ରଦାନ




ଏସ୍‌ବିଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ସଙ୍ଗଠନକୁ ୩ ଆମ୍ବୁଲାନ୍ସ ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୮।୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଏଇ ନିକଟରେ ୩ ଟି ଆମ୍ବୁଲାନ୍ସ ଆଶ୍ରୟ, ପିପୁଲ ଫର ଆନିମାଲ ଏବଂ ଭୂମିକା ଆଇ ହସ୍ପିଟାଲ/(ଚକ୍ଷୁ ଚିକିତ୍ସାଳୟ) ଭଳି ସଂସ୍ଥାକୁ ପ୍ରଦାନ କରାଯାଇଛି। ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ରୂମା ଦେ, ଜିଏମ୍ ଏନଡବ୍ଲୁ-୧ ସି.ଏଲ.ଏନ ଚାରିୟାଲୁ, ଜିଏମ୍ ଏନଡବ୍ଲୁ-୨ ବିଜେୟ କୁଜୁର, ଡିଜିଏମ ଆଣ୍ଡ ସିଡିଓ ଅନୂପ କୁମାର ସିହ୍ନା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତରେ ଉକ୍ତ ଆମ୍ବୁଲାନ୍ସଗୁଡିକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ (ସିଏସଆର) ଆଧାରରେ ଉପରୋକ୍ତ ସଂସ୍ଥା ଗୁଡିକୁ ଏହା ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭୂମିକା ଆଇ ହସ୍ପିଟାଲ ପକ୍ଷରୁ ବିଶ୍ୱଜିତ ମହାନ୍ତି, ପିପୁଲ ଫର ଆନିମାଲ ପକ୍ଷରୁ ଜୀବନ ଦାସ ଏବଂ ଆଶ୍ରୟ ଅନୁଷ୍ଠାନରୁ ବିନାୟକ ପଲେଇ ପ୍ରମୁଖ ଯୋଗ ଦେଇ ଏସ୍‌ବିଆଇର ସିଏସଆର କାର୍ଯ୍ୟକ୍ରମ ଓ ବ୍ୟାଙ୍କର ଏଭଳି ମହତ୍ ଯୋଜନାକୁ ସେମାନେ ଭୂୟଂସୀ ପ୍ରଶଂସା କରିଥିଲେ।

# କଟକଣା ଉଲ୍ଲଂଘନ: କୋଚିଂ ସେଣ୍ଟର ସିଲ୍

**କଟକ ଅଫିସ, ୮।୪:** ସିଏମ୍‌ସି ଏନଫୋର୍ସମେଣ୍ଟ ସ୍କାଡ୍ ପକ୍ଷରୁ ଗୁରୁବାର ଲିଙ୍କରୋଡ ସ୍ଥିତ ମହେନ୍ଦ୍ରାସ୍ ଘରୋଇ କୋଚିଂ ସେଣ୍ଟରକୁ କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ସିଲ୍ କରାଯାଇଛି। ପାଠପଢା ଚାଲିଥିବାବେଳେ ହଠାତ ସ୍କାଡ୍ ପକ୍ଷରୁ ଏହି କୋଚିଂ ସେଣ୍ଟରରେ ଚଢାଉ କରାଯାଇଥିଲା। ସେହିପରି କଟକ ସହରର ବିଭିନ୍ନ ଦୋକାନ ଓ ଲୋକଙ୍କଠାରୁ ଜରିମାନା ବାବଦରେ ୨୮ ହଜାର ୫୦୦ ଟଙ୍କା ଆଦାୟ କାରାଯାଇଛି। ଦୁଇଟି ଟିମ୍ ବାଦାମବାଡ଼ି, ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, ଚୌଧୁରୀବଜାର, ମାତାମଠ ସମେତ ସହରର ବିଭିନ୍ନ ଛକରେ ଲୋକଙ୍କୁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ପାଇଁ ସଚେତନ କରାଇଥିଲେ। ବିଭିନ୍ନ ଦୋକାନ ଏବଂ ଅନୁଷ୍ଠାନରେ କରୋନା କଟକଣା ପାଳନ ହେଉଛି କି ନାହିଁ ଯାଞ୍ଚ ପାଇଁ ଚଢ଼ାଉ କରାଯାଇଥିଲା ବୋଲି ଏନଫୋର୍ସମେଣ୍ଟ ସ୍କାଡ୍ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।




କୋଚିଂ ସେଣ୍ଟର ସିଲ୍ କରାଯାଉଛି।

# ଓଡ୍ରାଫ୍‌କୁ ଶକ୍ତିଶାଳୀ, ସ୍ୱତନ୍ତ୍ର କରାଯିବ: ଜେଠୱା




ସମୀକ୍ଷା ବୈଠକରେ ଏଡିଜି (ଆଇନଶୃଙ୍ଖଳା) ଯଶୋବନ୍ତ ଜେଠୱା ଓ ଅନ୍ୟ ଅଧିକାରୀମାନେ।

କଟକ ଅଫିସ, ୮।୪

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମନ କରିବା ପାଇଁ ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳୀ ଏବଂ ସ୍ୱତନ୍ତ୍ର କରାଯିବ ବୋଲି ଗୁରୁବାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଯଶୋବନ୍ତ ଜେଠୱା କହିଛନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଓଡ୍ରାଫ୍‌ର କାର୍ଯ୍ୟକାରିତା ଏବଂ ସୁପରିଚାଳନା ସଂକ୍ରାନ୍ତୀୟ ଏକ ସମୀକ୍ଷା ବୈଠକ ଯୋଗଦେଇ ଏହା କହିଛନ୍ତି। ସେହିପରି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସ୍ୱତନ୍ତ୍ର ତାଲିମ ଏବଂ ଭିତ୍ତିଭୂମି ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ଜେଠୱା କହିଛନ୍ତି।

ସୂଚନାଯୋଗ୍ୟ ଯେ, ନିକଟରେ ରାଜ୍ୟର ବିଭିନ୍ନ ଜିଲାର ସଂରକ୍ଷିତ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଥିଲା। ଓଡ୍ରାଫ୍ ଟିମ୍‌ର ଦ୍ରୁତ ଏବଂ ଉପଯୁକ୍ତ ପଦକ୍ଷେପ ଯୋଗୁ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରାଯାଇ ପାରିଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାରେ ଓଡ୍ରାଫ୍ ଟିମ୍ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ଆଗାମୀ ଦିନରେ ସେହିଭଳି ବିପର୍ଯ୍ୟୟକୁ ଆହୁରି ଦକ୍ଷତା ଏବଂ ସୁଚାରୁରୂପେ ମୁକାବିଲା କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଓଡ୍ରାଫ୍‌ରେ କାର୍ଯ୍ୟରତ କର୍ମଚାରୀ, ଅଧିକ ତାଲିମର ଆବଶ୍ୟକତା ଏବଂ ଆବଶ୍ୟକ ଭିତ୍ତିଭୂମି ସଂକ୍ରାନ୍ତରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ରାଜ୍ୟର ବିଭିନ୍ନ ୟୁନିଟ୍‌ର କମାଣ୍ଡରମାନେ ଭିଡିଓ କନଫରେନ୍ସ ଜରିଆରେ ଯୋଗ ଦେଇଥିଲେ।

# ୧୫ରୁ ମାପ ଓଜନ ବିଭାଗର ସ୍ୱତନ୍ତ୍ର ଚଢ଼ାଉ

ଭୁବନେଶ୍ୱର, ୮।୪(ବ୍ୟୁରୋ)




**କର୍ମଚାରୀ ଅଭାବରୁ ରାଜସ୍ୱ ଆଦାୟରେ ବାଧା**

- ୨୦-୨୧ରେ ୧୪ କୋଟି ୧୪ ଲକ୍ଷ ରାଜସ୍ୱ ଆଦାୟ
- ୧୪ ସହକାରୀ ନିୟନ୍ତ୍ରକ,୩୬ ନିରୀକ୍ଷକ ପଦବୀ ଖାଲି

ବିଧାନସଭା ଅଧିବେଶନରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେତେକ ସୁନା ଦୋକାନରେ ମାପ ଓଜନରେ ଠକେଇ ହେଉଥିବା ସୂଚନା ଦେଇଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଛନକା ପଶିଥିବାବେଳେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖରୁ ରାଜ୍ୟର ସମସ୍ତ ସୁନା ଦୋକାନରେ ମାପ ଓଜନର ଯାଞ୍ଚ କଡାକଡି କରାଯିବ। ସେହିପରି ପେଟ୍ରୋଲ ପମ୍ପ, ଧର୍ମକଣ୍ଟା, ତେଜରାତି, ମାଛ, ମାଂସ, ପରିବା ଆଦି ଦୋକାନରେ ମଧ ମାପ ଓଜନର ଯାଞ୍ଚ କରାଯିବ ବୋଲି ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ତରଫରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ବିଭାଗୀୟ ନିୟନ୍ତ୍ରକ ସତ୍ୟନାରାୟଣ ଦାଶଙ୍କ ସୂଚନାନୁସାରେ, ଯାଞ୍ଚ, ଜରିମାନା ଓ ଅନ୍ୟ ମାଧ୍ୟମରୁ ରାଜସ୍ୱ ଆସୁଛି। ୨୦୨୦-୨୧ରେ ନିର୍ଦ୍ଦେଶାଳୟ ମୋଟ ୧୪ କୋଟି ୧୪ ଲକ୍ଷ ଟଙ୍କାର ରାଜସ୍ୱ ପାଇଛି। ୧,୬୨, ୩୯୭ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ୧୩ କୋଟି ୪ ଲକ୍ଷ ୪ହଜାର ୫୭୩ ଟଙ୍କା ଆଦାୟ ହୋଇଥିଲା। ସେହିପରି ଚଢାଉବେଳେ ୪୨୮୩ଟି ଘଟଣାରେ ଅନିୟମିତତା ଧରାପଡିଥିବାବେଳେ ଜରିମାନା ବାବଦକୁ ୧ କୋଟି ୧୦ ଲକ୍ଷ ୮୩ ହଜାର ୮୦୦ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଜୁଏଲେରୀ ପ୍ରତିଷ୍ଠାନ ଉପରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ମାପ ଓଜନ ଆଇନର ବିଭିନ୍ନ ଧାରାରେ ପ୍ରତିବର୍ଷ ସମୟ ଅନୁଯାୟୀ ମାପ ଓଜନ ଯନ୍ତ୍ରପାତିଗୁଡିକର ନବୀକରଣ କରିବା ପାଇଁ ନିୟମ ରହିଛି। କିନ୍ତୁ କେତେଜଣ ବ୍ୟବସାୟୀ ଲାଭଖୋର ମନୋଭାବ ଯୋଗୁ ଏହା ନ କରି ଗ୍ରାହକଙ୍କୁ ଠକିଥାନ୍ତି। ଏନେଇ ଗତବର୍ଷ ଜୟପୁରରେ ଗୋଟିଏ, ସମ୍ବଲପୁରରେ ଗୋଟିଏ ଓ ଭୁବନେଶ୍ୱର ମୁଖ୍ୟାଳୟରେ ୩ଟି ସ୍କାଡ୍ ଗଠନ କରାଯାଇ ଚଢାଉ କରାଯାଇଥିଲା। ସେହିପରି ୧୯-୨୦ରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ୧୩ କୋଟି ୪୪ ଲକ୍ଷ ୪୯ ହଜାର ୪୧୧ ଟଙ୍କା ଓ ଜରିମାନା ବାବଦରୁ ୨କୋଟି ୨୦ ଲକ୍ଷ ରାଜସ୍ୱ ଆଦାୟ କରାଯାଇଥିଲା। ତେବେ ବିଭାଗରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଚଢ଼ାଉ ଓ ରାଜସ୍ୱ ଆଦାୟରେ ସମସ୍ୟା ଉପୁଜୁଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୧ଟି ସହକାରୀ ନିୟନ୍ତ୍ରକ ପଦବୀ ରହିଥିବାବେଳେ ୧୪ ଖାଲିପଡିଛି। ସେହିପରି ସମୁଦାୟ ୮୭ ନିରୀକ୍ଷକ ପଦବୀ ମଧ୍ୟରୁ ୫୧ଜଣ କାର୍ଯ୍ୟ କରୁଥିବାବେଳେ ୩୬ଟି ପଦବୀ ଖାଲିପଡିଛି। ଫଳରେ ଯେଉଁ ମାତ୍ରାରେ ରାଜସ୍ୱ ଆଦାୟ ହେବା କଥା, ତାହା ହୋଇପାରୁନାହିଁ ବୋଲି ଦାଶ କହିଛନ୍ତି।

## ସଂକ୍ଷେପରେ

### କୋଲ୍ ଇଣ୍ଡିଆର ରେକର୍ଡ ପୁଞ୍ଜି ଖର୍ଚ୍ଚ

ନୂଆଦିଲ୍ଲୀ, ୮।୪: ଆର୍ଥିକ ବର୍ଷ ୨୦୨୦-୨୧ରେ କୋଲ୍ ଇଣ୍ଡିଆ ୧୩,୧୧୫ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରିଛି। ଏହା ୨ ଗୁଣ ବଢ଼ି ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ଏହି ଅବଧିରେ ୧୦ ହଜାର କୋଟି ଟଙ୍କା ପୁଞ୍ଜି ଖର୍ଚ୍ଚ କରିବା ଲାଗି କୋଲ୍ ଇଣ୍ଡିଆ ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ୬୨୭୦ କୋଟି ଟଙ୍କା ପୁଞ୍ଜି ଖର୍ଚ୍ଚ କରିଥିଲା।

### ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ପ୍ରବନ୍ଧକ



ବାଲେଶ୍ୱର,୮।୪: ୟୁକୋ ବ୍ୟାଙ୍କ ବାଲେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ପ୍ରବନ୍ଧକ ଭାବେ ବ୍ୟାଙ୍କ ଉପ-ମହାପ୍ରବନ୍ଧକ ଲଲାଟେନ୍ଦୁ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରାଜ୍ୟରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଦାୟିତ୍ୱରେ ମଧ୍ୟ ରହିଥିଲେ। ୧୯୮୪ ମସିହାରେ ସେ ୟୁକୋ ବ୍ୟାଙ୍କରେ ଯୋଗଦେଇ ପଶ୍ଚିମବଙ୍ଗ ଓ ଓଡିଶାର ବିଭିନ୍ନ ସ୍ଥାନରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ତାଙ୍କର ମୋଟ ୩୭ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଶାଖା ସ୍ତରରେ ପ୍ରାୟ ୩୩ ବର୍ଷ କାର୍ଯ୍ୟ କରିଛନ୍ତି। ୨୦୧୮ ମସିହାରେ ସେ ସହାୟକ ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଥିଲେ ଏବଂ ନିକଟରେ ସେ ଉପ-ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଛନ୍ତି।

# ପାସେଞ୍ଜର ଯାନ ବିକ୍ରି ୨୮% ବଢ଼ିଲା

ନୂଆଦିଲ୍ଲୀ, ୮।୪



ଚଳିତ ବର୍ଷ ମାର୍ଚ୍ଚରେ ଦେଶ ମଧ୍ୟରେ ପାସେଞ୍ଜର ଯାନ ବିକ୍ରି ୨୮.୩୯% ବଢ଼ି ୨.୭୯ ଲକ୍ଷ ୟୁନିଟ ଟପିଛି। ଗତ ବର୍ଷ କରୋନାଜନିତ ଲକ୍‌ଡାଉନ ଲାଗି ବଜାର ପ୍ରଭାବିତ ହୋଇଥିଲା। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ(ଫାଡା) ସୂଚନା ମୁତାବକ, ୨୦୨୦ ମାର୍ଚ୍ଚରେ ୧.୧୭ ଲକ୍ଷ ୟୁନିଟ ପାସେଞ୍ଜର ଯାନ ବିକ୍ରି ହୋଇଥିଲା। ୨୦୨୧ ମାର୍ଚ୍ଚରେ ତିନିଚକିଆ ଯାନ ବିକ୍ରି ୩୫.୨୬% ହ୍ରାସ ପାଇ ୧୧.୯୫ ଲକ୍ଷ ୟୁନିଟ ରହିଛି। ଗତ ବର୍ଷ ମାର୍ଚ୍ଚରେ ଏହି ବର୍ଗରେ ୧୮.୪୬ ଲକ୍ଷ ୟୁନିଟ ଥିଲା। ଏହାବାଦ ବାଣିଜ୍ୟିକ ଯାନ ବିକ୍ରି ୪୨.୨% ହ୍ରାସ ହୋଇ ୬୭,୩୭୨ ୟୁନିଟକୁ ଖସି ଆସିଛି। ଏହା ଗୋଟିଏ ବର୍ଷ ତଳେ ୧.୧୬ ଲକ୍ଷ ୟୁନିଟ ଥିଲା।

୩ ଚକିଆ ଯାନ ବର୍ଗରେ ବିକ୍ରି ସର୍ବାଧିକ ୫୦.୭୨% କମିଛି। ଗତ ମାସରେ ଏହି ବର୍ଗରେ ୩୮,୦୩୪ ୟୁନିଟ ଯାନ ବିକ୍ରି ହୋଇଥିଲା। ଗୋଟିଏ ବର୍ଷ ତଳେ ଏହି ବର୍ଗରେ ବିକ୍ରି ୭୭,୧୭୩ ୟୁନିଟ ଥିଲା। ଏହି ସମୟରେ ଟ୍ରାକ୍ଟର ବିକ୍ରି ୨୯.୨୧% ବଢ଼ିଥିବା ନଜରକୁ ଆସିଛି। ମାର୍ଚ୍ଚରେ ୬୯,୦୮୨ ୟୁନିଟ ଟ୍ରାକ୍ଟର ବିକ୍ରି ହୋଇଥିବା ବେଳେ ଏହା ଗତ ବର୍ଷ ସମାନ ମାସରେ ୫୩,୪୬୩ ୟୁନିଟ ଥିଲା। ଗତ ମାସରେ ବିଭିନ୍ନ ବର୍ଗରେ ମୋଟ ଯାନ ପଞ୍ଜୀକରଣ ୨୮.୬୪% ହ୍ରାସ ପାଇ ୧୬.୪୯ ଲକ୍ଷ ୟୁନିଟ ରହିଛି। ଏହା ଗୋଟିଏ ବର୍ଷ ତଳେ ୨୩.୧୧ ଲକ୍ଷ ୟୁନିଟ ଥିଲା।

ରିପୋର୍ଟ ମୁତାବକ, ପାସେଞ୍ଜର ଯାନ ବର୍ଗରେ ୱେଟିଂ ପିରିୟଡ୍ ପ୍ରାୟ ୭ ମାସକୁ ବଢ଼ିଛି। ସେମି କଣ୍ଡକ୍ଟର ଅଭାବ ରହିବା ଯୋଗୁ ଏହାର ପ୍ରଭାବ ଅଟୋମୋବାଇଲ ଶିଳ୍ପ ଉପରେ ପଡ଼ିଛି। ଯୋଗାଣ ପ୍ରଭାବିତ ହେବାରୁ ବିକ୍ରି ୨୦% ଖସିଥିବା ୪୭% ଡିଲର ମତ ପ୍ରକାଶ କରିଛନ୍ତି। ଗତ କିଛି ମାସ ହେବ ଘରୋଇ ବଜାରରେ ଯାନ ବିକ୍ରି ଟ୍ରାକ୍‌କୁ ଫେରୁଛି। କୋଭିଡ୍‌ର ଦ୍ୱିତୀୟ ଲହର ଅନୁଭୂତ ହେଉଥିବାରୁ ଏହି ଧାରା ପ୍ରଭାବିତ ହେବା ଆଶଙ୍କା ଉପୁଜିଛି।

# ଓଡ଼ିଶା ଫୁଟ୍‌ୱେର ଟ୍ରେଡର୍ସ ଆସୋସିଏଶନର ବୈଠକ




ଭୁବନେଶ୍ୱର, ୮।୪

ଓଡ଼ିଶା ଫୁଟ୍‌ୱେର ଟ୍ରେଡର୍ସ ଆସୋସିଏଶନ ସଦସ୍ୟଙ୍କ ଏକ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୫ ଟ୍ରେଡର୍ସ ଯୋଗଦେଇଥିଲେ। ରାଜ୍ୟ ମଧ୍ୟରେ ସଂଘର କାର୍ଯ୍ୟକ୍ରମକୁ ଆହୁରି ସଙ୍ଗଠିତ କରିବା, ବାଣିଜ୍ୟିକ ଅଭିବୃଦ୍ଧି ଉପରେ ସଦସ୍ୟମାନେ କାର୍ଯ୍ୟ କରିବେ ବୋଲି ସହମତି ପ୍ରକାଶ ପାଇଛି। ଗତ ମାସରେ ସଂଘର ଏକ ପ୍ରାକ୍ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ବିକ୍ରି ଦ୍ୱାରା ଟ୍ରେଡର୍ସଙ୍କୁ କ୍ଷତି ସହିବାକୁ ପଡୁଥିବାରୁ ଏହା ବିରୋଧରେ ଲଢ଼େଇ ଜାରି ରଖିବାକୁ ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବେ। ରାଜ୍ୟରେ ବାଣିଜ୍ୟିକ ସ୍ଥିତି ବଢ଼ାଇବା ସହ ଭଲ କାରବାର ଦ୍ୱାରା ଜିଏସ୍‌ଟି ପ୍ରଦାନକୁ ମଧ୍ୟ ଉନ୍ନତ କରିବା ଦିଗରେ ମଧ୍ୟ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ସଂଘର ଉପସଭାପତି ସଞ୍ଜୟ ଲୋହିଆ କହିଛନ୍ତି, ଅନ୍‌ଲାଇନ ବିକ୍ରି ବ୍ୟବସାୟକୁ ପ୍ରଭାବିତ କରୁଛି। ସେହି ପ୍ଲାଟ୍‌ଫର୍ମଗୁଡିକରେ ଖାମଖିଆଲି ନୀତି ଦ୍ୱାରା ରାଜ୍ୟରେ ଫୁଟ୍‌ୱେର ଟ୍ରେଡର୍ସମାନେ ସମସ୍ୟା ସାମ୍ନା କରୁଛନ୍ତି। ମିଳିତ ହୋଇ ଏହା ବିରୋଧରେ ଲଢ଼େଇ ଜାରି ରଖିବାକୁ ସଦସ୍ୟମାନେ ଆଗେଇ ଆସିଛନ୍ତି। କାର୍ଯ୍ୟକ୍ରମରେ ସଂଘର ସଭାପତି ଓମ୍ ପ୍ରକାଶ ତୁଲସିଆନ, ଉପସଭାପତି ବିରେନ୍ଦ୍ର ଜୈନ, ସମ୍ପାଦକ ଅବଦୁଲ ରଜାକ ମେନନ, ଯୁଗ୍ମ ସମ୍ପାଦକ ବିଜେନ୍ଦ୍ର ତିୱାରୀ, ମହମ୍ମଦ ନିଜାମୁଦ୍ଦିନ ଏବଂ ଟ୍ରେଜେରର କମଲ୍ ମଖିଜା ପ୍ରମୁଖ ଉପସ୍ଥିତ ଥିଲେ।

# ଇରାନ ତେଲ କ୍ରୟ ଉପରେ ବିଚାର ହେବ

ନୂଆଦିଲ୍ଲୀ, ୮।୪

ଆଗାମୀ ଦିନରେ ଇରାନରୁ ତେଲ କିଣିବା ଉପରେ ଭାରତ ପୁଣି ଥରେ ବିଚାର କରିପାରେ। ସେହି ଦେଶରୁ ତେଲ କ୍ରୟ ନେଇ ଆମେରିକା ଲଗାଇଥିବା କଟକଣା କୋହଳ ହେଲେ ଭାରତ ଏ ଦିଗରେ ଚିନ୍ତା କରିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୯ ମଧ୍ୟଭାଗରେ ଭାରତ ଇରାନ ତେଲ କିଣିବା ବନ୍ଦ କରିଛି। ଟ୍ରମ୍ପ ପ୍ରଶାସନ ଏହି ଦେଶ ଉପରେ କଟକଣା ଲଗାଇବାକୁ ଭାରତ ଏଭଳି ପଦକ୍ଷେପ ନେଇଥିଲା। ଇରାନ ସହ ଆଣବିକ ଚୁକ୍ତି ସମ୍ପର୍କିତ ପ୍ରସଙ୍ଗ ନେଇ ବିଭିନ୍ନ ଦିଗରେ ଆମେରିକା ଏବଂ ଅନ୍ୟ ଦେଶ ଭିଏନାଠାରେ ଆଲୋଚନା କରିଥିଲେ। କଟକଣା କୋହଳ ହେଲେ ତେଲ ଆମଦାନୀକୁ ପୁଣି ଥରେ କାର୍ଯ୍ୟକାରୀ କରାଇବାକୁ ଯୋଜନା ରଖାଯାଇଛି ବୋଲି ଅଧିକାରୀ ଜଣକ କହିଛନ୍ତି। ଏ ନେଇ ବର୍ତ୍ତମାନ ଭାରତୀୟ ରିଫାଇନେରିଗୁଡିକ ପ୍ରସ୍ତୁତି ଆରମ୍ଭ ମଧ୍ୟ କଲେଣି। କଟକଣା ଉଠିଲେ କମ୍ପାନୀ ପୁଣିଥରେ ବିଭିନ୍ନ ଚୁକ୍ତିରେ ସାମିଲ ହେବେ। ଇରାନରୁ ତେଲ ଭାରତକୁ ଆସିବା ଆରମ୍ଭ ହେଲେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ହ୍ରାସ ହେବା ସମ୍ଭାବନା ରହିଥିବା କୁହାଯାଉଛି।

ସେହିଭଳି ଭାରତ ଏହାର ତୈଳ ଆମଦାନୀ ବାସ୍କେଟକୁ ବିସ୍ତୃତୀକରଣ କରିବା ଦିଗରେ ମଧ୍ୟ ବିଚାର କରୁଛି। ୨୦୨୦-୨୧ ଅବଧିରେ ଭାରତକୁ ତେଲ ଯୋଗାଣରେ ଇରାକ ପ୍ରଥମ ସ୍ଥାନରେ ରହିଛି। ଏହା ପରେ ପରେ ସାଉଦି ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଚତୁର୍ଥରେ ନାଇଜେରିଆ ଏବଂ ପଞ୍ଚମରେ ଆମେରିକା ରହିଛି। ବର୍ତ୍ତମାନ ତେଲ ଉତ୍ପାଦନକାରୀ ଦେଶଗୁଡ଼ିକ ଉତ୍ପାଦନରେ କାଟ କରୁଛନ୍ତି। ଉତ୍ପାଦନ ବଢ଼ାଇବା ଲାଗି ଦେଶଗୁଡିକୁ ଭାରତ ପୂର୍ବରୁ ନିବେଦନ କରିଛି। ତେଲ ଦର ଉଚ୍ଚରେ ରହିଲେ ଏହା ଭାରତ ତଥା ବିଶ୍ୱର ଅଭିବୃଦ୍ଧିକୁ ଟ୍ରାକ୍‌କୁ ଆଣିବାରେ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ଅଧିକାରୀ ଜଣକ କହିଛନ୍ତି, ଅଶୋଧିତ ତେଲ ଏକ ନିର୍ଦ୍ଧାରିତ ସ୍ଥିତିରେ ଥିବା ବେଳେ ଉତ୍ପାଦନ ବଢ଼ାଇବା ନେଇ ଭାରତ କେବେ କହିନାହିଁ। ମାତ୍ର ଏକ ନିର୍ଦ୍ଦିଷ୍ଟ ସ୍ତରରୁ ଦର ବଢ଼ିଲେ ଏହି ଆଶଙ୍କା ସୃଷ୍ଟି କରୁଛି। ମୂଲ୍ୟ ଏଭଳି ହେବା ଉଚିତ ଯାହା ଉତ୍ପାଦକ ଏବଂ ବ୍ୟବହାରକାରୀଙ୍କ ଲାଗି ଠିକ୍ ହେବ ବୋଲି ଅଧିକାରୀ କହିଛନ୍ତି। ଇରାନରୁ ତେଲ କ୍ରୟରେ ଭାରତ ଚାଇନା ପରେ ଦ୍ୱିତୀୟ ସ୍ଥାନରେ ରହିଛି।

# ଯାନ ସ୍କ୍ରାପିଂ ଲାଗି ରେନୋର ପଦକ୍ଷେପ

ନୂଆଦିଲ୍ଲୀ,୮।୪



ରେନୋ ଇଣ୍ଡିଆ ଏବଂ ସେରୋ ରିସାଇକ୍ଲିଂ ଚୁକ୍ତିରେ ସାମିଲ ହୋଇଛନ୍ତି। ସରକାର ଘୋଷଣା କରିଥିବା ନୂଆ ସ୍କ୍ରାପେଜ ନୀତିକୁ ସହଯୋଗ କରିବାରେ ଏହା ସହାୟକ ହୋଇପାରିବ। ସ୍କ୍ରାପିଂ ଧାରାକୁ ନିରନ୍ତର କରିବା ଏବଂ ଗ୍ରାହକଙ୍କ ଯାନର ସ୍କ୍ରାପ୍ କରାଇବା କ୍ଷେତ୍ରରେ ଉପଲବ୍ଧ ଥିବା ସୁବିଧା ପ୍ରଦାନ ଲାଗି ଆର୍‌ଇଏଲ୍‌ଆଇଭିଇ କାର୍ଯ୍ୟକ୍ରମ ହାତକୁ ନେଇଛି। ଉଲ୍ଲେଖଯୋଗ୍ୟ, ସେରୋ ରିସାଇକ୍ଲିଂ, ମହିନ୍ଦ୍ରା ଇଣ୍ଟରଟ୍ରେଡ ଲିମିଟେଡ୍ ଏବଂ ଭାରତ ସରକାରଙ୍କ ଏଣ୍ଟରପ୍ରାଇଜ ଏମ୍‌ଏସ୍‌ଟିସି ମଧ୍ୟରେ ଏକ ଯୌଥ ଉଦ୍ୟୋଗ। ବର୍ତ୍ତମାନ ରେନୋ ଇଣ୍ଡିଆ ଏହାର ନୂଆ କାର୍ଯ୍ୟକ୍ରମକୁ ଦିଲ୍ଲୀ ଏବଂ ଏନ୍‌ସିଆର୍, ଚେନ୍ନାଇ, ମୁମ୍ବାଇ, ପୁଣେ ଏବଂ ବେଙ୍ଗାଲୁର ଭଳି ୬ଟି ସ୍ଥାନରେ ଆରମ୍ଭ କରିଛି। ଆଗ୍ରହୀ ଗ୍ରାହକ ଏହି ଯୋଜନାର ଲାଭ ଉଠାଇବାକୁ କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ସେହିଭଳି କମ୍ପାନୀ ମଧ୍ୟ ଗ୍ରାହକଙ୍କୁ କିଛି ରିହାତି ସୁବିଧା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ ରେନୋ ଇଣ୍ଡିଆର ସିଇଓ ଭେଙ୍କଟରାମ ମାମିଲାପାଲେ କହିଛନ୍ତି, ଉନ୍ନତ ଟେକ୍ନୋଲୋଜି ଗ୍ରହଣ, ସୁରକ୍ଷିତ ଏବଂ ସବୁଜ ଯାନ ଦିଗରେ ସରକାରଙ୍କ ନୂଆ ସ୍କ୍ରାପେଜ ନୀତି ସହାୟକ ହୋଇପାରିବ।

# ଏଚ୍‌ପିର ନୂଆ କ୍ରୋମ୍‌ବୁକ୍

ଭୁବନେଶ୍ୱର,୮।୪

ଏଚ୍‌ପି ଭାରତରେ ଏହାର ନୂତନ କ୍ରୋମ୍‌ବୁକ୍‌ର ଉପଲବ୍ଧତା ସମ୍ପର୍କରେ ଘୋଷଣା କରିଛି । ମିଡିଆଟେକ୍ ଏମ୍‌ଟି ୮୧୮୩ ଅକ୍ଟାକୋର ପ୍ରୋସେସର ଦ୍ୱାରା ପରିଚାଳିତ ନୂଆ ଏଚ୍‌ପି କ୍ରୋମ୍‌ବୁକ୍ ୧୧ଏ ନୋଟ୍‌ବୁକ୍ ଡିଜିଟାଲ ସୁଗମତାକୁ ଛାତ୍ରୀଛାତ୍ରଙ୍କ ହାତପାହାନ୍ତାକୁ ନେଇଆସିଛି। ଏହାଦ୍ୱାରା ସେମାନେ ଇଣ୍ଟରାକ୍ଟିଭ ଏବଂ ବ୍ୟକ୍ତିଗତ ଶିକ୍ଷଣରେ ଅଂଶଗ୍ରହଣ କରିପାରିବେ । ୧୧.୬ ଇଞ୍ଚ ଏଚ୍‌ଡି ଟଚ୍ ଡିସ୍‌ପ୍ଲେ ସୁବିଧା ଥିବା ଏହି କନ୍‌ଭର୍ଟିବଲ କ୍ରୋମ୍‌ବୁକ୍‌ର ବହୁମୁଖୀ ଫର୍ମ ଫ୍ୟାକ୍ଟର ଦ୍ୱାରା ଏହାକୁ ବିଶେଷକରି ଦ୍ୱିତୀୟରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ବେଶ୍ ପସନ୍ଦ କରୁଛନ୍ତି। ଏଚ୍‌ପି କ୍ରୋମ୍‌ବୁକ୍ ୧୧ଏ ଗୁଗଲ ୱାନ୍ ସହିତ ଆସୁଛି। ଯାହା ୧୦୦ଜିବି କ୍ଲାଉଡ ଷ୍ଟୋରେଜ, ଏକ ବର୍ଷ ପାଇଁ ଗୁଗଲ ଏକ୍ସପର୍ଟଙ୍କ ପହଞ୍ଚ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ମେମ୍ବର ଫାଇଦା ପ୍ରଦାନ କରିଥାଏ। ବର୍ତ୍ତମାନ ଫ୍ଲିପ୍‌କାର୍ଟରେ ମାତ୍ର ୨୧,୯୯୯ ଟଙ୍କାର ଏକ ପ୍ରାରମ୍ଭିକ ମୂଲ୍ୟରେ ଏହା ଉପଲବ୍ଧ ହେଉଛି।


## ତହସିଲ କାର୍ଯ୍ୟାଳୟ, ପୁଇଁନ୍ତଲା

ବିଜ୍ଞାପନ ସଂଖ୍ୟା: ୭୭୫ ତା.୬।୪।୨୦୨୧

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No. F-07: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପୁଇଁନ୍ତଲା ତହସିଲ ଅଧୀନରେ ଥିବା ୧(ଏକ) ଗୋଟି ସୈରାତ ଉତ୍ସର ଚଳିତ ୨୧-୨୨ବର୍ଷଠାରୁ ୫ (ପାଞ୍ଚ) ବର୍ଷୀୟା ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ଏହି ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍ **http://www.balangir.nic.in**ରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଓ ତତ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ସ୍ୱା./- ତହସିଲଦାର, ପୁଇଁନ୍ତଲା
OIPR-24186/11/0001/2122

## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No.: AIIMS/BBSR/Engg./ 596/ NIT-035/ 2020-21 Dated : 08th April 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Barricading Pedestrian Footpath with Structural Steel Material of Hospital Campus, AIIMS, Bhubaneswar** (NIT No. : AIIMS/BBSR/Engg/ 035 /2020-21). The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar

## OFFICE OF THE KHORDHA MUNICIPALITY, KHORDHA

Email- khurda_municipality@yahoo.co.in

**"e" Procurement Notice**

No.1200 Date 07.04.2021

**Tender Reference No. KMPLTY/1/2021-22**

No.C-37:- The tender bid documents consisting of cost of tender papers, EMD, time of completion, set of terms and conditions of contract and other necessary documents can be seen in the 'e' procurement portal http://www.tenderodisha.gov.in.

Name of the work: Construction works as mentioned in website

1. Total No. of works : 1 (One)
2. Period of completon : 6 (Six calendar months)
3. Date of availability of bid documents in web portal : 08.04.2021 at 10.00 hours
4. Last date / time for receipt of bid in web portal : 22.04.2021 upto 17.00 hours
5. Date of opening of technical bid : 26.04.2021 at 10.00 hours
6. Name and address of the officer inviting bid : Executive Officer, Khordha Municipality

Further details can be seen from the 'e' Procurement portal https://www.tendersodisha.gov.in. Any addendum/corrigendum/ cancellation of tender can be seen in the website mentioned above.

**Sd./- Executive Officer, Khordha Municipality**
OIPR-13082/11/0001/2122

## OFFICE OF THE NOTIFIED AREA COUNCIL, KHARIAR

AT/P.O.- KHARIAR, Dist.-NUAPADA, PIN-766107
OFFICE PH.NO.-06671-224294, e-mail- khariarn.hud@ori.nic.in

**"e"-Procurement Notice**
**Tender Call Notice No. 933/Dt.07.04.2021**

No.C-36:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersorissa.gov.in.

| | | | |
|---|---|---|---|
| 1. | Nature of work | : | Civil construction works as mentioned in website |
| 2. | Estimated cost | : | 2.64 lakhs to 10.00 lakhs |
| 3. | Period of completion | : | As per DTCN |
| 4. | Date and time of availability of the documents in the portal | : | 10.00 A.M. of dt.08.04.2021 to 5.30 P.M. of dt.17.04.2021 |
| 5. | Last date / time for receipt of bids in the portal | : | Upto 5.30 P.M. of dt.17.04.2021 |
| 6. | Offline submission of bid | : | 07.00 A.M. of dt.19.04.2021 to 1.00 P.M. of 22.04.2021 |
| 7. | Date of opening of bid | : | 11.00 A.M. of dt.23.04.2021 |
| 8. | Name and address of the officer inviting bid | : | Executive Officer, Khariar NAC, District- Nuapada |

Further, the details can be seen from the "e"- procurement Portal: www.tendersorissa.gov.in.

**Sd./- Executive Officer, Notified Area Council, Khariar**
OIPR-13136/11/0001/2122

## DISTRICT PROJECT OFFICE (SAMAGRA SHIKSHA), NABARANGPUR

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

E-mail: dpcnawrangssa.opepa@nic.in, Ph.: (06858) 222568 (Off)

No. 171/GE/21 **CORRIGENDUM** Date: 08.04.2021

In Continuance to this office Advertisement No. 1123 dated 05.04.2021 for engagement of Warden (Female), Head Cook (Female) and Asst. Cook (Female) under Samagra Shiksha, Nabarangpur, the website viz. may be read as **www.osepa.in** instead of **www.opepa.in** and the age limit mentioned in advertisement for the Post of Warden (Female) may be read as "Age - 30 to 60 years" instead of "Age - 40 to 60 years".

**Sd./- District Project Coordinator, RTE-SS, Nabarangpur**

Annexure - II

## OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)

**Phone: 9438200060, District Website: sundergarh.nic.in**

**Tender No. 1377** **Dt.07.04.2021**

District Manager, Odisha State Civil Supplies Corporation Ltd., Sundargarh (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Re-tender for Selection and appointment of Level-I Transport Contractor for Transportation of Food Grains from FSD, FCI to RRCs in the district. |
| 2 | Availability of bid document in the portal | From 08.04.2021 (Date) |
| 3 | Last Date/time for receipt of bids in the portal | Dt.29.04.2021 upto 05.30 (P.M.) |
| 4 | Date/Time of Opening of Technical Bid | Dt.30.04.2021 at 10.30 (A.M.) |
| 5 | Name and address of the Officer Inviting Tender | O/o. CSO-cum-District Manager, OSCSC Ltd., Sundargarh District |

Tender documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Sundargarh**




No. CAD-60

## TENDER CALL NOTICE

1. For and on behalf of Govt. of Odisha the undersigned invites sealed tenders in duplicate superscribing the tender notice No. & Date from reputed firms having valid H.T. Electrical Licence issued by ELBO, Bhubaneswar under **"Biju Gram Jyoti Yojana (BGJY) in different Block areas under Kandhamal District for Construction, Replacement and Up-gradation Electrification works"** as mentioned in the tender schedule on turnkey contract basis.
2. The Detailed Tender Call Notice and Tender Document can be seen and downloaded at **www.kandhamal.nic.in**.
3. The authority reserves the right to reject any or all the bids without assigning any reason thereof.

By Orders of the Collector, Kandhamal
**Project Director, DRDA, Kandhamal**
OIPR-19086/11/0001/2122

## GOVERNMENT OF ODISHA
## OFFICE OF THE ENGINEER-IN-CHIEF RURAL WORKS, ODISHA, BHUBANESWAR

No. O-19

(E-mail address: cerw_bbsr@yahoo.com)

Lr. No. 11016 Dt.05.04.2021

**"e" Procurement Notice for Bridge Work in Odisha**
**(Online - 01 (Bridge)/2021-22 Dt.05.04.2021)**

1. Name of the Work : Construction of Bridge Work (Balance Work)
2. Total No. of Works : 01 (One) No.
3. Estimated Cost : Rs.1636.00 lakh
4. Class of Contractor : Super Class
5. Period of Completion : 24 (Twenty Four) Calendar Months
6. Other Details :

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer (Buildings), Rural Works, Odisha, Bhubaneswar | Online - 01 (Bridge)/ 2021-22 | 01 (One) No. | 15.04.2021 at 11.00 A.M. | 06.05.2021 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**.

**Chief Engineer (Buildings)**
**Rural Works, Odisha, Bhubaneswar**
OIPR-25123/11/0001/2122

## କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

No.CAD-09:-ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର), ସେକ୍ଟର-11ରେ ପ୍ଲଟ୍ ନଂ.-11-2C/1071ଟିକୁ ଶ୍ରୀ ବ୍ରତ କଲ୍ୟାଣ ମହାନ୍ତି, ପିତା ୰ବସନ୍ତ କୁମାର ମହାନ୍ତି, ସା.-ଗୁହାରିଆ ସାହି, ପୋ./ଥା.- ସୋରୋ, ଜିଲ୍ଲା- ବାଲେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବ୍ରତ କଲ୍ୟାଣ ମହାନ୍ତି ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଗୌରୀ ଶଙ୍କର ମିଶ୍ର, ପିତା- କାଳୀ ଚରଣ ମିଶ୍ର, ସା.- ସୁକୁଡା, ପୋ.- ଲାଠି, ଥା.- ବରହମପୁର ସଦର, ଜିଲ୍ଲା- ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ
OIPR-13037/11/0003/2122

## GOVERNMENT OF ODISHA
## ODIA LANGUAGE, LITERATURE & CULTURE DEPARTMENT

No. 2482/OLLCD Dated: 8.4.2021

**TENDER CALL NOTICE**

No. RR-01: Sealed quotations are invited from the intending reputed authorized dealers/authorized supplier/ registered firms located at Bhubaneswar having valid PAN and GSTN for supply of following items for use in Directorate Wing, Odia Language, Literature & Culture Department, Odisha, Bhubaneswar. The quotations will be submitted to the undersigned on or before 19.04.2021 at 3.00 P.M. The quotations will be opened on the same day at 4.00 P.M. in the Conference Hall of Sanskruti Bhawan, Directorate Wing, Odia Language, Literature & Culture Department, Odisha, Bhubaneswar in the presence of the Bidders or their authorized representatives.

| Sl. No. | Name of the Items | Unit price inclusive of all taxes including GST | Quantity Required | Total price including of all taxes (including GST) |
|---|---|---|---|---|
| 1 | Canon make Documents Scanner, Model-DR-6030C | | 01 | |
| 2 | Canon make Documents Scanner, Model-DR-F120 | | 01 | |

The undersigned reserves the right to reject/accept any or all quotations received without assigning any reason thereof. The quotations received incomplete or after due date and time shall be summarily rejected.

Sd./- Deputy Director
Odia Language, Literature & Culture Department

**Address:**
Directorate Wing, Department of Odia Language, Literature & Culture
Sanskruti Bhawan, Museum Campus, Kalpana Square, Odisha, Bhubaneswar
Tel. No. 2431945, Fax No. 0674-2432269
E-mail: directorateofculture@gmail.com

OIPR-03001/11/0001/2122

## GOVERNMENT OF ODISHA
## OFFICE OF THE PROJECT ADMINISTRATOR, ITDA, MALKANGIRI

**e-Procurement Notice**
**Bid Identification No. ITDAMKG-01/2021-22**

1. The Project Administrator, ITDA, Malkangiri on behalf of Governor of Odisha invites Percentage Rate bids through online mode in Double Cover System for the type of works given in the table, from the eligible contractors of Class (Special Class/ A Class) or of equivalent range registered with the State Governments and Central Government/ MES/Railways for execution of building work. The proof of registration from the appropriate authority shall be enclosed along with the bid. The successful bidder who has not registered under State Government has to register under State PWD in appropriate class of eligibility before signing of the agreement. The bid should be submitted only online on the website www.tendersodisha.gov.in

| | | |
|---|---|---|
| Name / Type of works | : | Upgradation of Girls High School at Badapada (Educational Complex) to Higher Secondary School in Chitrakonda Block |
| No. of works | : | 1 No. (One) |
| Amount put to tender | : | As laid down in the DTCN |
| Tender paper cost | : | As laid down in the DTCN |
| E.M.D. Amount Required | : | Bid security declaration in the prescribed form in DTCN |
| Period of completion | : | As laid down in the DTCN for each work |
| Date & time of availability of bid document in the portal | : | From 10.00 A.M. of 08.04.2021 to 27.04.2021 upto 1.00 P.M. |
| Last date/ time for receipt of bid in the portal | : | From 10.00 A.M. of 08.04.2021 to 27.04.2021 upto 1.00 P.M. |
| Last date / time for submission of paper cost & documents | : | From 07.00 hours of 28.04.2021 to 30.04.2021 upto 1.00 P.M. (During office hours in working days) |
| Date of opening of tender | : | 03.05.2021 (At 11.00 A.M.) |

Further details can be seen from the e-procurement portal www.tendersodisha.gov.in.

**Sd./-Project Administrator**
**ITDA, Malkangiri**

## ବ୍ରହ୍ମପୁର ମହାନଗର ନିଗମ

ସଂଖ୍ୟା: 5163/C-IX-4/2019 ତା.07.04.2021

**ବିଜ୍ଞପ୍ତି**

No. C-38: ଏତଦ୍ଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ କରଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯେଉଁମାନେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଘର ଟିକସ ଅଗ୍ରିମ ଏକ କିସ୍ତିରେ ଆସନ୍ତା ତା୦୧।୦୪।୨୦୨୧ରିଖଠାରୁ ତା୩୧।୦୫।୨୦୨୧ରିଖ ମଧ୍ୟରେ (ସରକାରୀ ଛୁଟିଦିବସ ବ୍ୟତୀତ) ପୈଠ କରିବେ ସେମାନେ ଓଡ଼ିଶା ପୌର ନିଗମ ଅଧିନିୟମ, ୨୦୦୩ ଧାରା ୨୫୭(୨) ଅନୁଯାୟୀ ଶତକଡ଼ା ୦୫ (ପାଞ୍ଚ) ପ୍ରତିଶତ ହାରରେ ରିହାତି ପାଇବେ। ପ୍ରକାଶ ଥାଉକି ଉପରୋକ୍ତ ରିହାତି ସରକାରୀ କୋଠାବାଡ଼ି ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଯଦି କୌଣସି କରଦାତାଙ୍କ (ସରକାରୀ ଓ ବେସରକାରୀ) କୋଠାବାଡ଼ି ଉପରେ ଘର ଟିକସ ଇତ୍ୟାଦି ପୂର୍ବ ବକେୟା ଥିବ, ସେମାନେ ପୂର୍ବ ବକେୟା ଅର୍ଥ ପୈଠ କଲା ପରେ ହିଁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅଗ୍ରିମ ପୈଠ କଲେ ଉପରୋକ୍ତ ରିହାତି ପାଇପାରିବେ।

ସ୍ୱା./- କମିଶନର
ବ୍ରହ୍ମପୁର ମହାନଗର ନିଗମ
OIPR-13035/11/0002/2122

# ସାଇକ୍ଲିଂ ସୁନାମି ସ୍ୱସ୍ତି

**ଓଡ଼ିଶାର ସାଇକ୍ଲିଂ ପ୍ରତିଭା ସ୍ୱସ୍ତି ସିଂ ଏବେ ଜାତୀୟ କ୍ରୀଡ଼ା ଦୃଶ୍ୟପଟରେ ଏକ ପରିଚିତ ନାମ। କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ବଳରେ ସେ ନିକଟରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ଏହି କ୍ରୀଡ଼ାରେ ପ୍ରତିଷ୍ଠା ଅର୍ଜନ ସହ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ତାଙ୍କ ଲକ୍ଷ୍ୟ...**



ସ୍ୱସ୍ତି ସିଂ..., ରାଜ୍ୟ କ୍ରୀଡ଼ାରେ ଏବେ ଏକ ପରିଚିତ ନାମ। ସାଇକ୍ଲିଂ ପରି ଏକ ବ୍ୟୟବହୁଳ ଏବଂ ସାହସିକ କ୍ରୀଡ଼ାକୁ କ୍ୟାରିୟର କରି ଆଗକୁ ବଢୁଛନ୍ତି ରାଉରକେଲାର ଏହି ୨୦ ବର୍ଷୀୟା ଯୁବତୀ। ସେ ଏବେ କେବଳ ରାଜ୍ୟ କାହିଁକି ସାଇକ୍ଲିଂରେ ଦେଶର ଜଣେ ଉଦୀୟମାନ ପ୍ରତିଭା। ନିଜ ପରିଶ୍ରମ ଏବଂ ନିଷ୍ଠା ଯୋଗୁ ୨୦୧୫ରେ ଲୋକଲୋଚନକୁ ଆସିବାପରେ ଆଉ ପଛକୁ ଫେରି ନାହାନ୍ତି ସ୍ୱସ୍ତି। ନିଜର ଚମତ୍କାର ଟେକ୍ନିକ ଏବଂ ଟାଇମିଂ ପାଇଁ ସେ ଉଭୟ ଓଡ଼ିଶା ଏବଂ ଭାରତ ପାଇଁ ଗୌରବ ଆଣିବାରେ ଲାଗିଛନ୍ତି। ନିକଟରେ ନଭି ମୁମ୍ବାଇରେ ଅନୁଷ୍ଠିତ ୨୫ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୬୦ କିମି ରୋଡ ମାସ୍ ଷ୍ଟାର୍ଟ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହାଇଦ୍ରାବାଦର ଓସମାନିଆ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ୭୨ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ୧୦ କିଲୋମିଟର ସ୍କ୍ରାଚ୍ ରେସ୍ ଏବଂ ୨୦ କିଲୋମିଟର ପଏଣ୍ଟ ରେସ୍‌ରେ ରୌପ୍ୟ ପଦକ ପାଇଥିବାବେଳେ ୩୦୦୦ ମିଟର ବ୍ୟକ୍ତିଗତ ପର୍ସ୍ୟୁଟ କାଟେଗୋରିରେ ୪:୦୫:୫୪୭ ସେକେଣ୍ଡ ସମୟ ନେଇ ନୂଆ ଜାତୀୟ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ସ୍ୱସ୍ତିଙ୍କ ସାଇକ୍ଲିଂ ଜୀବନ ୨୦୧୫ ନଭେମ୍ବରରେ ଆରମ୍ଭ ହୋଇଥିଲା। ସେହିବର୍ଷ କଟକର ଡ୍ରିମ୍ସରେ ଅନୁଷ୍ଠିତ ୩୮ତମ ଟ୍ରାକ୍ ସାଇକ୍ଲିଂ ରାଜ୍ୟ ମିଟ୍‌ରେ ଭାଗ ନେବାପାଇଁ ସେ ନିଜ ସ୍କୁଲ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ପକ୍ଷରୁ ମନୋନୀତ ହୋଇଥିଲେ। ଏହା ତାଙ୍କ ପାଇଁ ବଡ଼ ସୁଯୋଗ ଆଣିଥିଲା। ଅନ୍ୟ ଦୁଇ ବାଳିକାଙ୍କ ସହ ସ୍ୱସ୍ତି ଟ୍ରାଏଲ ଦେଇଥିଲେ। ଅନ୍ୟ ସମସ୍ତ ପ୍ରତିଯୋଗୀ ବାଳକ ଥିଲେ। ରାଜ୍ୟ ମିଟ୍ ପାଇଁ ସ୍ୱସ୍ତି ଯୋଗ୍ୟତା ଅର୍ଜନ କଲେ ଏବଂ ସେଠାରେ ସେ ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ମାତ୍ର କିଛି ସପ୍ତାହର ଅଭ୍ୟାସ ମଧ୍ୟରେ ଏପରି ସଫଳତା ସ୍ୱସ୍ତିଙ୍କୁ ସାହସ ଓ ପ୍ରେରଣା ଯୋଗାଇଥିଲା। ସ୍ୱସ୍ତିଙ୍କ ଏପରି ସଫଳତାରେ ବେଶି ଖୁସି ହୋଇଥିଲେ କୋଚ୍ ଏବଂ ମେଣ୍ଟର ସୁଶୀଲ କୁମାର ଦାସ। ସେ ନିଜ ଶିଷ୍ୟାଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କଲେ। ଏହା ସ୍ୱସ୍ତିଙ୍କ ପାଇଁ ଟନିକ୍ ସଦୃଶ କାମ ଦେଲା। ଦୃଢ଼ ମନୋବଳ ନେଇ ସେ ପରିଶ୍ରମ କରିଚାଲିଲେ।

୨୦୧୬ରେ ଜାତୀୟ ସ୍ତରରେ ପାଦ ଦେଇଥିଲେ ହେଁ ସ୍ୱସ୍ତିଙ୍କ ପ୍ରଥମ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ଆସିଥିଲା ୨୦୧୮ରେ। ଏହି ବର୍ଷ ଜାନୁୟାରୀ ୨ରୁ ୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ୨୩ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୧୫ କିଲୋମିଟର ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କଲେ। ସେହି ବର୍ଷ ସ୍ୱସ୍ତି ୧୭ ବର୍ଷ ବୟସରେ ନିଜର ପ୍ରଥମ ଅନ୍ତର୍ଜାତୀୟ ପଦକ ମଧ୍ୟ ହାସଲ କଲେ। ନୂଆଦିଲ୍ଲୀର ତାଲକୋଟ୍ରା ଭେଲୋଡ୍ରମରେ ସେପ୍ଟେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ୫ମ ଏସିଆନ କପ୍ ଟ୍ରାକ୍ ସାଇକ୍ଲିଂର ମହିଳା ଜୁନିୟର (୧୮ ବର୍ଷରୁ କମ୍) ୨ କିଲୋମିଟର ବ୍ୟକ୍ତିଗତ ପର୍ସ୍ୟୁଟ ଇଭେଣ୍ଟରେ ସେ ୨:୪୧.୧୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୯ରେ ଆୟୋଜିତ ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିଲୋମିଟର ବ୍ୟକ୍ତିଗତ ପର୍ସ୍ୟୁଟ ଇଭେଣ୍ଟରେ ସେ ୨:୩୫:୧୬୧ ସେକେଣ୍ଡ ସମୟ ନେଇ ନୂଆ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ। ଏ କ୍ଷେତ୍ରରେ ସେ ନିଜ ନାମରେ ଥିବା ୨:୩୭:୦୦ ଟାଇମିଂ ରେକର୍ଡକୁ ଭାଙ୍ଗି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିବର୍ଷ କାଠମାଣ୍ଡୁରେ ଅନୁଷ୍ଠିତ ୧୩ତମ ଦକ୍ଷିଣ ଏସୀୟ କ୍ରୀଡ଼ାର ମହିଳା ବ୍ୟକ୍ତିଗତ ରୋଡ୍ ରେସ୍ ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ। ୨୦୧୯ରେ ସ୍ୱସ୍ତିଙ୍କୁ ସର୍ବାଧିକ ସଫଳତା ମିଳିଥିଲା। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂରେ ସେ ୧୮ ବର୍ଷରୁ କମ୍ ୨ କିମି ବ୍ୟକ୍ତିଗତ ପର୍ସ୍ୟୁଟରେ ସ୍ୱର୍ଣ୍ଣ, ୧୦ କିମି ପଏଣ୍ଟ ରେସ୍‌ରେ ରୌପ୍ୟ ଓ ମହିଳା ଏଲିଟ ୩୦୦୦ ମିଟର ବ୍ୟକ୍ତିଗତ ପର୍ସ୍ୟୁଟରେ ବ୍ରୋଞ୍ଜ ପଦକ ପାଇଥିଲେ। ସେହିବର୍ଷ ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ରାଜସ୍ଥାନର ବିକାନେରରେ ଆୟୋଜିତ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ପାଇଥିଲେ। ୨୦୨୦ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ୨୧ ବର୍ଷରୁ କମ୍ ବାଳିକା କାଟେଗୋରିରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ଅର୍ଜନ କରିଥିଲେ।

ସ୍ୱସ୍ତିଙ୍କର ପିଲାଟି ଦିନରୁ ସାଇକ୍ଲିଂ ପ୍ରତି ଆଗ୍ରହ ରହିଥିଲା। ଏହି କ୍ରୀଡ଼ାକୁ ସେ ଟିଭିରେ ଦେଖିବାକୁ ଖୁବ୍ ପସନ୍ଦ କରୁଥିଲେ। ତାଙ୍କ ବାପା ଅମର ସିଂ ଆରଏସ୍‌ପିରେ କାର୍ଯ୍ୟରତ ଥିବାବେଳେ ମା' ଉମା ଦେବୀ ଗୃହିଣୀ। ସ୍ୱସ୍ତିଙ୍କ ଭାଇ ମଧ୍ୟ ଜଣେ ସାଇକ୍ଲିଷ୍ଟ। ରାଉରକେଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ତାଙ୍କ ସ୍କୁଲ ଜୀବନ ଆରମ୍ଭ ହୋଇଥିଲା। ସାଇକ୍ଲିଂ କ୍ରୀଡ଼ାକୁ ମନଭରି ଭଲ ପାଇବା ଏବଂ ନିଷ୍ଠାର ସହ କଠିନ ପରିଶ୍ରମ ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି। ଫଳରେ ସେ ଉଚ୍ଚାଭିଳାଷୀ ଆଥଲେଟ୍ ପ୍ରତିଭାଙ୍କର ଆଦର୍ଶ ପାଲଟି ଯାଇଛନ୍ତି। ଶୃଙ୍ଖଳା ଜ୍ଞାନ, ଦୃଢ଼ ସଂକଳ୍ପ ଏବଂ ଉଚ୍ଚାକାଂକ୍ଷା ଯୋଗୁ ରାଉରକେଲା ସହରରେ ବଢ଼ିଥିଲେ ହେଁ ସେ ଦେଶ ପକ୍ଷରୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ନିଜକୁ ପ୍ରସ୍ତୁତ କରି ପାରିଛନ୍ତି। ସାଇକ୍ଲିଂ ବ୍ୟତୀତ ସ୍ୱସ୍ତି ଡ୍ରଇଂ ଏବଂ ବଗିଚାରେ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି।

ସ୍ୱସ୍ତି ସମ୍ପ୍ରତି ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ କମ୍ପ୍ଲେକ୍ସରେ ଟ୍ରେନିଂ ନେଉଛନ୍ତି। ଅନ୍ତର୍ଜାତୀୟ ସାଇକ୍ଲିଂ ସଂଘ (ୟୁସିଆଇ)ର ୪ ସାଟେଲାଇଟ ସେଣ୍ଟର ମଧ୍ୟରୁ ଏହା ଅନ୍ୟତମ। ସେଠାରେ ସେ ନିଜ ଦକ୍ଷତାକୁ ଅନ୍ତର୍ଜାତୀୟ ସ୍ତରର କରିବା ପାଇଁ ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ସ୍ୱସ୍ତି ବିଶ୍ୱସ୍ତରରେ ଅନେକ ସଫଳତା ପାଇପାରିବେ ବୋଲି ତାଙ୍କ କୋଚ୍ ଓ ମେଣ୍ଟରମାନେ ଆଶା ରଖିଛନ୍ତି। ସ୍ୱସ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ୨ ଲକ୍ଷ ଟଙ୍କାର ଚେକ୍ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସ୍ୱସ୍ତିଙ୍କ ମନୋବଳ ବଢ଼ାଇବ ଏବଂ ସେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବା ଆଶା ରହିଛି।

**ପ୍ରସ୍ତୁତି: ତପନ ସ୍ୱାଇଁ**

## ଆର୍‌ଏସ୍‌ପିରେ ଭେଲୋଡ୍ରମ ଆବଶ୍ୟକ



କୋଚ୍ ସୁଶୀଲ କୁମାର ଦାସଙ୍କ ସହ ସ୍ୱସ୍ତି

ଓଡ଼ିଶା ସରକାର ଏବେ କ୍ରୀଡ଼ା ଉପରେ ବିଶେଷ ଫୋକସ କରୁଛନ୍ତି। ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ସହ ଖେଳାଳିମାନଙ୍କୁ ଉଚ୍ଚମାନର ଟ୍ରେନିଂ ପାଇଁ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ଫଳ ସ୍ୱରୂପ ରାଜ୍ୟରେ ସଫଳତା ଅର୍ଜନ କରୁଥିବା କ୍ରୀଡ଼ାବିତ୍‌ଙ୍କ ତାଲିକା ଏବେ କୌଣସି ନିର୍ଦ୍ଦିଷ୍ଟ କିଛି ଇଭେଣ୍ଟ ମଧ୍ୟରେ ସୀମିତ ହୋଇ ରହିନାହିଁ। ମାତ୍ର ରାଜ୍ୟରେ ଏପର୍ଯ୍ୟନ୍ତ ଏକ ଭେଲୋଡ୍ରମ ପ୍ରସ୍ତୁତ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖଦାୟକ। ହକି ପରି ସାଇକ୍ଲିଂ କହିଲେ ସୁନ୍ଦରଗଡ଼କୁ ବୁଝାଏ। ଏଠାରୁ ଅନେକ ଅନ୍ତର୍ଜାତୀୟ ସ୍ତରର ସାଇକ୍ଲିଷ୍ଟ ବାହାରି ରାଜ୍ୟ ଏବଂ ଦେଶ ପାଇଁ ସୁନାମ ଆଣିଛନ୍ତି। ତେଣୁ ଆରଏସ୍‌ପିରେ ଏକ ଭେଲୋଡ୍ରମ ନିହାତି ଆବଶ୍ୟକ। ଏଠାରେ ଭେଲୋଡ୍ରମ ଉପଲବ୍ଧ ହୋଇପାରିଲେ ଅନେକ ଖେଳାଳି ମାଗଣାରେ ଅଭ୍ୟାସ କରିପାରିବେ। ଫଳରେ ଅଧିକରୁ ଅଧିକ ସାଇକ୍ଲିଂ ପ୍ରତିଭା ଅଭ୍ୟାସ କରି ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି ସ୍ୱସ୍ତିଙ୍କ କୋଚ୍ ତଥା ଅନ୍ତର୍ଜାତୀୟ ସ୍ତରର ସାଇକ୍ଲିଷ୍ଟ ସୁଶୀଲ କୁମାର ଦାସ ପ୍ରକାଶ କରିଛନ୍ତି।

## ମିନତିଙ୍କ ପଥର ଯାତ୍ରୀ



ଓଡ଼ିଶାରେ ସାଇକ୍ଲିଂ କହିଲେ ପ୍ରଥମେ ନଜରକୁ ଆସନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ପୁରୀର ମିନତି ମହାପାତ୍ର। ସେ ସମୟରେ ବିଶେଷ କିଛି ସୁବିଧା ସୁଯୋଗ ନ ଥିଲେ ହେଁ ସାଇକ୍ଲିଂ ପରି ଏକ ବ୍ୟୟବହୁଳ କ୍ରୀଡ଼ାକୁ କ୍ୟାରିୟର କରି ସେ ରାଜ୍ୟର ପ୍ରଥମ ଆଥଲେଟ୍‌ଭାବେ ସଫଳତା ପାଇଥିଲେ। ୮୦ ଦଶକରେ ତାଙ୍କର ଏହି ସଫଳତା ଓଡ଼ିଶାରେ ସାଇକ୍ଲିଂ କ୍ରୀଡ଼ାପ୍ରତି ଲୋକପ୍ରିୟତାକୁ ବଢ଼ାଇଥିଲା। ରାଜ୍ୟର ପ୍ରଥମ କ୍ରୀଡ଼ାବିତ୍ ଏବଂ ଦେଶର ପ୍ରଥମ ସାଇକ୍ଲିଷ୍ଟଭାବେ ମିନତି ୧୯୮୦ରେ ଅର୍ଜୁନ ପୁରସ୍କାର ପାଇଥିଲେ। କ୍ୟାରିୟରରେ ୮ ଥର ଜାତୀୟ ଚାମ୍ପିୟନ ଥିବା ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍ ୧୯୭୯ରେ କଲମ୍ବୋରେ ଅନୁଷ୍ଠିତ ଇଣ୍ଡୋ-ଶ୍ରୀଲଙ୍କା ସାଇକ୍ଲିଂ ସିରିଜରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୧୯୭୦ରେ କଟକରେ ଅନୁଷ୍ଠିତ ନ୍ୟାଶନାଲ ଗେମ୍ସରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ସେଥିପାଇଁ ଅନେକ ଯୁବ ପ୍ରତିଭାଙ୍କର ଆଦର୍ଶ ପାଲଟିଛନ୍ତି ମିନତି। ସାଇକ୍ଲିଂକୁ କ୍ୟାରିୟର କରି ଯେ ପ୍ରତିଷ୍ଠା ଅର୍ଜନ କରିହେବ ତାହା ସେ ପ୍ରମାଣିତ କରିଥିଲେ। ଏହା ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ତାଙ୍କ ପଥର ଯାତ୍ରୀଭାବେ ଆଗକୁ ବଢୁଛନ୍ତି ସ୍ୱସ୍ତି ସିଂ।

# ମହିଳା ସେଲର

**ପ୍ରଥମ ଭାରତୀୟ ମହିଳା ସେଲର ଭାବେ ୨୩ ବର୍ଷୀୟା ନେଥରା କୁମାନନ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେଲିଂ ବିଶ୍ୱକପ୍, ଏସିଆନ ଗେମ୍ସ ସମେତ ବିଭିନ୍ନ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ସେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ କୌଣସି କ୍ୱାଲିଫାଇଂ ଇଭେଣ୍ଟରେ ଶୀର୍ଷସ୍ଥାନ ଅଧିକାର କରି ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି...**

ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଆଉ ଜଣେ ଭାରତୀୟ ମହିଳା ନିଜର ଦକ୍ଷତା ତଥା ପ୍ରତିଭା ପ୍ରତିପାଦନ କରିବାର ସୁଯୋଗ ପାଇଛନ୍ତି। ସେ ହେଉଛନ୍ତି ମହିଳା ସେଲର ତଥା ନାମିକ ଚେନ୍ନାଇର ନେଥରା କୁମାନନ। ସେଲିଂରେ ସେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଭାରତୀୟ ମହିଳା ସେଲର ଭାବେ ସେ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଏ କରିଛନ୍ତି। ଅଲିମ୍ପିକ୍ସରେ କୌଣସି ସେଲିଂ ଇଭେଣ୍ଟ ପାଇଁ ସେ ଦଶମ ଭାରତୀୟ ଭାବେ କ୍ୱାଲିଫାଏ କରିଛନ୍ତି। ତାଙ୍କ ପୂର୍ବରୁ ବାକି ୯ ଜଣ ପୁରୁଷ ସେଲର ଅଲିମ୍ପିକ୍ ପାଇଁ କ୍ୱାଲିଫାଏ କରିଥିଲେ। କିନ୍ତୁ ସେ ପ୍ରଥମ ଭାରତୀୟ ଭାବେ କୌଣସି କ୍ୱାଲିପାଇଂ ଇଭେଣ୍ଟରେ ଶୀର୍ଷସ୍ଥାନ ଅଧିକାର କରି ଡାଇରେକ୍ଟ କୋଟା ପ୍ଲେସ ହାସଲ କରିଛନ୍ତି। ଓମାନ୍‌ରେ ଚାଲିଥିବା ମୁସାନା ଓପନ ଚାମ୍ପିୟନଶିପ୍ ଲାସର ରେଡିକାଲ ଇଭେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଶୀର୍ଷରେ ରହିବା ପରେ ସେ ଏହି ସଫଳତା ପାଇଛନ୍ତି। ଏହି ଚାମ୍ପିୟନଶିପ୍ ଯୁଗ୍ମ ଆଫ୍ରିକାନ ଓ ଏସିଆନ ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟର ମାନ୍ୟତା ପାଇଛି।

କୁମାନନଙ୍କ ପୂର୍ବରୁ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଥିବା ୯ ପୁରୁଷ ଖେଳାଳି କୋଟା ପ୍ଲେସ ପାଇ ନାମିତ ହୋଇଥିଲେ ଓ କୌଣସି କ୍ୱାଲିଫାଇଂ ଇଭେଣ୍ଟ ଖେଳି ଯୋଗ୍ୟତା ହାସଲ କରି ନ ଥିଲେ। କୌଣସି କ୍ୱାଲିଫାୟରରେ ଶୀର୍ଷରେ ରହି ଅଲିମ୍ପିକ୍ କୋଟା ପ୍ଲେସ ହାସଲ କରିବାରେ କୁମାନନ ହେଉଛନ୍ତି ପ୍ରଥମ ଭାରତୀୟ। ଲାସର ରେଡିଆଲ ହେଉଛି ଏକ ସିଙ୍ଗଲ୍ ହ୍ୟାଣ୍ଡେଡ ବୋଟ୍। ଅର୍ଥାତ ଏହି ବୋଟକୁ ଜଣେ ବ୍ୟକ୍ତି ହିଁ ପରିଚାଳନା କରିଥାନ୍ତି। ଏହାପୂର୍ବରୁ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଏ କରିଥିବା ସେଲରମାନେ ହେଲେ ନଚତାର ସିଂ ଜୋହାଲ (୨୦୦୮), ଶ୍ରଫ୍ ଓ ସୁମୀତ ପଟେଲ (୨୦୦୪), ଏଫ୍ ତାରାପୋର ଓ ସିରସ କାମା (୧୯୯୨), କେଲି ରାଓ (୧୯୮୮), ଧ୍ରୁବ ଭଣ୍ଡାରୀ (୧୯୮୪), ସଏଲ କଣ୍ଟ୍ରାକ୍ଟର ଓ ଏ.ଏ. ବଶିଷ୍ଠ (୧୯୭୨)। ଚେନ୍ନାର ଏସ୍.ଏମ୍. ଆର. କଲେଜରେ ଇଞ୍ଜିନିୟରିଂ କରିଥିବା ୨୩ ବର୍ଷୀୟା କୁମାନନ ଦେଶ ପାଇଁ ପୂର୍ବରୁ ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ପିଲାଟି ବେଳୁ ଏକ ସମର କ୍ୟାମ୍ପରେ ସେ ସେଲିଂ ପ୍ରତି ଆକର୍ଷିତ ହୋଇଥିଲେ ଓ ଏଥିରେ କ୍ୟାରିୟର ଗଢିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେ ୨୦୧୪ ଇଞ୍ଚିଅନ ଓ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଭାରତୀୟ ମହିଳା ଭାବେ ସେ ସେଲିଂ ବିଶ୍ୱକପ୍‌ରେ ପଦକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ଗତବର୍ଷ ଆମେରିକାର ମିଆମିରେ ଅନୁଷ୍ଠିତ ସେଲିଂ ବିଶ୍ୱକପ୍‌ରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସ୍ପେନର କାନାରୀ ଆଇଲାଣ୍ଡରେ ସେ ଟ୍ରେନିଂ ନେଉଛନ୍ତି। ଅଲିମ୍ପିକ୍ସରେ ପଦକ ହାସଲ କରିବା ଲକ୍ଷ୍ୟରେ ଥିବା କୁମାନନ ସଫଳ ହେଲେ ନିଜ ପାଇଁ ଓ ଦେଶ ଲାଗି ଇତିହାସ ସୃଷ୍ଟି କରିବେ।



ନେଥରା କୁମାନନ

## ଆଇପିଏଲ୍-୧୪ରେ ସ୍ପିନର

**କ୍ରିକେଟର ସବୁ ଫର୍ମାଟ୍ ଓ ସ୍ତରରେ ସ୍ପିନରମାନଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମଧ୍ୟ ଏଥିରେ ପଛରେ ପଡିନାହିଁ। ଏଥର ସ୍ପିନରମାନେ ଆଇପିଏଲ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତ୍ୟେକ ଦଳର ମୁଖ୍ୟ ଅସ୍ତ୍ର ହେଉଛନ୍ତି ସ୍ପିନର। ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ ୨ଜଣ ବୋଲର ପ୍ରଜ୍ଞାନ ଓଝା ଓ ଇମ୍ରାନ ତାହିର ପର୍ପଲ୍ କ୍ୟାପର ଅଧିକାରୀ ହୋଇପାରିଛନ୍ତି। ଏଥର ଆଇପିଏଲ୍‌ରେ ୮ଟି ଫ୍ରାଞ୍ଚାଇଜ ନିଜ ନିଜ ଟିମ୍‌ରେ ୨ କିମ୍ବା ୩ଜଣ ସ୍ପିନରମାନଙ୍କୁ ସାମିଲ କରିବାର ଦେଖାଯାଇଛି। ସ୍ପିନରମାନଙ୍କ ର୍ୟାଙ୍କିଙ୍ଗ ଏବଂ ରେଟିଂ ଦେଖିଲେ ସନରାଇଜର୍ସ ହାଇଦ୍ରାବାଦ ସବୁଠାରୁ ଆଗରେ ରହିଥିବା ମନେହୁଏ। ସ୍ପିନରମାନଙ୍କ ଦକ୍ଷତାକୁ ଦେଖିଲେ ପଞ୍ଜାବ କିଙ୍ଗ୍ସର ରେଟିଂ ୧୦ରୁ ୭.୫୮ ରହିଛି। ଦଳରେ ବେଷ୍ଟ ସ୍ପିନର ରୂପେ ରବି ବିଷ୍ଣୋଇ ଏବଂ ମୁରୁଗାନ ଅଶ୍ୱିନ ରହିଛନ୍ତି। ବ୍ୟାକ ଅପ୍ ସ୍ପିନର ରୂପେ ଫାବିଆନ୍ ଆଲେନ ରହିଥିବା ବେଳେ ଜଲାଜ ସକ୍ସେନା, ଦୀପକ ହୁଡା, ହରପ୍ରୀତ ବ୍ରାର ପାର୍ଟଟାଇମ ସ୍ପିନର ରୂପେ କାର୍ଯ୍ୟ କରିବେ। ଏଥର ଟିମରେ ବିଶ୍ୱସ୍ତରୀୟ ସ୍ପିନର ନାହାନ୍ତି। କ୍ୱାଲିଟ ସ୍ପିନର ଅଭାବ ନିଶ୍ଚିତ ରହିବ। ସ୍ପିନ ଦୃଷ୍ଟି କୋଣରୁ ଦଳର ରେଟିଂ ୮ମ ସ୍ଥାନରେ ରହିଛି।

ସେହିପରି ରାଜସ୍ଥାନ ରୟାଲସର ରେଟିଂ ୭.୭୮ ରହିଛି। ଦଳରେ ଶ୍ରେଷ୍ଠ ସ୍ପିନର ରୂନେ ଶ୍ରେୟାସ ଗୋପାଲ ଏବଂ ରାହୁଲ ଟେୱାଟିଆ ରହିଥିବା ବେଳେ ମୟଙ୍କ ମାର୍କଣ୍ଡେ ବ୍ୟାକ୍ ଅପସ୍ପିନରର ଭୂମିକା ନେବେ। ପାର୍ଟ ଟାଇମ୍ ସ୍ପିନର ରୂପେ କେ.ସି. କାରିୟାପୋ ଏବଂ ରିୟାନ ପରାଗ ରହିଛନ୍ତି। ରାଜସ୍ଥାନ ରୟାଲ୍ସ ଦଳରେ କ୍ୱାଲିଟ ସ୍ପିନର ନାହାନ୍ତି। ସ୍ପିନର ଦୃଷ୍ଟିରୁ ଦଳ ୭ ନଂ. ସ୍ଥାନରେ ରହିଛି।

ରେକର୍ଡ ୫ଥର ଚାମ୍ପିୟନ ହୋଇଥିବା ମୁମ୍ବାଇ ଏକାଦଶ ୭.୭୮ ରେଟିଂ ସହିତ ଷଷ୍ଠ ସ୍ଥାନରେ ରହିଛି। ବେଷ୍ଟ ସ୍ପିନର ରାହୁଲ ଚହର ଏବଂ ପୀୟୂଷ ଚାୱାଲା ରହିଛନ୍ତି। ବ୍ୟାକ୍ ଅପ୍ ସ୍ପିନର ରୂପେ କୃନାଲ ପାଣ୍ଡ୍ୟା ରହିଛନ୍ତି। ସ୍ପିନ ଦୃଷ୍ଟି କୋଣରୁ ଦିଲ୍ଲୀ କ୍ୟାପିଟାଲ୍ସର ଓଭର ଅଲ୍ ରେଟିଂ ୮.୧୫ ରହିଥିବା ବେଳେ ଅକ୍ଷର ପଟେଲ, ରବିଚନ୍ଦ୍ରନ ଅଶ୍ୱିନୀ ଦଳରେ ରହିଛନ୍ତି। ବ୍ୟାକ୍ ଅପ୍ ବୋଲର ରୂପେ ଅମିତ ମିଶ୍ରା ରହିଛନ୍ତି। ଅକ୍ଷର ପଟେଲ, ବୋଲିଂ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନଙ୍କର ଭଲ ରେକର୍ଡ ରହିଛି।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ରେଟିଂ ୮.୭୫ ରହିଛି ଏବଂ ଦଳରେ ଯୁଜବେନ୍ଦ୍ର ଚହଲ, ଆଡାମ୍ ଜାମ୍ପାଙ୍କ ଭଳି ବେଷ୍ଟ ସ୍ପିନର ରହିଛନ୍ତି। ବ୍ୟାକ୍ ଅପ୍ ସ୍ପିନର ରୂପେ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ରହିଥିବା ବେଳେ ପାର୍ଟ ଟାଇମ୍ ବୋଲର ରୂପେ ଗ୍ଲେନ ମାକ୍ସୱେଲ, ସାହାବାଜ ଅହମଦ ରହିଛନ୍ତି।



ଯୁଜବେନ୍ଦ୍ର ଚହଲ

ମାକ୍ସୱେଲ ମଧ୍ୟ ଅଫ୍ ବ୍ରେକ୍ ବୋଲିଂ ମାଧ୍ୟମରେ କମାଲ ଦେଖାଇବାକୁ ସକ୍ଷମ। ମୋଟାମୋଟି ଦେଖିବାକୁ ଗଲେ ଆରସିବି ସ୍ପିନ୍ ଦୃଷ୍ଟିକୋଣରୁ ଶକ୍ତିଶାଳୀ ମନେହୁଏ। କୋଲକାତା ନାଇଟ ରାଇଡର୍ସ (କେକେଆର) ସ୍ପିନ ଦୃଷ୍ଟି କୋଣରୁ ୮.୫ ରେଟିଂ ସହିତ ତୃତୀୟ ଦଳରୂପେ ସୁନୀଲ ନାରିନ, ବରୁନ ଚକ୍ରବର୍ତ୍ତୀ ଏବଂ ବ୍ୟାକ ଅଫସ୍ପିନର ରୂପେ ସାକିବ-ଅଲ୍ ହାସନ ଏବଂ ପାର୍ଟ ଟାଇମ୍ ବୋଲର ରୂପେ କୁଳଦୀପ ଯାଦବ, ହରଭଜନ ସିଂ ଏବଂ ପୱନ ନେଗୀଙ୍କୁ ନେଇ ବେଶ୍ ଶକ୍ତିଶାଳୀ ମନେହୁଏ। ସୁନୀଲ ନାରିନ ଏବଂ କୁଳଦୀପ ଯାଦବ ମଧ୍ୟ ଦଳରେ ରହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍‌ସ ୮.୫୫ ରେଟିଂ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଦଳରେ ଇମ୍ରାନ ତାହିର ଏବଂ ମିଚେଲ ସାଟନର, ରବୀନ୍ଦ୍ର ଜାଡେଜା, ମିଚେଲ୍ ସାଣ୍ଟନର ଏବଂ ମୋଇନ ଅଲି, କେ. ଗୋଣ୍ଠାମଙ୍କ ପରି ସ୍ପିନର ରହିଛନ୍ତି। ଇମ୍ରାନଙ୍କ ରେଟିଂ ୯.୨୫ ରହିଛି। ସ୍ପିନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସନ୍‌ରାଇଜର୍ସ ହାଇଦ୍ରାବାଦ ୮.୬୫ ରେଟିଂ ପାଇଥିଲା ବେଳେ ବେଷ୍ଟ ସ୍ପିନର ଭାବେ ରସିଦ୍ ଖାଁ, ମହମ୍ମଦ ନବୀ, ମୁଜିବ୍ ଜାଡ୍ରାନ୍, ସାହାବାଦ୍ ନଦିମ୍, ଅଭିଷେକ୍ ଶର୍ମା ଓ କେଦାର ଯାଦବଙ୍କ ପରି ଶକ୍ତିଶାଳୀ ସ୍ପିନିଂ କମ୍ବିନେଶନ୍ ରହିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ୍ ସ୍ପିନର ଦୃଷ୍ଟି କୋଣରୁ ୧ନଂ ସ୍ଥାନରେ ରହିଛି।

**-ନିର୍ମଳ କୁମାର ମିଶ୍ର**

**ଝାଡାବାନ୍ତିରେ ଜଣେ ମୃତ, ୧୦ ଆକ୍ରାନ୍ତ**

ବାଲିଆପାଳ, (ସ୍ୱ.ପ୍ର.): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ବଡ଼ତାଳପଦା ଗ୍ରାମର ଅର୍ଜୁନ ମଙ୍ଗରାଜ ନାମକ ବ୍ୟକ୍ତିଙ୍କ ଗୁରୁବାର ଝାଡାବାନ୍ତିରେ ମୃତ୍ୟୁ ହୋଇଛି। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ୨ଜଣ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଫେରିଥିବା ବେଳେ ଅନ୍ୟ ୮ଜଣ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ‘ଓଡ଼ିଶା ଇତିହାସ’ର ହିନ୍ଦୀ ସଂସ୍କରଣ ଉନ୍ମୋଚନ ଆଜି

ଭୁବନେଶ୍ୱର, ୮।୪(ବ୍ୟୁରୋ): ଉତ୍କଳ କେଶରୀ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲିଖିତ ‘ଓଡ଼ିଶା ଇତିହାସ’ ପୁସ୍ତକର ହିନ୍ଦୀ ସଂସ୍କରଣ ଶୁକ୍ରବାର ଉନ୍ମୋଚିତ ହେବ। ନୂଆଦିଲ୍ଲୀସ୍ଥିତ ଆମ୍ବେଡ଼କର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପୁସ୍ତକକୁ ଉନ୍ମୋଚନ କରିବେ। ଶଙ୍କରଲାଲ ପୁରୋହିତ ଏହି ପୁସ୍ତକର ହିନ୍ଦୀ ଅନୁବାଦ କରିଛନ୍ତି। ପୁସ୍ତକ ଉନ୍ମୋଚନ ଅବସରରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବ ଉପସ୍ଥିତ ରହିବେ। ପୂର୍ବରୁ ଓଡ଼ିଆ ଓ ଇଂଲିଶ ଭାଷାରେ ଉପଲବ୍ଧ ଏହି ପୁସ୍ତକର ହିନ୍ଦୀ ସଂସ୍କରଣ ଦେଶର ବୃହତ୍ତମ ବର୍ଗକୁ ଓଡ଼ିଶାର ଇତିହାସ ସହିତ ସମକାଳୀନ ଭାରତର ପରିସ୍ଥିତି, ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ରାଜ୍ୟଗୁଡ଼ିକର ଏକତ୍ରୀକରଣ ଉଦ୍ୟମ ସମ୍ପର୍କରେ ଜୀବନ୍ତ ପ୍ରମାଣ ପ୍ରଦାନ କରିବ।

ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ଆଧୁନିକ ଓଡ଼ିଶାର ନବନିର୍ମାତା। ଦେଶ ସ୍ୱାଧୀନ ହେବା ପରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ (୧୯୪୬-୧୯୫୦) ଭାବେ ଦାୟିତ୍ୱ ନେଇଥିଲେ। ଏହାପରେ ୧୯୫୬-୧୯୬୧ ପର୍ଯ୍ୟନ୍ତ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ରାଜ୍ୟର ସେବା କରିବାର ସୁଯୋଗ ମିଳିଥିଲା। ତାଙ୍କ କୃତିତ୍ୱର ପ୍ରେରଣାଦାୟୀ ଅନୁଭୂତି କେବଳ ଯେ ଓଡ଼ିଶା ପାଇଁ ତାହା ନୁହେଁ, ବରଂ ସମ୍ପୂର୍ଣ୍ଣ ଭାରତ ବର୍ଷକୁ ଅନୁପ୍ରେରିତ କରିଥାଏ।

### ବଜ୍ରପାତରେ ୨୦ ଗୋରୁ ମୃତ, ମହିଳା ଆହତ



ନବରଙ୍ଗପୁର/ନନ୍ଦାହାଣ୍ଡି,୮।୪(ବି.ପ୍ର./ଡି.ଏନ୍.ଏ.): ନବରଙ୍ଗପୁର ଜିଲାରେ ଗୁରୁବାର ଅପରାହ୍ନରେ ବର୍ଷା ଓ ଝଡ଼ ତୋଫାନ୍ ହୋଇଥିଲା। ଏହି ସମୟରେ ଘନଘନ ବଜ୍ରପାତ ମଧ ହୋଇଥିଲା। ବର୍ଷା ଯୋଗୁ ସନ୍ଧ୍ୟାରେ ନନ୍ଦାହାଣ୍ଡି ବ୍ଲକ୍ ପଡାଲଗୁଡ଼ା ଚର୍ଚ୍ଚ ପାଖ ଯୋଶେଫ ସୁନାଙ୍କ ଘର ସମ୍ମୁଖ ପଡ଼ିଆରେ ଏକ ଗଛ ମୂଳେ ୨୦ରୁ ଉର୍ଦ୍ଧ୍ୱ ଗୋରୁ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ୨୦ ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ବାଛୁରୀ ଆହତ ହୋଇଥିବା ଜଣାପଡ଼ିଛି। ସେହିପରି ପଡାଲଗୁଡ଼ା ଗ୍ରାମର କେତେଜଣ ଲୋକ ପବନ ହେଉଥିବାରୁ କବାଟ ଖୋଲି ବାହାରେ ବସିଥିବାବେଳେ ବଜ୍ରପାତ ଯୋଗୁ ଗାଁର ଗୀତାଞ୍ଜଳି ସଗରିଆ(୪୨)ନାମ୍ନୀ ମହିଳା ଆହତ ହୋଇଛନ୍ତି।

# ମହାନଦୀ ଅବବାହିକାରେ ପୁରାତନ ପ୍ରସ୍ତର ଯୁଗର ସଭ୍ୟତା

## ଏସ୍‌ୟୁ ସ୍ନାତକୋତ୍ତର ଇତିହାସ ବିଭାଗର ଗବେଷଣା

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ବରଗଡ଼ ଜିଲାର ଉପରମୁଣ୍ଡରେ ଥିବା ମହାନଦୀ ଅବବାହିକା ଭଟ୍‌ଲି ନିକଟରୁ ପୁରାତନ ପ୍ରସ୍ତର ଯୁଗର ମାନବ ସଭ୍ୟତାର ଅବସ୍ଥିତି ଠାବ କରାଯାଇଛି। ପ୍ରଫେସର ଡ. ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ସଂଯୋଜିକା ଡ. ନୀନା ଠାକୁର, ନବୀନ କୁମାର ସାହୁ, ସଂଗ୍ରହାଳୟର କ୍ୟୁରେଟର କ୍ଷୀରସିନ୍ଧୁ ବାରିକ, ରିସର୍ଚ୍ଚ ସ୍କଲାର, ପ୍ରତ୍ନତାତ୍ତ୍ୱିକ ଶ୍ରେଣୀ ୪ର୍ଥ ସେମିଷ୍ଟର ଛାତ୍ରୀଛାତ୍ର ଏହି ଖନନରେ ଅଂଶଗ୍ରହଣ କରିଥିଲେ। ଖନନ ସମୟରେ ପ୍ରସ୍ତରଯୁଗର ପ୍ରାକ୍ ଓ ଉତ୍ତର ସମୟର କଳାକୃତି, ଅବଶେଷ ଠାବ କରାଯାଇଛି। ଡେବ୍ରୀଗଡ଼ ପର୍ବତମାଳାର ଦକ୍ଷିଣ ଦିଗରେ ମହାନଦୀ କୂଳ ଓ ଭଟ୍‌ଲି ନିକଟ ତୋରାଜୁଙ୍ଗା ଗ୍ରାମରେ ଗବେଷକମାନେ ନିରନ୍ତର ଅନୁସନ୍ଧାନ ସମୟରେ ଅବଶେଷ ଠାବ କରିଛନ୍ତି।

ମିଳିଥିବା ନମୁନାକୁ ଲକ୍ଷ୍ନୌର ବୀରବଲ ସାହାଣୀ ଇନ୍‌ଷ୍ଟିଚ୍ୟୁଟ ଅଫ ପାଲାଓସାଇନ୍ସ ଏବଂ ପୁଣେର ଫାଇଥୋଲିଥ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରେ ପରୀକ୍ଷା କରାଯାଇଥିଲା। ଓଏସଏଲ (ଅପ୍ଟିକାଲି ଷ୍ଟିମୁଲେଟେଡ଼ ଲ୍ୟୁମିନସେନ୍ସ) ପଦ୍ଧତି ଓ ଖନନ ଇଲାକାର ସମସାମୟିକ ସବୁଜିମା ଆଧାର ଶୈଳୀରେ ପରୀକ୍ଷା କରାଯାଇଥିଲା। ଏଥିରୁ ସଂଗ୍ରହ କରାଯାଇଥିବା ଅବଶେଷ ୬୫ ହଜାର ବର୍ଷ ପୁରାତନ ମଧ ପ୍ରସ୍ତର ଯୁଗ ଓ ୨୫ ହଜାର ବର୍ଷ ପୁରାତନ ଉତ୍ତର ପ୍ରସ୍ତର ଯୁଗ ସମୟର ବୋଲି କୁହାଯାଇଛି।

ଏହି ଗବେଷଣା ଓ ମୃତ୍ତିକା ପରୀକ୍ଷାରୁ ମହାନଦୀ କୂଳରେ ଥିବା ଜଙ୍ଗଲ ଭୂମି ଆଧାରିତ ସଭ୍ୟତା କୃଷି ଆଧାରିତ ସବୁଜିମା ଶୈଳୀର ପ୍ରକାରକୁ ପରିବର୍ତ୍ତିତ ହୋଇଥିବା ଜଣାପଡ଼ିଛି।



ମହାନଦୀ ଅବବାହିକାର ଭଟ୍‌ଲି ଅଞ୍ଚଳରେ ଖନନ କରାଯାଉଛି।

ଉକ୍ତ ସ୍ଥାନରୁ ଗେରୁଆ-ଆଇରନ ଅକ୍ସାଇଡରେ ନିର୍ମିତ ଶିଳ, ଦୁଇଟି ବ୍ୟବହୃତ ଶିଳପୁଆ, ପିଷାଣ ପ୍ରଭୃତି ସାମଗ୍ରୀ ମଧ ଉଦ୍ଧାର କରାଯାଇଥିଲା। ଏଥିରୁ ତୋରାଜୁଙ୍ଗାରେ ସେତେବେଳର ମାନବ ସଭ୍ୟତାରେ ଉତ୍ତର ପୁରାତନ ପ୍ରସ୍ତର ଯୁଗ ସମୟରେ ବାଣିଜ୍ୟକ ଓ ଅନ୍ୟ ବିନିମୟ ସମ୍ପର୍କ ବିକଶିତ କରିବାର କ୍ଷମତା ରହିଥିବା ଅନୁଶୀଳନରେ ଜଣାପଡ଼ିଛି। ଆଗକୁ ବରଗଡ଼ ଜିଲାର ଉପରମୁଣ୍ଡରେ ଅନୁସନ୍ଧାନ କରାଗଲେ ପୁରାତନ ଯୁଗର ଅବସ୍ଥିତି ସମ୍ପର୍କରେ ଅଧିକ ତଥ୍ୟ ଜଣାପଡିବ ବୋଲି ଡ଼. ବେହେରା କହିଛନ୍ତି। ସୂଚନାଯୋଗ୍ୟ, ୨୦୧୫ ମସିହାରୁ ବିଭାଗ ପକ୍ଷରୁ ଏହି ଅନୁସନ୍ଧାନ, ଖନନ ଓ ଗବେଷଣା ଜାରି ରହିଛି। ସାଧାରଣତଃ ପୂର୍ବ ଆଫ୍ରିକାରେ ମଧ ପ୍ରସ୍ତର ଯୁଗର ମାନବ ସଭ୍ୟତାର ବିକାଶ ସମ୍ବନ୍ଧିତ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଏ। ବର୍ତ୍ତମାନ ପର୍ଯ୍ୟନ୍ତ ମରକ୍କୋରେ ହୋଇଥିବା ଆନୁବଂଶିକ ଅନୁସନ୍ଧାନର ତଥ୍ୟ ଅନୁଯାୟୀ ମାନବ ସଭ୍ୟତା ସେଠାରୁ ପୃଥିବୀର ସମସ୍ତ ସ୍ଥାନକୁ ସମ୍ପ୍ରସାରିତ ହୋଇଥିଲା ବୋଲି ଗ୍ରହଣ କରାଯାଏ।

# ଦମ୍ପତି ମୃତ, ପ୍ରତିବାଦରେ ରାସ୍ତାରୋକୋ



କ୍ଷତିପୂରଣ ଦାବିରେ ରାସ୍ତାରୋକ କରାଯାଇଛି।

## କୋଭିଡ୍ ଟିକା ନେବାକୁ ଯିବାବେଳେ ଦୁର୍ଘଟଣା

ବୌଦ୍ଧ,୮।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାଧାନଗରଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୌଦ୍ଧ ଆଦର୍ଶ ଥାନା ଅଧୀନ ରାଧାନଗର ଗାଁର ଲଳିତ ମୋହନ ସାହୁ (୬୫) ଓ ତାଙ୍କ ସ୍ତ୍ରୀ ପ୍ରଫୁଲ୍ଲ କୁମାରୀ ସାହୁ (୬୦)। ଉକ୍ତ ଦମ୍ପତି କୋଭିଡ୍ ଟିକା ନେବାକୁ ସାଇକେଲରେ ଯିବାବେଳେ ଏହି ଦୁର୍ଘଟଣା ଘଟିଛି।

ଗୁରୁବାର ପୂର୍ବାହ୍ନରେ ଲଳିତ ଓ ପ୍ରଫୁଲ୍ଲ କୋଭିଡ ଟିକା ନେବାକୁ ନିକଟସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କେନ୍ଦ୍ରକୁ ସାଇକେଲରେ ଯାଉଥିଲେ। ସେମାନେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅତିକ୍ରମ କରୁଥିବା ବେଳେ ବୌଦ୍ଧ ପଟୁ ପୁରୁଣାକଟକ ଆଡକୁ ଯାଉଥିବା ଏକ ଲୁହାଛଡ ବୋଝେଇ ଟାଟା ଏସିଇ ଗାଡ଼ି (ନଂ.ଓଡ଼ି୨୭/୮୯୬୧) ସାଇକେଲକୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉକ୍ତ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରଫୁଲ୍ଲ କୁମାରୀଙ୍କ ମୃତ୍ୟୁ ହୋଇଥିଲା। ଲଳିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ନେବା ବାଟରେ ତାଙ୍କର ମଧ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଗାଡି ଚାଳକ ରଙ୍କ ଅମାତଙ୍କୁ ଗାଁର ଏକ ଘରେ ରଖି ତାଲା ପକାଇ କରି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ହରଭଙ୍ଗା ତହସିଲଦାର ଶମ୍ଭୁ ପ୍ରସାଦ ମିଶ୍ର, ବୌଦ୍ଧ ଥାନାଧିକାରୀ ତପସ୍ୱିନୀ କହଁର ସେଠାକୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। କିନ୍ତୁ ଲୋକମାନେ କ୍ଷତିପୂରଣ ଦାବିରେ ଜିଦ୍ କରିବା ସହ ଗାଡି ଚାଳକଙ୍କୁ ଛାଡି ନ ଥିଲେ। ପରେ କ୍ଷତିପୂରଣ ବାବଦକୁ ଗାଡି ମାଲିକ ୭୦ ହଜାର, ଗାଡି ଚାଳକ ୩୦ ହଜାର ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ପରେ ଗ୍ରାମବାସୀ ଚାଳକଙ୍କୁ ଛାଡିଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ୨ ଶିକାରୀ ଗିରଫ: ମାରଣାସ୍ତ୍ର ଜବତ

ସଜନାଗଡ, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା କୁଲଡିହା ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ କୁଲଡ଼ିହା ବନବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଶିକାରୀ ଓ ନୀଳଗିରି ବନବିଭାଗ ତିନିକୋଶିଆ ଜଙ୍ଗଲରୁ ଆଉ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ ବନ୍ୟଜନ୍ତୁର ମାଂସ, ମାରଣାସ୍ତ୍ର ଓ ବାରୁଦ ଜବତ ହୋଇଛି। ରାତି ପ୍ରାୟ ୧ଟା ବେଳେ ଶିକାରୀମାନେ ଅଭୟାରଣ୍ୟକୁ ଶିକାର ପାଇଁ ଯାଇଥିଲେ। ଏହି ସମୟରେ କୁଲଡ଼ିହା-୧ ବିଟ୍ ଅନ୍ତର୍ଗତ ଖମାରିଆ ନିକଟରେ ପାଟ୍ରୋଲିଂ କରୁଥିବା ବନବିଭାଗକୁ ଦେଖି ଶିକାରୀମାନେ ଅନ୍ଧାର ରାତିର ସୁଯୋଗ ନେଇ ଛତ୍ରଭଙ୍ଗ ଦେଇଥିବା ବେଳେ ଜଣେ ଶିକାରୀ ଧରାପଡ଼ିଥିଲେ। ଗିରଫ ଶିକାରୀ ଜଣଙ୍କ ହେଲେ ବରହମପୁର ଥାନା ତିଆକଟା ଗ୍ରାମର କାର୍ତ୍ତିକ ସିଂ (୨୮)। ତାଙ୍କ ନିକଟରୁ ଗୋଟିଏ ମୃତ ଗୁରାଣ୍ଡି, ଗୋଟିଏ ମୃତ ମାଲୁହା, ଦୁଇଟି ଭୂଇଁ ପେଚା, ଗୋଟିଏ କତୁରୀ, ଗୋଟିଏ ଛୁରୀ, ଗୋଟିଏ ମୁଣ୍ଡ ବନ୍ଧା ଟର୍ଚ୍ଚଲାଇଟ୍, ଦିଆସିଲି, କଳା ବାରୁଦ ଜବତ ହୋଇଛି। ଏନେଇ କୁଲଡ଼ିହା ବନବିଭାଗରେ ଏକ ମାମଲା (ନଂ. ୧/୨୧-୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

# ପୂର୍ବତନ କାଉନସିଲରଙ୍କ ପୁଅଙ୍କୁ ହତ୍ୟା ଧମକ

## ବନ୍ଧୁକ, ମାରଣାସ୍ତ୍ର ସହ ୨ ଯୁବକ ଗିରଫ

ବାଲେଶ୍ୱର ଅଫିସ, ୮।୪

ବାଲେଶ୍ୱର ଟାଉନ ଥାନା ଅଧୀନ ମାଣିଖମ୍ବ ଅଞ୍ଚଳର ପୂର୍ବତନ କାଉନ୍‌ସିଲରଙ୍କ ପୁଅ ସରୋଜ କୁମାର ଲେଙ୍କାଙ୍କୁ ୨ଜଣ ଯୁବକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ଧମକ ଦେବା ସହ ଛାତିରେ ବନ୍ଧୁକ ଦେଖାଇ ମାରିବାକୁ ଧମକ ଦେଇଥିଲେ। ଟାଉନ ପୋଲିସ ପହଞ୍ଚି ଯୋଜନାକୁ ପଣ୍ଡ କରିବା ସହ ଗୋଟିଏ କାର୍‌ରୁ ଉଭୟଙ୍କୁ ଗିରଫ କରି ସେମାନଙ୍କଠାରୁ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି। ବୁଧବାର ସକାଳେ ସରୋଜ ମୀର୍ଜାପୋଖରୀ ନିକଟସ୍ଥ ବଜାରକୁ ମାଛ ଆଣିବା ପାଇଁ ଆସିଥିଲେ। ଗୋପାଳଗାଁ ଶ୍ରୀକଣ୍ଠପୁର ଅଞ୍ଚଳର ଚନ୍ଦନ ଜେନା ପୂର୍ବ ଶତ୍ରୁତାକୁ ନେଇ ସରୋଜଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଚନ୍ଦନଙ୍କ ସହଯୋଗୀ ମାଣିଖମ୍ବ ଅଞ୍ଚଳର ପ୍ରଦୀପ ମହାପାତ୍ର ସେଠାରେ ପହଞ୍ଚିଥିଲେ। ଉଭୟ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିବାରୁ ଚନ୍ଦନ ଓ ପ୍ରଦୀପ ଘଟଣାସ୍ଥଳରୁ ଏକ କାର୍‌ରେ ପଳାଇଥିଲେ। ଏନେଇ ସରୋଜ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୭୬/୨୧) ରୁଜୁ କରାଯାଇଛି। ବୁଧବାର ରେମୁଣା ଜାନୁଗଞ୍ଜ ଗୋଲେଇ ରାସ୍ତାରୁ ଟାଉନ ଥାନା ପୋଲିସ ଉକ୍ତ କାର୍ ସହ ଚନ୍ଦନ ଓ ପ୍ରଦୀପଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ସେମାନଙ୍କ ନିକଟରୁ ୨ ବନ୍ଧୁକ ଏବଂ ମାରାଣାସ୍ତ୍ର ଜବତ ହୋଇଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

# କୋର୍ଟରେ ହାଜର ହେଲେନି ପ୍ରଦୀପ, ପାଠକ ବାପ-ପୁଅ

## ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

ବ୍ରହ୍ମପୁର ଅଫିସ,୮।୪

ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ମାମଲାରେ ଗୁରୁବାର ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ ଓ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ, ପୁଅ ଆକାଶଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଭୁବନେଶ୍ୱରସ୍ଥିତ ଏସ୍‌ଡିଜେଏମ୍ ଏହି ୩ଜଣଙ୍କୁ ଅନୁମତି ଦେଲେ ନାହିଁ। ଫଳରେ ବ୍ରହ୍ମପୁରରୁ ଯାଇଥିବା ପୋଲିସ ଏସ୍କର୍ଟ ଟିମ୍ ନିରାଶ ହୋଇ ଫେରି ଆସିଛି। ଏଣୁ ଏହି ମାମଲାରେ ରିମାଣ୍ଡ ଲଗାଇବା ପାଇଁ ପୋଲିସ ପୁଣିଥରେ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ନେଇ ମାର୍ଚ୍ଚ ୨୪ରେ ବୈଦ୍ୟନାଥପୁର ଥାନାରେ ବିଧାୟକ ପ୍ରଦୀପ ଓ ପାଠକ ବାପ-ପୁଅଙ୍କ ନାମରେ କେସ୍ ନମ୍ବର ୮୧/୨୧ ରୁଜୁ ହୋଇଥିଲା। ଏହି ମାମଲାରେ ରିମାଣ୍ଡ ଲଗାଇବା ନିମନ୍ତେ ୩ ଜଣଙ୍କୁ ଝାରପଡ଼ା ଜେଲରୁ ବ୍ରହ୍ମପୁର ଆଣିବା ପାଇଁ ପୋଲିସ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। ଏସ୍‌ଡିଜେଏମ୍ ତାହା ମଞ୍ଜୁର କରିଥିଲେ। ହେଲେ ଭୁବନେଶ୍ୱର ଏସ୍‌ଡିଜେଏମ୍ ୩ ଜଣଙ୍କୁ ବ୍ରହ୍ମପୁର ପଠାଇବା ପାଇଁ ଗୁରୁବାର ଅନୁମତି ଦେଇ ନ ଥିଲେ ବୋଲି ବିଧାୟକ ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ୩ଦିନ ବନ୍ଦ

## ୫ ପଜିଟିଭ ଚିହ୍ନଟ

ଗୁଣପୁର,୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରୁ ୫ଜଣ କରୋନା ପଜିଟିଭ ଚିହ୍ନଟ ହେବାପରେ ଅନୁଷ୍ଠାନକୁ ୩ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି। ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନ୍ଦ କରିଛନ୍ତି। ଏହା ୧୦ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ବନ୍ଦ ଘୋଷଣା ପରେ ଉପଖଣ୍ଡ ପ୍ରଶାସନର ନିର୍ଦ୍ଦେଶରେ ଅଗ୍ନିଶମ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟକୁ ସାନିଟାଇଜ୍ କରାଯାଇଛି। ସୂଚନାଯୋଗ୍ୟ ପ୍ରଥମେ ୪ଛାତ୍ର ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ଉପଖଣ୍ଡ ପ୍ରଶାସନର ନିର୍ଦ୍ଦେଶରେ କଣ୍ଟାକ୍ଟ ଟ୍ରେସିଂ ସହ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଷ୍ଟାଫ୍‌ଙ୍କ କରୋନା ପରୀକ୍ଷା କରାଯାଇଥିଲା। ଏଥିରେ ଜଣେ ଅଧ୍ୟାପକ ମଧ ପଜିଟିଭ ଚିହ୍ନଟ ହୋଇଥିଲେ। ତେବେ ଅନ୍ୟ ସମସ୍ତଙ୍କ ରିପୋର୍ଟ ନେଗେଟିଭ ରହିଥିବା ଜଣାପଡ଼ିଛି।

# ସୋଲାର-ପବନ ଚାଳିତ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

## ରାଜ୍ୟରେ ପ୍ରଥମ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୮।୪ (ବି.ପ୍ର./ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ଖଣିଜ ପଦାର୍ଥ ଓ ପ୍ରଯୁକ୍ତି ପ୍ରତିଷ୍ଠାନ(ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ) ପକ୍ଷରୁ ରାଜ୍ୟର ପ୍ରଥମ ସୌର ଓ ପବନଚାଳିତ ଉନ୍ନତ ଜଳସେଚନ ପ୍ରକଳ୍ପ ଗୁରୁବାର ନବରଙ୍ଗପୁର ଜିଲାରେ ଲୋକାର୍ପିତ ହୋଇଛି। ତେନ୍ତୁଳିଖୁଣ୍ଟି ବ୍ଲକ୍ ପାତ୍ରପୁଟ ଗ୍ରାମରେ ୧୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ସାହାଯ୍ୟରେ ଦିନରେ ସୌରଶକ୍ତି ଏବଂ ରାତିରେ ପବନ ଦ୍ୱାରା ଜଳସେଚନ ହୋଇପାରିବ। ୩୪୦ ୱାଟ୍ କ୍ଷମତା ବିଶିଷ୍ଟ ସୌର ପ୍ୟାନେଲ ସାହାଯ୍ୟରେ ସୌରଶକ୍ତି ଦ୍ୱାରା ଗଭୀର ନଳକୂପରୁ ଜଳସେଚନ ବ୍ୟବସ୍ଥା ରହିଛି। ସେହିପରି ୩.୫ କିଲୋୱାଟ ବେଗରେ ପବନ ଟର୍ବାଇନ ଦ୍ୱାରା ଜଳସେଚନ ହୋଇପାରୁଛି। ପାତ୍ରପୁଟ ଗ୍ରାମର ଚାଷୀ ମୋହନ ରାଓଙ୍କ ଜମିରେ ଏହି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଏଭଳି ପ୍ରକଳ୍ପ ହୋଇଥିବାରୁ ଜିଲାର ଅନ୍ୟ ଚାଷୀଙ୍କୁ ମଧ ଏହା ଉତ୍ସାହିତ କରିବ ବୋଲି ଏମ୍‌ପି ଏବଂ ଜିଲାପାଳ କହିଛନ୍ତି। ଏହି ଅବସରରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ ଅଜିତ ମିଶ୍ର, ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ, ବିଡିଓ ପଦ୍ମନାଭ ତ୍ରିପାଠୀ, ଉଠା ଜଳସେଚନ ନିଗମର ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ତ୍ରିପାଠୀ, ବ୍ଲକ୍ ଅଧକ୍ଷା ଦେବକୀ ନାୟକ, ଉପାଧକ୍ଷ ତନୟ ସାଗର ନାୟକ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ପ୍ରଧାନ ବୈଜ୍ଞାନିକ ସତ୍ୟଜିତ ରଥ ଓ ସ୍ନେହାଶିଷ ବେହେରାଙ୍କ ସମେତ ପାତ୍ରପୁଟ ଗ୍ରାମର ଅନେକ ଚାଷୀ ଉପସ୍ଥିତ ଥିଲେ।

# ୩ ଅଭିଯୁକ୍ତ ଜେଲ ଗଲେ

ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ.ଏ.) ୮।୪

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଇମାମନଗରଠାରେ ସୂଚନା କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କୁ ବୋମା ମାଡ଼ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ଆଠଗଡ଼ ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଶିବାନୀ ବେହେରା(୧୯), ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ କୁଆଁରପୁର ଗ୍ରାମର ଶମ୍ଭୁନାଥ ନାୟକ(୩୨) ଓ ଢେଙ୍କାନାଳ ଜିଲା ଗନ୍ଦିଆ ଥାନା ଅଧୀନ ଷଣ୍ଢପଶି ପାଟଣା ଗ୍ରାମର କାଳିଆ ଦାସ(୨୮) । ସେମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୪୧/୨୯୪/୩୦୭/୩୪ ଆଇପିସି/ଆର/ଡବ୍ଲ୍ୟୁ/୩/୪/୫ ଇଏସ୍ ଆକ୍ଟରେ ଏକ ମାମଲା (ନଂ.୧୬୨/୨୧) ରୁଜୁକରାଯାଇଛି। ଗୁରୁବାର ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବେଆଇନ କଳାପଥର କାରବାର ଓ କ୍ରଶରକୁ ନେଇ ବୋମା ମାଡ ହୋଇଥିବା ସ୍ପଷ୍ଟ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଏସ୍‌ପି ରାହୁଲ ପି.ଆର. କହିଛନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେହୁରାଙ୍କ ଉପରକୁ ୪ଟି ବୋମା ମାଡ଼ ହୋଇଥିଲା। ସେତେବେଳେ ଅଭିଯୁକ୍ତମାନେ ଅଜଣା ଥିଲେ। ଏହି ଘଟଣାକୁ ପୋଲିସ ଗୁରୁତର ସହ ଗ୍ରହଣ କରି ଯାଜପୁର ରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଜୟରାମ ଶତପଥୀ ତଦନ୍ତ ପ୍ରକ୍ରିୟାକୁ ନିରୀକ୍ଷଣ କରିଥିଲେ। ଅଭିଯୁକ୍ତମାନେ ବିଭିନ୍ନ ବେଆଇନ କାରବାରରେ ଲିପ୍ତ ଥିଲେ। ତାହା ପୋଲିସ ଓ ପ୍ରଶାସନର ନଜରକୁ ଆସିଥିଲା । ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହି ଘଟଣାରେ ୩ ଜଣଙ୍କ ବ୍ୟତୀତ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଛି ଏନେଇ ତଦନ୍ତ ଚାଲିଛି । ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବେଆଇନ କଳାପଥର ଉତ୍ତୋଳନ କାରବାର ଉପରେ ବେହୁରା ବିଭିନ୍ନସ୍ତରରେ ଅଭିଯୋଗ କରିଛନ୍ତି। ପୋଲିସ ସେହି ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବରୁ ୨୦୧୭ ଡିସେମ୍ବରରେ ଜଣେ ଖବରଦାତାଙ୍କ ସମେତ ବେହୁରାଙ୍କୁ ଜୀବନରୁ ମାରିଦେବାକୁ ଖଣ୍ଡା ଧରି ଗୋଡାଇବା ଅଭିଯୋଗରେ ଶମ୍ଭୁନାଥ ଜେଲ ଯାଇଥିଲେ। ବାରମ୍ବାର ବେଆଇନ କାରବାର ଉପରେ ହସ୍ତକ୍ଷେପ କରୁଥିବା ବେହୁରାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ଉଙ୍କାରୀରେ କଳାପଥର ଉତ୍ତୋଳନ କରୁଥିବା ଜଣେ ପଥର ବ୍ୟବସାୟୀଙ୍କ ପ୍ରରୋଚନାରେ ବୋମାମାଡ଼ ଯୋଜନା ହୋଇଥିଲା। ଗନ୍ଦିଆରୁ ବୋମା ଆଣି ନିଛାଟିଆ ସ୍ଥାନରେ ରଖାଯାଇଥିଲା। ଘଟଣାଦିନ ଅଭିଯୁକ୍ତମାନେ ବୋମା ଧରି ବେହୁରାଙ୍କ ପିଛା କରିଥିଲେ। ସନ୍ଧ୍ୟା ସମୟରେ ବେହୁରା ଇମାମନଗର ଗାଁ ଭିତରକୁ ଯାଉଥିବା ସେମାନେ ଖବର ପାଇଥିଲେ। ଏହାପରେ ଇମାମନଗର ଛକ ନିକଟରେ ଛକି ବସିଥିଲେ। ବେହୁରା ତାଙ୍କ କାର୍‌ରେ ଫେରୁଥିବା ସମୟରେ ଅଭିଯୁକ୍ତମାନେ ବୋମା ମାଡ କରିଥିଲେ। ଏହି ବୋମା ମାଡରେ ବେହୁରାଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ।




ଏସ୍‌ପି ରାହୁଲ ପି.ଆର. ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

## ସୂଚନା କର୍ମୀ ସର୍ବେଶ୍ୱରଙ୍କ ଉପରକୁ ବୋମାମାଡ଼ ଘଟଣା

- ଅନ୍ୟମାନଙ୍କୁ ଗିରଫ ପାଇଁ ପୋଲିସ ପ୍ରସ୍ତୁତ
- କଳାପଥର, କ୍ରଶରକୁ ନେଇ ଆକ୍ରମଣ

ଧରିତ୍ରୀ
DHARITRI
ଶୁକ୍ରବାର, ୯ ଏପ୍ରିଲ , ୨୦୨୧



କଥାରେ ଅଛି ଯଦି ଦୃଢ ମନୋବଳ ଅଛି, ତେବେ ଦୁନିଆର କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଏହି କଥା ସଦ୍ୟ ଉଦାହରଣ ହେଉଛନ୍ତି ହରଭିନ୍ଦର କୌର। କମ ଉଚ୍ଚତା ଯୋଗୁ ତାଙ୍କୁ ଅନେକ ସମୟରେ ଲୋକଙ୍କର ଟାର୍ଗେଟରେ ରହିବାକୁ ପଡୁଥିଲା। ଏବେ କିନ୍ତୁ ନିଜ କର୍ମ ଜରିଆରେ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ୨୪ ବର୍ଷୀୟା ହରଭିନ୍ଦରଙ୍କ ଉଚ୍ଚତା ମାତ୍ର ୩ ଫୁଟ, ୧୧ ଇଞ୍ଚ। କିନ୍ତୁ ଏହାକୁ ସେ ନିଜ ଲକ୍ଷ୍ୟର ପଥରେ ଆସିବାକୁ ଦେଇ ନ ଥିଲେ। ନିଜ ପରିଶ୍ରମ ଜରିଆରେ କେବଳ ତାଙ୍କ ସ୍ୱପ୍ନକୁ ପୂରଣ କରି ନ ଥିଲେ, ବରଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।



## ‘ଭଦ୍ରଲୋକ’ଙ୍କ ପତିଆରା ଶେଷ

# ନୂଆ ମୋଡ଼ରେ ବଙ୍ଗ ରାଜନୀତି

**ପଶ୍ଚିମବଙ୍ଗ ରାଜନୀତିରେ ଦୀର୍ଘଦିନ ଧରି ରହିଥିବା ‘ଭଦ୍ରଲୋକ’ଙ୍କ ପତିଆରା ହ୍ରାସ ପାଇଛି। ସମୟକ୍ରମେ ରାଜନୈତିକ ସମୀକରଣ ନୂଆ ଦିଗ ଖୋଜି ସାରିଥିବାବେଳେ ଦୀର୍ଘଦିନ ଧରି ଶାସନ କଳକୁ କବ୍‌ଜାରେ ରଖିଥିବା ‘ଭଦ୍ରଲୋକ’ ଏବେ ଇତିହାସ ପାଲଟିବାକୁ ବସିଥିବା ଚର୍ଚ୍ଚା ଆରମ୍ଭ ହୋଇଛି।**

**କୋଲକାତା:** ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରଖ୍ୟାତ ଉପନ୍ୟାସ ‘ନଷ୍ଟନୀଡ଼’ ଆଧାରରେ ଚଳଚ୍ଚିତ୍ର ନିର୍ମାତା ସତ୍ୟଜିତ୍ ରାୟ ଦର୍ଶକଙ୍କୁ ଭେଟି ଦେଇଥିଲେ ପ୍ରସିଦ୍ଧ ସିନେମା ‘ଚାରୁଲତା’। ଏହି ସିନେମାର ମୁଖ୍ୟଚରିତ୍ର ଚାରୁ ଏବଂ ଭୂପତିଙ୍କ ମାଧ୍ୟମରେ ସେ ଦର୍ଶାଇଥିଲେ ଭଦ୍ରଲୋକଙ୍କ ଜୀବନଶୈଳୀ ଏବଂ ଭୂମିକା, ଯାହା ବଙ୍ଗ ଜାଗରଣକୁ ଦେଇଥିଲା ରାହା। ୨୦୨୧ରେ ପଶ୍ଚିମବଙ୍ଗ ନିର୍ବାଚନ ଉପରେ ସାରା ଦେଶର ନଜର ଥିବାବେଳେ ପୁଣି ଥରେ ଚର୍ଚ୍ଚାର ପରିଧିକୁ ଆସିଛନ୍ତି ‘ଭଦ୍ରଲୋକ’।



ଦେଶର ଅନ୍ୟରାଜ୍ୟର ସମ୍ଭ୍ରାନ୍ତ ବର୍ଗ ଭଳି ପଶ୍ଚିମବଙ୍ଗ ରାଜନୀତିରେ ‘ଭଦ୍ରଲୋକ’ଙ୍କ ପତିଆରା ଖୁବ୍ ବେଶି। କେବଳ ରାଜନୀତି ନୁହେଁ, କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ବିକାଶରେ ମଧ୍ୟ ଏହି ଗୋଷ୍ଠୀ ଛାପ ଛାଡ଼ିଛନ୍ତି। ସାଧାରଣ ଭାବେ ‘ଭଦ୍ରଲୋକ’ ହେଉଛନ୍ତି ନିର୍ବିବାଦୀୟ। ସ୍ୱଭାବରେ ଶାଳୀନ। ସଂସ୍କାରରେ ମାର୍ଜିତ। ସଂଖ୍ୟାଦୃଷ୍ଟିରୁ କମ୍ ହୋଇଥିଲେ ମଧ୍ୟ ବଙ୍ଗରେ ଏମାନଙ୍କ ପ୍ରଭାବ ଅଧିକ। ଏକ ରିପୋର୍ଟ ଅନୁଯାୟୀ, ଦେଶ ସ୍ୱାଧୀନତା ପରେ ପଶ୍ଚିମବଙ୍ଗ ରାଜନୀତିରେ ବ୍ରାହ୍ମଣ, ବୈଶ୍ୟ ଏବଂ କାୟସ୍ଥଙ୍କ ଭଳି ଉଚ୍ଚ ଜାତିର ଲୋକଙ୍କ ଭିତରୁ ହାରାହାରି ୨୦% ଥିଲେ ‘ଭଦ୍ରଲୋକ’। ଏହି ଗୋଷ୍ଠୀରେ ଅନ୍ୟ ସଭ୍ୟ ସମାଜର ବ୍ୟକ୍ତିବିଶେଷ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ପ୍ରାରମ୍ଭରେ ଏହି ଗୋଷ୍ଠୀକୁ ବାଂଲାଦେଶୀ ଶରଣାର୍ଥୀ ଭାବେ ବିବେଚନା କରାଯାଉଥିଲା। ଆର୍ଥିକସ୍ଥିତିରୁ ସେମାନେ ସ୍ୱଚ୍ଛଳ ନ ଥିଲେ। ୧୯୫୦ ପରବର୍ତ୍ତୀ ସମୟରେ ‘ଭଦ୍ରଲୋକ’ ଗୋଷ୍ଠୀ ନିଜ ମାନସିକତା ଅନୁଯାୟୀ କଂଗ୍ରେସ, ବାମ ଏବଂ ମାଓବାଦୀ ବିଚାରଧାରାକୁ ଆପଣାଇଲେ। ଏକଦା ଶୀର୍ଷସ୍ତରୀୟ ‘ଭଦ୍ରଲୋକ’ଙ୍କ ସହିତ ମାଓବାଦୀଙ୍କ ସମ୍ପର୍କ ରହିଥିବା ମଧ୍ୟ ନଜିର ରହିଛି। ସମୟକ୍ରମେ ଏହି ଭଦ୍ରଲୋକ ଅର୍ଥ ବ୍ୟବସ୍ଥା ନୁହେଁ, ବରଂ ବୁଦ୍ଧିମତ୍ତା ସହ ସମ୍ପର୍କିତ ଗୋଷ୍ଠୀ ଭିତରେ ସୀମିତ ହୋଇ ରହିଯାଇଛନ୍ତି।

ବଙ୍ଗଳାର ସମାଜ ଏବଂ ସଂସ୍କୃତିକୁ ନେଇ ବହୁ ପୁସ୍ତକ ରଚନା କରିଥିବା ବିଖ୍ୟାତ ଲେଖକ ଦେବରାଜ ଭଟ୍ଟାଚାର୍ଯ୍ୟ କୁହନ୍ତି, ଭୂମି ସୁଧାର ଆଇନ ହେଉ କି ଜମିଦାରି ପ୍ରଥା ଉଚ୍ଛେଦ ଅଥବା ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ, ସବୁଥିରେ ଭଦ୍ରଲୋକ ଗୋଷ୍ଠୀ ଆଗଧାଡ଼ିରେ ଥିଲେ। ହେଲେ ରାଜନୈତିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ସେମାନେ ଏବେ ବାଣ୍ଟି ହୋଇଯାଇଛନ୍ତି। ଏବେ ସେମାନଙ୍କୁ ମାଓବାଦୀ ଭଦ୍ରଲୋକ, କଂଗ୍ରେସୀ ଭଦ୍ରଲୋକ, ସିପିଆଇଏମ୍ ଭଦ୍ରଲୋକ ବୋଲି ପରିଚୟ ଦିଆଗଲାଣି। ଏହି ଗୋଷ୍ଠୀ ପଶ୍ଚିମବଙ୍ଗରେ ସରକାର ଗଢ଼ିଛନ୍ତି ଏବଂ ଭାଙ୍ଗିଛନ୍ତି ମଧ୍ୟ। ହେଲେ ଏବେ ସ୍ଥିତି ଭିନ୍ନ। ଧୀରେ ଧୀରେ ଏମାନଙ୍କ ପ୍ରଭାବ ଓ ପତିଆରା କମିବାରେ ଲାଗିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଶାସନ ବିରୋଧରେ ମମତା ବାନାର୍ଜୀଙ୍କୁ ସମର୍ଥନ ଦେଉଥିବା ବଙ୍ଗାଳୀ ଭଦ୍ରଲୋକ କ୍ରମାଗତ ଭାବେ ନିଜର ଜୀବନଶୈଳୀରେ ଉନ୍ନତି ଆଣିପାରିଛନ୍ତି। ତେବେ ବଙ୍ଗାଳୀ ସଂସ୍କୃତିର ସଂରକ୍ଷଣରେ ଯୋଗଦାନ ପାଇଁ ଏକଦା ସ୍ୱତନ୍ତ୍ର ସ୍ଥାନ ହାସଲ ଏହି ଗୋଷ୍ଠୀଙ୍କ ଗୌରବ ଅନେକାଂଶରେ ହ୍ରାସ ପାଇଗଲାଣି।

ବଙ୍ଗର ଗ୍ରାମାଞ୍ଚଳରେ ପଛୁଆ ବର୍ଗମାନେ ସଚେତନ ହେଲେଣି। ସେମାନଙ୍କୁ ନେଇ ନୂଆ ରାଜନୀତି ଆରମ୍ଭ ହୋଇଛି। ରାଜନୀତିରେ ଧର୍ମ ପ୍ରମୁଖ ପ୍ରସଙ୍ଗ ଭାବେ ଉଭାହୋଇଛି। ତେଣୁ ନୂଆ ନେତାଙ୍କୁ ନୂଆ ବ୍ୟବସ୍ଥା ସହ ସମ୍ମୁଖୀନ ହେବାକୁ ପଡୁଛି। ସବୁଠାରୁ ବଡ଼କଥା ମମତା ବାନାର୍ଜୀଙ୍କ ଶାସନର ମଙ୍ଗ ଯେଉଁ ଭଦ୍ରଲୋକ ଗୋଷ୍ଠୀ ଧରିଥିଲେ, ସେମାନଙ୍କୁ ଆଧାର କରି ଏବେ ଭାଜପା ତୃଣମୂଳ କଂଗ୍ରେସକୁ ଚଳିତ ନିର୍ବାଚନରେ କଡ଼ା ଟକ୍କର ଦେଉଛି। ପଛୁଆ ଜାତିର ଲୋକେ ରାଜନୀତିର ମଙ୍ଗ ସମ୍ଭାଳିବା ପରେ ପଶ୍ଚିମବଙ୍ଗରେ ସାଂସ୍କୃତିକ ଏବଂ ରାଜନୈତିକ କ୍ଷେତ୍ରରେ ଭଦ୍ରଲୋକଙ୍କ ପତିଆରା ବେଶ୍ ସଙ୍କୁଚିତ ହୋଇପଡ଼ିଛି। ଏହା ବଙ୍ଗ ରାଜନୀତିରେ ନୂଆ ମୋଡ଼ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।



# ଲୁଟେ କୋଇ ମନ୍ କା ନଗର...

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜୟା ବଚ୍ଚନଙ୍କୁ ଶୁକ୍ରବାର ୭୩ ବର୍ଷ ପୂରଣ ହୋଇଛି। ସେ ୧୯୪୮ ଏପ୍ରିଲ ୯ରେ ଜବଲପୁରଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ଜୟା ଭାଦୁରି ଥିଲା। ୧୯୬୩ରେ ସେ ସତ୍ୟଜିତ୍ ରାୟଙ୍କ ଫିଲ୍ମ ମହାନଗରରେ ଅଭିନୟ କରିଥିଲେ। ଏହାପରେ ୧୯୭୧ରେ ହୃଷିକେଶ ମୁଖାର୍ଜୀଙ୍କ ହିନ୍ଦୀ ଫିଲ୍ମ ଗୁଡ୍ଡିରେ ସେ ନିଜ ଅଭିନୟ ଦ୍ୱାରା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିଲେ। ସେହିବର୍ଷ ଉପହାରରେ ଫିଲ୍ମରେ ସେ ଅଭିନୟ କରିଥିଲେ। ଏହାପରେ କୋସିସ, କୋରାକାଗଜ, ଅଭିମାନ, ଚୁପ୍‌କେ ଚୁପ୍‌କେ, ମିଲି, ଶୋଲେ, ନୌକର, ସିଲ୍‌ସିଲା ଆଦି ଫିଲ୍ମରେ ଅଭିନୟ କରି ବେଶ୍ ସଫଳ ରହିଥିଲା। ଅଭିମାନ ଫିଲ୍ମର ଲୁଟେ କୋଇ ମନ୍ କା ନଗର... ଏବଂ ତେରେ ମେରେ ମିଲନ କି ଏ ରୈନା... ଗୀତ ଏବେ ମଧ୍ୟ ସଭିଙ୍କ ମନକୁ ଭାବୁକ କରିଥାଏ। ଗୁଡ୍ଡି ଶୁଟିଂ ସେଟରେ ଅମିତାଭ ବଚ୍ଚନଙ୍କ ସହିତ ଜୟାଙ୍କର ପ୍ରଥମ ସାକ୍ଷାତ୍ ହୋଇଥିଲା। ଏହାପରେ ଦୁଇଜଣଙ୍କ ମଧ୍ୟରେ ପରିଚୟରୁ କଥାବାର୍ତ୍ତା ଏବଂ ପରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଦୁଇ ପରିବାର ମଧ୍ୟରେ ଆଲୋଚନା ପରେ ୧୯୭୩ ଜୁନ ୩ରେ ବିବାହ ହୋଇଥିଲା। ବିବାହରେ ଗୁଲଜାରଙ୍କ ସମେତ ମାତ୍ର ୫ ଜଣ ବରଯାତ୍ରୀ ଥିଲେ। ବିବାହ ଉତ୍ସବରେ ଅଭିନେତା ଆସରାନୀ ଏବଂ ଅଭିନେତ୍ରୀ ଫରିଦା ଜଲାଲ ମଧ୍ୟ ସାମିଲ ହୋଇଥିଲେ। ସେହି ସମୟରେ ଅମିତାଭଙ୍କ ଫିଲ୍ମ ଜଞ୍ଜିର ସୁପର ହିଟ୍ ହୋଇଥିଲା। ତେଣୁ ବିବାହ ପରେ ଅମିତାଭ ଜୟାଙ୍କ ସହିତ ଲଣ୍ଡନ ବୁଲି ଯିବାର କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ଆଗୁଆ ଟିକେଟ ହୋଇଥିବାରୁ ତରବରିଆ ଭାବେ ବିବାହ ଆୟୋଜନ କରାଯାଇଥିଲା।

# ଦେହସାରା ବ୍ୟାଣ୍ଡେଜ ବାନ୍ଧି ବିବାହ



**ଜାକର୍ତ୍ତା:** ବିବାହରେ ବର କନ୍ୟା ବିଳାସପୂର୍ଣ୍ଣ ଦାମିକା ପୋଷାକ ପିନ୍ଧିଥାନ୍ତି। ଦେହସାରା ବ୍ୟାଣ୍ଡେଜ୍ ବାନ୍ଧି ବିବାହ କରିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏଭଳି ଏକ ଘଟଣା ଇଣ୍ଡୋନେସିଆରେ ଘଟିଛି। ଜଣେ ଯୁବକ ବିବାହରେ ଦେହରେ ବ୍ୟାଣ୍ଡେଜ୍ ଗୁଡ଼ାଇ ହୋଇ ପହଞ୍ଚିଛନ୍ତି। ପୂର୍ବ ଜାଭା ଅଞ୍ଚଳରେ ବାସ କରୁଥିବା ସୁପ୍ରାପ୍ତୋ ନାମକ ଯୁବକଙ୍କର ବିବାହର ୪ ଦିନ ପୂର୍ବରୁ ଦୁର୍ଘଟଣା ଘଟିଥିଲା। ଏଥିରେ ତାଙ୍କର ହାତ ଭାଙ୍ଗିଯିବା ସହିତ ଦେହ ଖଣ୍ଡିଆ ଖାବରା ହୋଇଯାଇଥିଲା। ତେବେ ପୂର୍ବରୁ ବିବାହ ଦିନ ଧାର୍ଯ୍ୟ ହୋଇଥିବାରୁ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ କେବଳ ଶର୍ଟସ୍ ପିନ୍ଧି ଦେହରେ ବ୍ୟାଣ୍ଡେଜ ଗୁଡ଼ାଇ କନ୍ୟା ଘରେ ପହଞ୍ଚିଥିଲେ। କନ୍ୟା ଇଲିଣ୍ଡା ଡିଓ୍ୱି କ୍ରିଷ୍ଟିଆନି ଅତି ସୁନ୍ଦର ଭାବେ ବିବାହ ପୋଷାକ ପିନ୍ଧିଥିବାବେଳେ ତାଙ୍କ ନିକଟରେ ବସିଥିବା ବର ସୁପ୍ରାପ୍ତୋଙ୍କ ଅବସ୍ଥା ଦୟନୀୟ ଥିଲା। ବିବାହର ଏହି ଫଟୋକୁ ଏପ୍ରିଲ୍ ୨ରେ ଜଣେ ୟୁଜର ଟୁଇଟରରେ ଅପଲୋଡ କରିଥିଲେ। ମାତ୍ର ଘଣ୍ଟାକ ମଧ୍ୟରେ ଏହାକୁ ସାଢ଼େ ୧୪ ହଜାର ଲାଇକ୍ ମିଳିଥିଲା। ଏବେ ଏହା ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

# ପିଲାବେଳୁ ଆକ୍ସନ ସିନ୍ ପସନ୍ଦ



**ଚେନ୍ନାଇ:** ସାଉଥ ଫିଲ୍ମ ଷ୍ଟାର୍ ଆଲୁ ଅର୍ଜୁନଙ୍କୁ ଗୁରୁବାର ୩୮ବର୍ଷ ପୂରଣ ହୋଇଛି। ସେ ୧୯୮୩ ଏପ୍ରିଲ ୮ରେ ଚେନ୍ନାଇଠାରେ ଜନ୍ମଗ୍ରହଣ କରିଥିଲେ। ଛୋଟ ପିଲା ଥିବାବେଳେ ସେ ଫିଲ୍ମରେ ଅଭିନୟ କରିବା ଆରମ୍ଭ କରିଥିଲେ। ୨୦୦୧ରେ ଜଣେ ଶିଶୁ କଳାକାର ଭାବେ ସେ ବିଜେଥା ଏବଂ ଡାଡ଼ିରେ ଅଭିନୟ କରିଥିଲେ। ୨୦୦୩ରେ ଗଙ୍ଗୋତ୍ରୀ ଫିଲ୍ମରେ ସେ ଡେବ୍ୟୁ କରିଥିଲେ। ଏହାପରେ ୨୦୦୪ରେ ଆରୟା, ୨୦୦୫ରେ ବୁନ୍ନି, ୨୦୦୬ରେ ହାପି,୨୦୦୭ରେ ଦେଶାମୁଦୁରୁରେ ଅଭିନୟ କରି ବେଶ୍ ଖ୍ୟାତି ହାସଲ କରିପାରିଥିଲେ। ୨୦୦୮ରେ ପାରୁଗୁ, ୨୦୦୯ରେ ଆରୟା-୨, ୨୦୧୦ରେ ଭେଦମ୍ ଏବଂ ଭାରୁଦୁ, ୨୦୧୧ରେ ବଦ୍ରିନାଥ, ୨୦୧୪ରେ ଗୁରୁମ୍, ୨୦୧୫ରେ ରୁଦ୍ରମାଦେବୀ, ୨୦୧୬ରେ ସାରିନୋଡୁ,୨୦୧୭ରେ ଦୁଭାଦା ଜଗନ୍ନାଦହମ୍ ଫିଲ୍ମରେ ଅଭିନୟ କରିଥିଲେ। ୨୦୧୨ରେ ତାଙ୍କ ଅଭିନୀତ ଫିଲ୍ମ ଜୁଲାୟି ବକ୍ସ ଅଫିସ୍‌ରେ ୧୦୦ କୋଟି ଟଙ୍କାର କାରବାର କରିଥିଲା। ସେହିପରି ୨୦୧୫ରେ ସନ୍ ଅଫ୍ ସତ୍ୟମୂର୍ତ୍ତି ବେଶ୍ ସଫଳ ରହିଥିଲା। ୨୦୨୦ରେ ତାଙ୍କର ଫିଲ୍ମ ଭାଲକୁନ୍ଥାପୁରାମୁଲୁ ବକ୍ସ ଅଫିସ୍‌ରେ ହିଟ୍ ହେବା ସହିତ ୨୬୨ କୋଟିରୁ ଅଧିକ ଟଙ୍କାର କାରବାର କରିବାକୁ ସକ୍ଷମ ହୋଇଥିଲା। ଦାମୀ କାର୍ ଚଳାଇବା ତାଙ୍କର ସୌକ। ଏବେ ତାଙ୍କ ପାଖରେ ବହୁ ନାମୀଦାମୀ କମ୍ପାନୀର କାର୍ ରହିଛି। ଏହାସହିତ ଆଲୁଙ୍କ ପାଖରେ ବହୁମୂଲ୍ୟ ପ୍ରାସାଦ, ଅନେକ ସ୍ଥାବର ତଥା ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ମୋଟ ସମ୍ପତ୍ତି ପରିମାଣ ୩୬୨ କୋଟି ଟଙ୍କା। ସେ ରୋମାଣ୍ଟିକ ଭୂମିକାରେ ଅଭିନୟ କରିବା ତୁଳନାରେ ଆକ୍ସନ ସିନ କରିବାକୁ ବେଶି ପସନ୍ଦ କରନ୍ତି। ସାଉଥ ସୁପରଷ୍ଟାର ଚୀରଞ୍ଜିବୀଙ୍କର ସେ ଭଣଜା। ୨୦୧୧ରେ ଆଲୁ ସ୍ନେହା ରେଡ୍ଡୀଙ୍କୁ ବିବାହ କରିଥିଲେ।

# ପରସ୍ପରକୁ ଡିଜିଟାଲରେ ରିଙ୍ଗ୍ ପିନ୍ଧାଇଲେ ଦମ୍ପତି



**ଲସ୍‌ଆଞ୍ଜେଲସ୍:** ଆମେରିକାର କାଲିଫର୍ନିଆ ରାଜ୍ୟରେ ଏକ ଭିନ୍ନ ବିବାହ ଦେଖିବାକୁ ମିଳିଛି। ଏଠାରେ ଏକ ଦମ୍ପତି ରେବେକୋ ରୋଜ ଏବଂ ପିଟର କାଚେରଗିନସ୍କି ଆମେରିକାର କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜ ପ୍ଲାଟଫର୍ମରେ କାମ କରନ୍ତି। ଉଭୟ ଗତ ୧୪ ତାରିଖରେ ପରସ୍ପରଙ୍କୁ ଡିଜିଟାଲ ରିଙ୍ଗ୍ ପିନ୍ଧାଇଛନ୍ତି, ଯାହାକି ଏନ୍‌ଏଫ୍‌ଟି (ନନ୍ ଫଙ୍ଗେବୁଲ ଟୋକନ) ରୂପେ ଥିଲା। ରେବୋକୋ ଟୁଇଟରରେ ଜଣାଇଛନ୍ତି ଯେ, ଏହି ମୁଦି ଏକ ବ୍ଲାକଚେନ୍ ଭାବେ ରହିଛି, ଯାହାଫଳରେ ଦୁନିଆରେ କେହି ବି ବ୍ୟକ୍ତି ସେମାନଙ୍କ ଭଲପାଇବାକୁ ଜାଣିପାରିବ। ଏହି ମୁଦି ବର୍ତ୍ତମାନ ପରସ୍ପରର କ୍ରିପ୍ଟୋକରେନ୍ସି ୱାଲେଟରେ ରହିଛି। ଏହି ବିବାହରେ କେବଳ ଉଭୟଙ୍କ ରିଙ୍ଗ ନୁହେଁ ବରଂ ଉଭୟ ଭର୍ଚୁଆଲି ଶପଥ ନେଇଛନ୍ତି। ଆହୁରି ମଧ୍ୟ ରେବୋକୋ କହିଛନ୍ତି ଯେ, ଯେହେତୁ ଉଭୟ କ୍ୱାଇନବେସ୍‌ରେ କାମ କରୁଛନ୍ତି ତେଣୁ ବିବାହ କଣ୍ଟ୍ରାକ୍ଟ ମଧ୍ୟ ଉପସ୍ଥିତ ରହିଛି।

ସମସ୍ତ ବିଷୟକୁ ବ୍ୟକ୍ତିଗତ କରିବା ପାଇଁ ଏହି ଏନ୍‌ଏଫ୍‌ଟିର ନାମ ‘ଟବାତ’ ରହିଛି। ହିବ୍ରୁ ଭାଷାରେ ଏହାର ଅର୍ଥ ରିଙ୍ଗ୍ ଅଟେ। ଏଥିରେ ଏକ ଭିଡିଓ ମଧ୍ୟ ରହିଛି, ଯେଉଁଥିରେ ଉଭୟ ଶପଥ ନେଉଥିବା ଦେଖିବାକୁ ମିଳୁଛି। ତାଙ୍କର ଏହି ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକମାନେ ଏହି ପୋଷ୍ଟକୁ ରିଟୁଇଟ୍ ମଧ୍ୟ କରୁଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**GOVT. APPROVED HINDUSTAN TELECOM**
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ
T&C
ଅଗ୍ରିମ: 60 ଲକ୍ଷ | କମ୍ପାନୀ ତରଫରୁ
ଭଡ଼ା: 50 ହଜାର | ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

**EASY FINANCE**
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in “ EASY FINANCE ”
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View, Ph: 0674-3561582, 0674-3569237
Website www.easyfinance.org.in

| | |
|---|---|
| Bhubaneswar | : 8093095943, 8093095941 |
| Nayagarh | : 8093095930 |
| Khurda | : 8093095931, 8093095935, 8093095940 |
| Jagatsinghpur | : 8093095932, 8093095934 |
| Puri | : 8093095936, 8093095957 |

REST OF ODISHA (RM) 7077318777

**ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ**
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଅରୁଣ କୁମାର ରାୟ**
ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୫୩
ତିରୋଧାନ: ୩୦।୦୩।୨୦୨୧ (ଚୈତ୍ରମାସ, ମଙ୍ଗଳବାର)
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
ଆପଣଙ୍କ
ପତ୍ନୀ, ପୁତ୍ର, କନ୍ୟା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୦୪୨୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୋନାଲି ଦେଓ (ଟୋନି)**
ବି.ଜେ. ୨୯, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ: ୦୯।୦୩।୧୯୭୫
ତିରୋଧାନ: ୦୯।୦୪।୧୯୯୮
କାଲି ପରି ଲାଗୁଛି ଚାହୁଁ ଚାହୁଁ ୨୩ବର୍ଷ ବିତିଗଲା। ତୁ ଆମକୁ ଏପରି ଅସମୟରେ ଛାଡ଼ି ଚାଲିଯିବୁ ବୋଲି ଆମେ ସ୍ୱପ୍ନରେ ଭାବି ନଥିଲୁ। ‘‘ଜାତସ୍ୟ ହି ଧ୍ରୁବ ମୃତ୍ୟୁ’’ ଯେ ଏତେ କଠିନ ସତ୍ୟ ଆମେ ତୋର ସେ ଅଭୁଲାସ୍ମୃତିକୁ ପାଥେୟ କରି ବଞ୍ଚି ରହିଛୁ। ତୁ ଯେଉଁଠି ଥା ପଛେ ଆମରି ଆଶୀର୍ବାଦ ସବୁବେଳେ ତୋ ଉପରେ ଅଛି।
ତୋର ଅଭୁଲା ବାପା, ମା ଓ ପରିବାରବର୍ଗ। ବାପା: କୁଳମଣି ଦେଓ, ମା: ପ୍ରମିଳା ଦେଓ।
ଧ-୨୦୪୫୬

# କୋହଲି-ରୋହିତ ଉଦ୍‌ଘାଟନୀ ମୁକାବିଲା

## ପରିସଂଖ୍ୟାନ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୪ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେଉଛି। କୋଭିଡ୍-୧୯ କଟକଣା ପାଇଁ ଏଥର ଷ୍ଟାଡିୟମକୁ ଦର୍ଶକ ଅନୁମତି ନ ଥିଲେ ହେଁ ବିଶ୍ୱର ସବୁଠାରୁ ଏହି ବ୍ୟୟବହୁଳ ଲିଗ୍ ଏଥର ମଧ୍ୟ ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ହେବା ଆଶା। ଫଟାଫଟ କ୍ରିକେଟର ମଜା ଦେଉଥିବା ଏହି ଟି୨୦ ଲିଗ୍ ଆରମ୍ଭ ପୂର୍ବରୁ କେତେକ ପରିସଂଖ୍ୟାନ ନିମ୍ନରେ ପ୍ରଦତ୍ତ ହେଲା।

### ସର୍ବାଧିକ ରନ ସ୍କୋରର

- ବିରାଟ କୋହଲି (ଆରସିବି): ୫୮୭୮
- ସୁରେଶ ରାଇନା (ସିଏସ୍‌କେ): ୫୩୬୮
- ଡେଭିଡ ୱାର୍ନର (ଏସ୍‌ଆରଏଚ୍): ୫୨୫୪
- ରୋହିତ ଶର୍ମା (ଏମ୍‌ଆଇ): ୫୨୩୦
- ଶିଖର ଧାୱନ (ଡିସି): ୫୧୯୭

### ସର୍ବାଧିକ ଶତକ

- କ୍ରିସ୍ ଗେଲ୍ (ପଞ୍ଜାବ କିଙ୍ଗ୍ସ): ୬
- ବିରାଟ କୋହଲି (ଆରସିବି): ୫
- ଡେଭିଡ ୱାର୍ନର (ଏସ୍‌ଆରଏଚ୍): ୪
- ଶେନ୍ ୱାଟସନ (ସିଏସ୍‌କେ/ଅବସରପ୍ରାପ୍ତ): ୪
- ଏବି ଡି'ଭିଲର୍ସ (ଆରସିବି): ୩

### ସର୍ବାଧିକ ଅର୍ଦ୍ଧଶତକ

- ଡେଭିଡ ୱାର୍ନର (ଏସ୍‌ଆରଏଚ୍): ୪୮
- ଶିଖର ଧାୱନ (ଡିସି): ୪୧
- ରୋହିତ ଶର୍ମା (ଏମ୍‌ଆଇ): ୩୯
- ବିରାଟ କୋହଲି (ଆରସିବି): ୩୯
- ସୁରେଶ ରାଇନା (ସିଏସ୍‌କେ): ୩୮

### ସର୍ବାଧିକ ଛକା

- କ୍ରିସ୍ ଗେଲ୍ (ପଞ୍ଜାବ କିଙ୍ଗ୍ସ): ୩୪୯
- ଏବି ଡି'ଭିଲର୍ସ (ଆରସିବି): ୨୩୫
- ମହେନ୍ଦ୍ର ସିଂ ଧୋନୀ (ସିଏସ୍‌କେ): ୨୧୬
- ରୋହିତ ଶର୍ମା (ଏମ୍‌ଆଇ): ୨୧୩
- ବିରାଟ କୋହଲି (ଆରସିବି): ୨୦୧

### ସର୍ବାଧିକ ଚୌକା

- ଶିଖର ଧାୱନ (ଡିସି): ୫୯୧
- ଡେଭିଡ ୱାର୍ନର (ଏସଆରଏଚ୍): ୫୧୦
- ବିରାଟ କୋହଲି (ଆରସିବି): ୫୦୩
- ସୁରେଶ ରାଇନା (ସିଏସ୍‌କେ): ୪୯୩
- ଗୌତମ ଗମ୍ଭୀର (କେକେଆର/ଅବସର): ୪୯୧

### ସର୍ବାଧିକ ଷ୍ଟ୍ରାଇକ୍‌ରେଟ୍

- ଆନ୍ଦ୍ରେ ରସେଲ (କେକେଆର) ୧୮୨.୩୩
- ନିକୋଲସ ପୁରନ (ପଞ୍ଜାବ କିଙ୍ଗ୍ସ) ୧୬୫.୩୯
- ସୁନୀଲ ନାରିନ (କେକେଆର) ୧୬୪.୨୭
- ହାର୍ଦ୍ଦିକ ପାଣ୍ଡ୍ୟା (ଏମ୍‌ଆଇ) ୧୫୯.୨୬
- ମୋଇନ୍ ଅଲୀ (ସିଏସ୍‌କେ) ୧୫୮.୪୬

### ସର୍ବାଧିକ ବ୍ୟକ୍ତିଗତ ସ୍କୋର

- କ୍ରିସ୍ ଗେଲ୍ (ପଞ୍ଜାବ କିଙ୍ଗ୍ସ): ୧୭୫ ରନ, ୬୬ ବଲ୍, ଆରସିବି ବନାମ ପିଡବ୍ଲ୍ୟୁଆଇ
- ବ୍ରେଣ୍ଡନ ମ୍ୟାକ୍‌କୁଲମ (କେକେଆର): ୧୫୮ ରନ, ୭୩ ବଲ ବନାମ ଆରସିବି
- ଏବି ଡି'ଭିଲର୍ସ (ଆରସିବି): ୧୩୩ ରନ, ୫୯ ବଲ, ବନାମ ମୁମ୍ବାଇ ଇଣ୍ଡିଆନ୍ସ
- ଲୋକେଶ ରାହୁଲ (ପଞ୍ଜାବ କିଙ୍ଗ୍ସ): ୧୩୨ ରନ, ୬୯ ବଲ ବନାମ ଆରସିବି
- ଏବି ଡି'ଭିଲର୍ସ (ଆରସିବି): ୧୨୯ ରନ, ୫୨ ବଲ, ବନାମ ଗୁଜରାଟ ଲାୟନ୍ସ

### ସର୍ବାଧିକ ଉଇକେଟ ହାସଲକାରୀ

- ଲସିଥ ମାଲିଙ୍ଗା (ଏମ୍‌ଆଇ): ୧୭୦
- ଅମିତ ମିଶ୍ର (ଡିସି): ୧୬୦
- ପୀୟୁଷ ଚାୱଲା (ଏମ୍‌ଆଇ): ୧୫୬
- ଡ୍ୱେନ ବ୍ରାଭୋ (ସିଏସ୍‌କେ): ୧୫୩
- ହରଭଜନ ସିଂ (କେକେଆର): ୧୫୦

### ଶ୍ରେଷ୍ଠ ମ୍ୟାଚ ଫିଗର

- ଆଲଜାରି ଜୋସେଫ (ଏମ୍‌ଆଇ): ୬/୧୨ ବନାମ ଏସଆରଏଚ୍
- ସୋହେଲ ତନଭୀର (ଆରଆର): ୬/୧୪ ବନାମ ସିଏସ୍‌କେ
- ଆଡାମ ଜାମ୍ପା (ଆରପିଏସ୍): ୬/୧୯ ବନାମ ଏସଆରଏଚ୍
- ଅନିଲ କୁମ୍ବଲେ (ଆରସିବି): ୫/୫ ବନାମ ଆରଆର
- ଈଶାନ୍ତ ଶର୍ମା (ଡିସି): ୫/୧୨ ବନାମ କେଟିକେ

### ଶ୍ରେଷ୍ଠ ଇକୋନୋମି ହାର

- ରଶିଦ ଖାଁ (ଏସଆରଏଚ୍): ୬.୨୪
- ଅନିଲ କୁମ୍ବଲେ (ଆରସିବି): ୬.୫୪
- ଗ୍ଲେନ ମ୍ୟାକଗ୍ରା (ଡିଡି): ୬.୬୧
- ମୁଥୟା ମୁରଲୀଧରନ (ସିଏସ୍‌କେ): ୬.୬୭
- ରୋଲୋଫ ଭାନ୍ ଡର୍ ମେରୱେ (ଆରସିବି): ୬.୭୪

**(ବିଦ୍ର: କେଟିକେ-କୋଚି ଟସ୍କର କେରଳ, ଆରପିଏସ-ରାଇଜିଂ ପୁଣେ ସୁପରଜ୍ୟାଣ୍ଟ, ଡିଡି-ଦିଲ୍ଲୀ ଡେୟାରଡେଭିଲ୍ସ, ପିଡବ୍ଲ୍ୟୁଆଇ-ପୁଣେ ୱାରିୟର୍ସ ଇଣ୍ଡିଆ)।**



ବିରାଟ କୋହଲି ଓ ରୋହିତ ଶର୍ମା

ଚେନ୍ନାଇ,୮।୪(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। କୋଭିଡ୍-୧୯ ମହାମାରୀ ପ୍ରକୋପ ଜାରି ରହିଥିଲେ ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍ ଆୟୋଜନ କରିବାକୁ ବଦ୍ଧପରିକର ଅଛି। ଏହା କ୍ରିକେଟ ଓ ପ୍ରଶଂସକଙ୍କ ପାଇଁ ନିଶ୍ଚିତ ଭାବେ ଶୁଭଙ୍କର। ଲିଗ୍ ଆରମ୍ଭ ହେବାକୁ ଯାଉଥିବାରୁ ସାରା ଦେଶରେ କ୍ରିକେଟ ପ୍ରଶଂସକ ବେଶ୍ ଉତ୍ସାହିତ ରହିଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ ଆଇପିଏଲ୍ ଏଥର ସମସ୍ତଙ୍କ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି।

ଦେଶ ପାଇଁ ଏକାଠି ଖେଳିଆସୁଥିବା ବିରାଟ କୋହଲି, ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନୀ, ସଞ୍ଜୁ ସାମସନ, ରିଷଭ ପନ୍ତ ଏବେ ବିଭିନ୍ନ ଦଳର ନେତୃତ୍ୱ ନେଇ ପରସ୍ପର ବିପକ୍ଷରେ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ପ୍ରସ୍ତୁତ ଅଛନ୍ତି। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଉଥିବା ରୋହିତ ଏଥର ହ୍ୟାଟ୍ରିକ ଟାଇଟଲ ହାସଲ କରିବାକୁ ପ୍ରୟାସ କରିବେ। ଗତ ସଂସ୍କରଣରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍‌ସ ପୁଣି ଥରେ ଟ୍ରାକ୍‌କୁ ଫେରି ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଥିବ। ସେହିପରି ଭାଗ୍ୟର ସହାୟତା ପାଉ ନ ଥିବା ଓ ଅଣ୍ଡର ଆଚିଭର କୁହାଯାଉଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପ୍ରଥମଥର ପାଇଁ ଚାମ୍ପିୟନ କରାଇବାକୁ ଅଧିନାୟକ କୋହଲି ଏଥର ପ୍ରାଣପଣେ ଚେଷ୍ଟା କରିବେ। ମହାମାରୀ ପାଇଁ ମାତ୍ର ୫ ମାସ ମଧ୍ୟରେ ଆଇପିଏଲ୍‌ର ଦୁଇଟି ସଂସ୍କରଣ ଆୟୋଜନ ହେବା ଫ୍ରାଞ୍ଚାଇଜ୍ ମାଲିକ ଓ ପ୍ରାୟୋଜକଙ୍କ ପାଇଁ ସେତେଟା ସୁବିଧାଜନକ ହୋଇ ନ ଥିବ। ସାରା ଦେଶରେ କରୋନା ମାମଲା ପୁଣି ଥରେ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏଥର ଆଇପିଏଲ୍ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଦର୍ଶକମାନେ ଷ୍ଟାଡିୟମରେ ବସି ଲମ୍ବା ଛକା ଓ ନୂଆ ଖେଳାଳିଙ୍କ ପ୍ରତିଭା ଦେଖିବାରୁ ବଞ୍ଚିତ ହେବେ।

ଶୁକ୍ରବାର ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁମ୍ବାଇ ଓ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ଭାରତ ଅଧିନାୟକ କୋହଲି ଓ ହ୍ୱାଇଟବଲ୍ ଉପଅଧିନାୟକ ରୋହିତ ମୁହାଁମୁହିଁ ହେବେ। କରୋନା କାରଣରୁ ବିନା ଦର୍ଶକରେ ମ୍ୟାଚ୍‌ଗୁଡିକ ଖେଳାଯିବ। କେତେଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପଜିଟିଭ ବୋଲି ଜଣାପଡିବା ପରେ ବୋର୍ଡ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମ୍ୟାଚ୍‌ଗୁଡିକ ପାଇଁ ବାୟୋ ବବଲକୁ ଆହୁରି କଡ଼ାକଡ଼ି କରାଯାଇଛି। ଆଇପିଏଲକୁ ସୁନ୍ଦର ଭାବେ ଆୟୋଜନ କରିବାକୁ ବିସିସିଆଇ ଆଶା ରଖିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ମହାମାରୀ ସତ୍ତ୍ୱେ ଗତ ସଂସ୍କରଣ ଅତି ସୁନ୍ଦର ଭାବେ ସଫଳତାର ସହ ଆୟୋଜିତ ହୋଇଥିଲା। ଭାରତରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଆଇପିଏଲ୍‌ର ଗୁରୁତ୍ୱ ଆହୁରି ବଢିଯାଇଛି। ବିଭିନ୍ନ ଦେଶର ପ୍ରାୟ ସବୁ ବିଶ୍ୱସ୍ତରୀୟ ଖେଳାଳି ଭିନ୍ନ ଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଆଇପିଏଲ୍ ମାଧ୍ୟମରେ ଟି୨୦ ବିଶ୍ୱକପ୍ ପାଇଁ ଏମାନେ ଅଭ୍ୟାସ ଓ ପ୍ରସ୍ତୁତି କରିବାର ସୁଯୋଗ ହାତଛଡ଼ା କରିବାକୁ ଚାହିଁବେ ନାହିଁ।

ଆଇପିଏଲରେ ରୋହିତ ସବୁଠାରୁ ସଫଳ ଅଧିନାୟକ ବିବେଚିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ମୁମ୍ବାଇ ୫ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଥର ୬ ଥର ଚାମ୍ପିୟନ ହେବା ସହ ମୁମ୍ବାଇ ଲିଗ୍‌ର ପ୍ରଥମ ହ୍ୟାଟ୍ରିକ ଟାଇଟଲ ହାସଲ କରିବାକୁ ପ୍ରୟାସ କରିବ। ଦୁଇ ଦଶନ୍ଧିର ଟି୨୦ ଯୁଗରେ ମୁମ୍ବାଇର ସଫଳତାକୁ ଆଦୌ ଅଣଦେଖା କରିହେବ ନାହିଁ। ଯଦି ରୋହିତ ଫେଲ୍ ମାରନ୍ତି ତା'ହେଲେ କ୍ୱିଣ୍ଟନ ଡିକକ୍ ସଫଳ ହେବେ। ଓପନର ହିସାବରେ ଯଦି ଦୁଇଜଣ ବିଫଳ ହୁଅନ୍ତି ତେବେ ଇଶାନ କିଷନ ଓ ସୂର୍ଯ୍ୟକୁମାର ଯାଦବ ସଫଳ ହେବେ। ଯଦି ଟପ୍ ଅର୍ଡର ବିଫଳ ହୁଏ ତେବେ ହାର୍ଦ୍ଦିକ ଓ କୃନାଲ ପାଣ୍ଡ୍ୟା ଦକ୍ଷତା ପ୍ରତିପାଦନ କରିବେ। କିରନ ପୋଲାର୍ଡ ନିଜ ବିସ୍ଫୋରକ ବ୍ୟାଟିଂ ବଳରେ ଦଳକୁ ବଡ଼ ସ୍କୋର ପ୍ରଦାନ କରିବେ। ଚେନ୍ନାଇ ଟ୍ରାକ୍‌ରେ ଅବଶ୍ୟ ସ୍ପିନର ସୁବିଧାଜନକ ସ୍ଥିତିରେ ରହିବେ। ଟ୍ରେଣ୍ଟ ବୋଲ୍ଟ ନିଜ ସୁଇଂ ଓ ରାହୁଲ ଚହର ଗୁଗ୍‌ଲି ମାଧ୍ୟମରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ନିଜ ଖରାପ ଦିନରେ ମୁମ୍ବାଇ ହାରିପାରେ। କିନ୍ତୁ ଭଲ ଦିନରେ ମୁମ୍ବାଇ ପ୍ରତିପକ୍ଷ ଦଳ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହେବ ବୋଲି ଇଂଲଣ୍ଡ ପୂର୍ବତନ ଅଧିନାୟକ ମାଇକେଲ ଭନ୍ ସତର୍କ କରାଇଛନ୍ତି।

ରୋହିତଙ୍କ ବିପକ୍ଷରେ ରହିଛନ୍ତି କୋହଲି। ନୂଆ ରୂପରେ ବାଙ୍ଗାଲୋର ଏଥର କୋହଲିଙ୍କ ନେତୃତ୍ୱରେ ଅଲଗା କିଛି କରି ଦେଖାଇବାକୁ ପ୍ରସ୍ତୁତ ରହିଛି। ଦଳରେ ଗ୍ଲେନ ମ୍ୟାକ୍ସୱେଲ ଓ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିଶନ ସାମିଲ ହୋଇଛନ୍ତି। ଯୁବ ଓପନର ଦେବଦତ୍ତ ପଡିକାଲ ଦ୍ୱିତୀୟ ସେସନରେ ଖେଳିବେ। ସ୍ପିନର ଯୁଜବେନ୍ଦ୍ର ଚହଲ ଅବଶ୍ୟ ପୁରୁଣା ଫର୍ମରେ ନାହାନ୍ତି। ମୁମ୍ବାଇ ତୁଳନାରେ ବାଙ୍ଗାଲୋର ଟିକିଏ ସମସ୍ୟାରେ ଥିବାପରି ଜଣାପଡୁଛି। ମହମ୍ମଦ ସାମି ଓ ନବଦୀପ ସଇନି ହ୍ୱାଇଟ୍ ବଲ୍‌ରେ ସେତେଟା ପ୍ରଭାବୀ ହେବା ଜଣାପଡୁନାହିଁ।

### ଆଇପିଏଲ୍-୧୪

**ଆରସିବି ଦଳ:** ବିରାଟ କୋହଲି (ଅଧିନାୟକ), ଏବି ଡିଭିଲର୍ସ, ଦେବଦତ୍ତ ପଡିକାଲ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, କେନ୍ ରିଚାର୍ଡସନ, ୱାଶିଂଟନ ସୁନ୍ଦର, ପବନ ଦେଶପାଣ୍ଡେ, ଫିନ ଆଲେନ, ଶାହାବାଜ ଅହମଦ, ନବଦୀପ ସଇନି, ଆଡାମ ଜାମ୍ପା, କାଏଲ ଜେମିଶନ, ଗ୍ଲେନ ମ୍ୟାକ୍ସୱେଲ, ରଜଦ ପଟିଦାର, ସଚିନ ବେବି, ମହମ୍ମଦ ଆଝାରୁଦ୍ଦିନ, ଡାନିଏଲ କ୍ରିଷ୍ଟିଆନ, ଏକ.ଏସ. ଭାରତ, ସୂୟାଶ ପ୍ରଭୁଦେଶାଇ, ଡାନିଏଲ ସାମ୍ସ ଓ ହର୍ଶାଲ ପଟେଲ।

**ମୁମ୍ବାଇ ଇଣ୍ଡିଆନ୍ସ ଦଳ:** ରୋହିତ ଶର୍ମା (ଅଧିନାୟକ), ଆଦିତ୍ୟ ତାରେ, ଅନମୋଲପ୍ରୀତ ସିଂ, ଧବଲ କୁଲକର୍ଣ୍ଣୀ, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଷନ, ଯଶପ୍ରୀତ ବୁମ୍‌ରା, ଜୟନ୍ତ ଯାଦବ, କିରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, କ୍ୱିଣ୍ଟନ ଡିକକ୍, ରାହୁଲ ଚହର, ସୂର୍ଯ୍ୟକୁମାର ଯାଦବ, ଟ୍ରେଣ୍ଟ ବୋଲ୍ଟ, କ୍ରିସ ଲିନ୍, ସୌରଭ ତିୱାରୀ, ମୋହସିନ ଖାଁ, ଆଡମ ମିଲନେ, ନାଥନ କୁଲଟର ନାଇଲ, ପୀୟୂଷ ଚାୱଲା, ମାର୍କ ଜନସନ, ଯୁଧବୀର ସିଂ, ଜେମ୍ସ ନିଶାମ ଓ ଅର୍ଜୁନ ତେନ୍ଦୁଲକର।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**
**ସ୍ଥାନ: ଚେପକ୍ ଷ୍ଟାଡିୟମ, ଚେନ୍ନାଇ**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**



ଆଇପିଏଲ୍-୧୪: ୮ ଦଳର ଅଧିନାୟକ (ବାମରୁ) ଡେଭିଡ୍ ୱାର୍ନର, ସଞ୍ଜୁ ସାମ୍‌ସନ୍, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ ଓ ଇଅନ ମୋର୍ଗାନ।

## ପୃଥ୍ୱୀ ଶ' ସ୍ପୋର୍ଜଏକ୍ସଚେଞ୍ଜର ବ୍ରାଣ୍ଡ ଆମ୍ବାସାଡର



**ମୁମ୍ବାଇ, ୮।୪ :** ଫାଣ୍ଟାସି ସ୍ପୋର୍ଟ୍ସର ପ୍ଲାଟଫର୍ମ ସ୍ପୋର୍ଜଏକ୍ସଚେଞ୍ଜର ପ୍ରମୋଟ କରିବେ କ୍ରିକେଟର। ଏହି ପରିପ୍ରେକ୍ଷୀରେ ସଂସ୍ଥା ପୃଥ୍ୱୀ ଶ'ଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ଦେଇଛି। ସଂସ୍ଥାର ଅଫରଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଆଗାମୀ ଆଇପିଏଲ୍/ଫାଣ୍ଟାସି ମ୍ୟାଚଗୁଡ଼ିକ ସମୟରେ ବ୍ରାଣ୍ଡର ପହଞ୍ଚକୁ ଦ୍ୱିଗୁଣିତ କରିବାରେ ପୃଥ୍ୱୀ ସହାୟକ ହେବେ। ସ୍ପୋର୍ଜଏକ୍ସଚେଞ୍ଜର ଫାଣ୍ଟାସି କ୍ରିକେଟର କ୍ଲାସିକ ସଂସ୍କରଣର ଉପଲବ୍ଧ କରାଉଛି। ପୃଥ୍ୱୀ କହିଛନ୍ତି, ସ୍ପୋର୍ଜଏକ୍ସଚେଞ୍ଜ ଜରିଆରେ ଫାଣ୍ଟାସି ସ୍ପୋର୍ଟ୍ସ ସହିତ ଜଡ଼ିତ ହୋଇଥିବାରୁ ସେ ଖୁବ୍ ଆନନ୍ଦିତ। ସ୍ପୋର୍ଜଏକ୍ସଚେଞ୍ଜରେ ଖେଳାଳିମାନେ ଭିନ୍ନ ଅନୁଭୂତି ଲାଭ କରିବେ। ଏହି ସଂସ୍ଥା ସହିତ ମୋର ଯାତ୍ରା ଜାରି ରହିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ବିଜୟ ହଜାରେ ଟ୍ରଫିର ଗୋଟିଏ ସିଜନରେ ୮୦୦ ରନ କରିବାରେ ପୃଥ୍ୱୀ ଏକମାତ୍ର ବ୍ୟାଟ୍ସମ୍ୟାନ ହେବାର ଗୌରବ ଲାଭ କରିଛନ୍ତି। ସ୍ପୋର୍ଜଏକ୍ସଚେଞ୍ଜର ଆଭିମୁଖ୍ୟକୁ ପୃଥ୍ୱୀ ଶ' ତାଙ୍କ କାର୍ଯ୍ୟରେ ପ୍ରତିଫଳିତ କରୁଛନ୍ତି ବୋଲି ଏହାର ପ୍ରତିଷ୍ଠାତା ତଥା ସିଇଓ ହରି ନାରାୟଣ କହିଛନ୍ତି।

## ହରେନ୍ଦ୍ର ଆମେରିକା ହକି ଦଳର କୋଚ୍

**କଲରାଡୋ ସ୍ପ୍ରିଙ୍ଗ୍ସ (ୟୁଏସ୍‌ଏ), ୮।୪ (ପି.ଟି.)**



ହରେନ୍ଦ୍ର ସିଂ

ଭାରତର ପୂର୍ବତନ ହକି କୋଚ୍ ହରେନ୍ଦ୍ର ସିଂ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ) ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ୨୦୧୨ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ହରେନ୍ଦ୍ର ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ଭାରତ ସିନିୟର ପୁରୁଷ ହକି ଦଳର କୋଚ୍ ଥିଲେ। ଏହା ପୂର୍ବରୁ ସେ କିଛି ସମୟ ଭାରତୀୟ ମହିଳା ଦଳର ଦାୟିତ୍ୱରେ ଥିଲେ। ଆମେରିକା ହକି ଦଳର କୋଚ୍ ଭାବେ ୫୫ବର୍ଷୀୟ ହରେନ୍ଦ୍ରଙ୍କ କାର୍ଯ୍ୟକାଳ ସ୍ପଷ୍ଟ କରାଯାଇ ନାହିଁ। ତେବେ ସେ ତାଙ୍କ କାର୍ଯ୍ୟକାଳ ସମୟରେ ପରିବାର ସହ ଆମେରିକାରେ ରହିବେ। ହରେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଭାରତୀୟ ପୁରୁଷ ହକି ଦଳ ୨୦୧୮ରେ ଓମାନର ମସ୍କଟ୍‌ଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭୁବନେଶ୍ୱରରେ ୨୦୧୮ରେ ଅନୁଷ୍ଠିତ ପୁରୁଷ ବିଶ୍ୱକପ୍‌ରେ ଭାରତ ୫ମ ସ୍ଥାନ ଅଧିକାର କରିଥିଲା। ପୁରୁଷ ଦଳ ଆହୁରି ମଧ୍ୟ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଏକ ରୌପ୍ୟ ଓ ୨୦୧୮ ଏସିଆନ ଗେମ୍ସରେ ଏକ ବ୍ରୋଞ୍ଜ ଜିତିଥିଲା। ହରେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଭାରତୀୟ ମହିଳା ଦଳ ୨୦୧୭ ଏସିଆ କପ୍‌ରେ ଏକ ସ୍ୱର୍ଣ୍ଣ ଜିତିଥିଲା। ସେ ଜାତୀୟ ଜୁନିୟର ହକି ଦଳର କୋଚ ଭାବେ ମଧ୍ୟ କାର୍ଯ୍ୟକରିଛନ୍ତି। ୨୦୧୬ରେ ସେ ଭାରତକୁ ପୁରୁଷ ଜୁନିୟର ବିଶ୍ୱକପ୍ ଜିତାଇଛନ୍ତି। ଜାତୀୟ ଜୁନିୟର ଓ ସିନିୟର ଦଳଗୁଡ଼ିକୁ ମୋଟ ୩୫୦ରୁ ଅଧିକ ମ୍ୟାଚ ପାଇଁ କୋଚିଂ ଦେଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ଟୁର୍ନାମେଣ୍ଟରେ ସେ ୮ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୯ ବ୍ରୋଞ୍ଜ ଜିତାଇଛନ୍ତି। ହରେନ୍ଦ୍ର କହିଛନ୍ତି, ଅନ୍ତର୍ଜାତୀୟ ହକିରେ ଆମେରିକା ସ୍ଥିତି ସୁଧାରିବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହେବ।

## ଶାରୀରିକ ଓ ମାନସିକ ସୁସ୍ଥତା ଗୁରୁତ୍ୱପୂର୍ଣ୍ଣ

**ଭିଭିଏସ୍ ଲକ୍ଷ୍ମଣ**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି୨୦ କ୍ରିକେଟ ଲିଗ୍ ଆଇପିଏଲ୍ ଆଉ କିଛି ଘଣ୍ଟା ପରେ ଆରମ୍ଭ ହେବାକୁ ଯାଉଛି। ଅନ୍ୟ ବର୍ଷଗୁଡ଼ିକ ତୁଳନାରେ ଏଥର ଟୁର୍ନାମେଣ୍ଟ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସମସ୍ତ ୮ଟି ଦଳକୁ ଏଥର ନୂଆ ପୋଷାକରେ ଦେଖିବାକୁ ମିଳିବ। ୮ ସପ୍ତାହ ଧରି ହେବାକୁଥିବା ଏହି ଟୁର୍ନାମେଣ୍ଟ ରୋମାଞ୍ଚପୂର୍ଣ୍ଣ ହେବ ନିଶ୍ଚୟ। ସବୁଦଳ ଯଦିଓ ଭଲ ଆରମ୍ଭ କରିବାକୁ ଚେଷ୍ଟାକରିବେ। କିଛି ଦଳ ପରବର୍ତ୍ତୀ ପର୍ଯ୍ୟାୟରେ ଲଢୁଆ ପ୍ରତ୍ୟାବର୍ତ୍ତନ ସହ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା ଦୃଷ୍ଟାନ୍ତ ରହିଛି। କୋଭିଡ୍ ଯୋଗୁ ଗତବର୍ଷ ୟୁଏଇରେ ଏହି ଟୁର୍ନାମେଣ୍ଟ ହେବା ପରେ ଦେଶକୁ ପୁଣି ପ୍ରତ୍ୟାବର୍ତ୍ତନ କରିଛି। ହେଲେ ବର୍ତ୍ତମାନ ଦେଶରେ କରୋନାର ଦ୍ୱିତୀୟ ଲହର ଯୋଗୁ ଟୁର୍ନାମେଣ୍ଟର ସଫଳ ଆୟୋଜନ ଏକ ଚ୍ୟାଲେଞ୍ଜ ହୋଇଛି। ପ୍ରତ୍ୟେକ ଦିନ କରୋନା ସଂକ୍ରମଣ ବୃଦ୍ଧିପାଇବାରେ ଲାଗିଛି। ତେଣୁ ଇଭେଣ୍ଟ ବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)କୁ କଡ଼ାକଡ଼ି ଭାବେ ମାନି ଚଳିବାକୁ ହେବ। ଖେଳାଳିମାନଙ୍କ ପାଇଁ ବଡ଼ କଥା ହେଲା ସେମାନଙ୍କୁ ବାୟୋ-ବବଲରେ ରହିବାକୁ ପଡ଼ିବ ଏବଂ ବିନା ଦର୍ଶକରେ ଖେଳିବେ। ସେମାନଙ୍କୁ ଉଭୟ ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ସଂଯମତା ଅବଲମ୍ବନ କରିବାକୁପଡ଼ିବ। ଟୁର୍ନାମେଣ୍ଟର ଗତ ସିଜନରେ ପ୍ଲେଅଫ୍‌ର ଚତୁର୍ଥ ସ୍ଥାନ ପାଇଁ ପ୍ରତିଯୋଗିତା ଜୋରଦାର ହୋଇଥିଲା। ଟୁର୍ନାମେଣ୍ଟ ଯଦିଓ ନିଜ ଘରକୁ ଫେରିଛି। କୌଣସି ଟିମ୍ ଏଥର ନିଜ ହୋମ୍‌ଗ୍ରାଉଣ୍ଡରୁ ଅତିରିକ୍ତ ଫାଇଦା ଉଠାଇପାରିବେ ନାହିଁ। ବିଭିନ୍ନ ଦେଶର ଅନ୍ତର୍ଜାତୀୟ ଖେଳାଳିମାନେ ଗତ ଅଗଷ୍ଟରୁ ଅନବରତ ବାୟୋ-ବବଲରେ ଅବସ୍ଥାନ କରିଆସୁଛନ୍ତି। ଏହା ସତ୍ତ୍ୱେ ସେମାନେ ଭଲ ପ୍ରଦର୍ଶନ କରିପାରୁଛନ୍ତି। ତେଣୁ ସେମାନଙ୍କୁ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବା ଟିମ୍ ମ୍ୟାନେଜମେଣ୍ଟର କାର୍ଯ୍ୟ। ସନରାଇଜର୍ସ ହାଇଦ୍ରାବାଦର ଖେଳାଳିମାନେ ଚେନ୍ନାଇସ୍ଥିତ ଏକ ହୋଟେଲର ସମ୍ପୂର୍ଣ୍ଣ ୩ଟି ମହଲାରେ ଅବସ୍ଥାନ କରୁଛନ୍ତି। ସେଠାରେ ଜିମ୍ ଓ ସୁଇମିଂପୁଲ୍‌ର ବ୍ୟବସ୍ଥା ରହିଛ, ଯଦ୍ୱାରା ଖେଳାଳିମାନେ ଆରାମ ଅନୁଭବ କରିପାରିବେ। ଅଣକ୍ରିକେଟ ଚିନ୍ତାରୁ ନିଜକୁ ଦୂରେଇ ରଖିପାରିବେ। ସନରାଇଜର୍ସର ମେଣ୍ଟର ଭାବେ ମୁଁ ଆମ ଦଳର ସମ୍ବଳକୁ ନେଇ ବେଶ୍ ଆଶାବାଦୀ। ଏପ୍ରିଲ ୧୧ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ଓପନିଂ ମ୍ୟାଚ ପାଇଁ ଆମକୁ ଦୁଇ ଖେଳାଳି ଜାସନ ହୋଲ୍ଡର ଓ ଜାସନ ରୟଙ୍କୁ ବାଦ ଦେଇ ଦଳ ମନୋନୟନ କରିବାକୁ ପଡ଼ିବ। ଆମ ଖେଳାଳିମାନେ ମିଳିତ ଭାବେ ଅଭ୍ୟାସ କରିବାକୁ କମ୍ ସମୟ ପାଇଛନ୍ତି। ଏହା ସତ୍ତ୍ୱେ ଦଳ ଟୁର୍ନାମେଣ୍ଟର ଭଲ ଆରମ୍ଭ କରିବ ବୋଲି ମୋର ଆଶା। ମୁହୂର୍ତ୍ତକୁ ମୁଁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛି।

(ଗେମ୍‌ପ୍ଲାନ୍)।

SEAGRAM'S
ROYAL STAG
PACKAGED DRINKING WATER

# ବିଷ୍ଣୁ, ଗଣପତି-ବରୁଣଙ୍କୁ ଅଲିମ୍ପିକ୍ ଯୋଗ୍ୟତା




**ନୂଆଦିଲ୍ଲୀ, ୮।୪ (ପି.ଟି.):** ଏକ ଐତିହାସିକ ଘଟଣା କ୍ରମରେ ପ୍ରଥମ ଥରପାଇଁ ଅଲିମ୍ପିକ୍ସରେ ୪ ଜଣ ଭାରତୀୟ ସେଲର ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଓମାନରେ ଏସୀୟ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ମୁସାନା ଓପନ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ବିଷ୍ଣୁ ସରଭାନନ ଏବଂ ଗଣପତି ଚେଙ୍ଗାପ୍ପା-ବରୁଣ ଠାକୁର ଯୋଡ଼ି ଟୋକିଓ ଟିକେଟ ହାସଲ କରିଛନ୍ତି। ବୁଧବାର ପ୍ରଥମ ଭାରତୀୟ ମହିଳା ସେଲରଭାବେ ନେତ୍ରା କୁମାନନ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲେ। ପ୍ରଥମଥରପାଇଁ ଭାରତ ଅଲିମ୍ପିକ୍ସରେ ୩ଟି ସେଲିଂ ଇଭେଣ୍ଟରେ ଭାଗନେବ। ପୂର୍ବରୁ ଅଲିମ୍ପିକ୍ସରେ ଭାରତ ଗୋଟିଏ ଇଭେଣ୍ଟରେ ଭାଗ ନେଇଆସୁଥିଲା। ୪ ଥର ଯାକ ୨ ଜଣ ସେଲର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ‘‘ଭାରତୀୟ ସେଲିଂ ଇତିହାସରେ ଏଥର ନୂଆ ଫର୍ଦ୍ଦ ଯୋଗ ହୋଇଛି। ୪ ସେଲର ୩ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଅଲିମ୍ପିକ୍ସରେ ଭାରତ ପାଇଁ ଏହା ସର୍ବାଧିକ ପ୍ରତିଯୋଗୀ ଏବଂ ଇଭେଣ୍ଟ’’ ବୋଲି ୟାଚିଂ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ କ୍ୟାପଟେନ ଜିତେନ୍ଦ୍ର ଦୀକ୍ଷିତ ପ୍ରକାଶ କରିଛନ୍ତି। ବର୍ଷବର୍ଷ ଧରି କଠିନ ପରିଶ୍ରମର ଏହା ଫଳ ବୋଲି ଭାରତୀୟ ସେଲିଂ କୋଚ୍ ଟୋମାଜ ଜାନୁଜେସ୍କି କହିଛନ୍ତି। ପୂର୍ବରୁ ଭାରତର ଫାରୁଖ ତାରାପୋରେ-ଧ୍ରୁବ ଭଣ୍ଡାରୀ ୧୯୮୪, ତାରାପୋରେ-କେଲି ରାଓ ୧୯୮୮, ତାରାପୋରେ-ସାଇରସ କାମା ୧୯୯୨ ଏବଂ ମାଲଭ ଶ୍ରଫ-ସୁମିତ ପଟେଲ ୨୦୦୪ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ।

# ହସ୍ପିଟାଲରୁ ଛାଡ଼ ପାଇଲେ ତେନ୍ଦୁଲକର

**ମୁମ୍ବାଇ, ୮।୪ (ପି.ଟି.)**

କରୋନାରେ ଆକ୍ରାନ୍ତ ଭାରତର ପୂର୍ବତନ ଅଧିନାୟକ ତଥା ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର ହସ୍ପିଟାଲରୁ ଛାଡ଼ପାଇଛନ୍ତି। ସେ କିନ୍ତୁ ବର୍ତ୍ତମାନ ନିଜ ବାସଭବନରେ ବିଶ୍ରାମ ନେବା ସହ ସେଲ୍‌ଫ ଆଇସୋଲେଶନରେ ରହିବେ। ଚଳିତ ମାସ ଶେଷରେ ୪୮ ବର୍ଷ ବୟସରେ ପଦାର୍ପଣ କରିବାକୁ ଥିବା ପୂର୍ବତନ ଖେଳାଳି ଗୁରୁବାର ଟୁଇଟରରେ ଏହା ସ୍ପଷ୍ଟ କରିଛନ୍ତି। କୋଭିଡ୍ ଟେଷ୍ଟରେ ତେନ୍ଦୁଲକର କରୋନା ପଜିଟିଭ ଥିବା ମାର୍ଚ୍ଚ ୨୭ରେ ଜଣାପଡ଼ିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏପ୍ରିଲ ୨ରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପରିବାରର ଅନ୍ୟ ସମସ୍ତ ସଦସ୍ୟଙ୍କ ଫଳାଫଳ କିନ୍ତୁ ନେଗେଟିଭ୍ ଆସିଥିଲା। କିମ୍ବଦନ୍ତୀ ଡାହାଣହାତୀ ବ୍ୟାଟ୍ସମ୍ୟାନ ଗତ ମାସରେ ରାୟପୁରରେ ଅନୁଷ୍ଠିତ ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଚ୍ୟାଲେଞ୍ଜ ଭେଟେରାନ୍ସ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଭେଣ୍ଟରେ ଚାମ୍ପିୟନ ହୋଇଥିଲା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ